R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୦
ତିଥି : ସପ୍ତମୀ
୧୭ ଜୁଲାଇ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 280
17 July 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ଅଧ୍ୟାଦେଶକୁ ମଞ୍ଜୁରୀ



- ୧୩ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ
- ଓଡ଼ିଶା ପମ୍ପଡ୍ ସଂରକ୍ଷଣ ପ୍ରକଳ୍ପ ମଞ୍ଜୁର
- ସମୃଦ୍ଧ ସହର ଯୋଜନା ଲାଗି ୪୮୭୯.୩୦ କୋଟି
- ଓଡ଼ିଶା ଆୟୁଷ ସହାୟକ ସଂଶୋଧନ ନିୟମ ମଞ୍ଜୁର
- ରାଇରଙ୍ଗପୁର ହେବ ନୂଆ ପୋଲିସ ଜିଲ୍ଲା
- ଡାଏଲ ୧୧୨ ଯୋଜନା ଲାଗି ୨୨୬୦.୭୯ କୋଟି
- ଆଦର୍ଶ ବିଦ୍ୟାଳୟର ମାସିକ ଭଡା ମୁକ୍ତ
- ଆଇଏଫ୍ଏମ୍ଏସ୍ ୩.୦ ଟିସିଏସ୍ ଟେଣ୍ଡର ମଞ୍ଜୁର
- ଓଡ଼ିଶା ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ ସଂଶୋଧନ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଫଳରେ କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ପାଇଁ ଏହି ସଂଶୋଧନ କରାଯାଇଛି । ବର୍ତ୍ତମାନ ଅଧିକାଂଶ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବା ସମାପ୍ତ ହେବାକୁ ଯାଉଛି । ନିୟମିତ କୁଳପତି ଚୟନ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ତେଣୁ ପ୍ରଚାରିତ ଆଇନ୍ ଅନୁଯାୟୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅନ୍ୟ ଏକ ବା ଏକାଧିକ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେବାରୁ ପରିଚାଳନାରେ ଅସୁବିଧା ଅନୁଭୂତ ହେବାରୁ ଏହାକୁ ସଂଶୋଧନ କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ ଆଜି ୧୧ ବିଭାଗରେ ୧୩ ପ୍ରସ୍ତାବକୁ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅନୁମୋଦନ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା (୯ ପୃଷ୍ଠାରେ)

## ବିଜେଡିର ଲୋକସେବା ଭବନ ଘେରାଉ



- ପୋଲିସର ପାଣି, ଟିୟର ଗ୍ୟାସ୍ ମାଡ
- ପ୍ରଣବ, ପ୍ରୀତିରଞ୍ଜନଙ୍କ ସମେତ ବହୁ ନେତା ଆହତ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତୀ ଘଟଣାର ପ୍ରତିବାଦରେ ବିଜେଡି ପକ୍ଷରୁ ଲୋକସେବା ଭବନ ଆଜି ଘେରାଉ କରାଯାଇଛି । ଏହି ଘେରାଉ କାର୍ଯ୍ୟକ୍ରମ ବେଳେ ହଜାର ହଜାର କର୍ମୀ ଏକାଠି ହୋଇଥିଲେ । ଲୋକସେବା ଭବନ ଆଡକୁ ଯିବାବେଳେକୁ ପ୍ରୟାସ କଲାବେଳେ ଲୋୟର ପିଏମଜି ଛକରେ ପୋଲିସ ସହ ସେମାନଙ୍କର (୯ ପୃଷ୍ଠାରେ)

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ

ବାଲେଶ୍ୱର, ୧୬।୦୭ (ସବ୍ୟୁ): ଫକୀରମୋହନ ସ୍ୱୟଂଶାସିତ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇ ଶେଷରେ ଆତ୍ମାହୁତି ଦେବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ପ୍ରସଙ୍ଗକୁ ନେଇ ବିରୋଧି ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଦିନ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରା ଯୋଗୁଁ ସମସ୍ତ ବ୍ୟାବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ , ବ୍ୟାଙ୍କ, ଡାକଘର, ଜୀବନବୀମା କାର୍ଯ୍ୟାଳୟ, କୋର୍ଟ କଚେରୀ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ସାଧାରଣ ଜନତା ମଧ୍ୟ ଏହି ବନ୍ଦ ପାଳନକୁ ସମର୍ଥନ ଦେବା ଫଳରେ ବନ୍ଦ ଏକ ପ୍ରକାର ସଫଳ ହୋଇଥିଲା । (୯ ପୃଷ୍ଠାରେ)

## କଂଗ୍ରେସର ଆଜି ଓଡ଼ିଶା ବନ୍ଦ

### ସବୁ ପେଟ୍ରୋଲ ପମ୍ପ ବନ୍ଦ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ପ୍ରଦେଶ କଂଗ୍ରେସ କମିଟି ସହ ୮ ରାଜନୈତିକ ଦଳ ପକ୍ଷରୁ ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଏହି ବନ୍ଦ ଡାକରା ଦିଆଯାଇଛି । ମହିଳାଙ୍କୁ ସମ୍ମାନ, ସୁରକ୍ଷା ପାଇଁ ଏହା ଓଡ଼ିଶା ଲୋକଙ୍କର ବନ୍ଦ ହେଉ ବୋଲି ମିଳିତ ବିରୋଧୀ ଦଳ କହିଛନ୍ତି।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ଯେ ବନ୍ଦରେ ଅତ୍ୟାବଶ୍ୟକ ସେବା ଆମ୍ବୁଲାନ୍ସ ଓ ରୋଗୀଙ୍କ ଚିକିତ୍ସା ବାଦ୍ ପଡିବ। ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ, ଅଦାଲତ, ବ୍ୟାଙ୍କ ଓ ବୀମାଭଳି ରାଷ୍ଟ୍ରାୟତ ଉଦ୍ୟୋଗକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏଥିପାଇଁ ଜନସାଧାରଣ ସହଯୋଗ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏଫଏମ୍ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସଦର ବିଧାୟକ, ବାଲେଶ୍ୱର ସାଂସଦ ଇସ୍ତଫା ଦେବାପାଇଁ ଦଳ ଦାବି କରିଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଯୋଗୁ ଲୋକଙ୍କୁ ଧନଜୀବନ ବିପନ୍ନ ହୋଇଛି। ଆଇନର (୯ ପୃଷ୍ଠାରେ)

### ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ଏଫ୍ଏମ୍ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମହିଳା, ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ଏସ୍ ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଡିଏସପି ଇମାନ କଲ୍ୟାଣ ନାୟକ ଏକ ସ୍ୱତନ୍ତ୍ର ଟିମ୍ ଏହି ମାମଲାର ତଦନ୍ତ କରିବେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଇନ୍ସପେକ୍ଟର ପାଞ୍ଚାଳୀ ରାଉତ ତଦନ୍ତକାରୀ ଅଫିସରଙ୍କୁ ସହଯୋଗ କରିବେ ବୋଲି କୁହାଯାଇଛି।

DSPL-174



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୩୧ ଜୁଲାଇ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR: 39001/13/0028/2526



## ଲବଙ୍ଗ ଚା’

ଚା’ ପିଇବାକୁ ସମସ୍ତେ ଭଲ ପାଆନ୍ତି । ଏହାକୁ କେବଳ ରିଫ୍ରେସ୍‌ମେଣ୍ଟ ନୁହେଁ ବରଂ ଔଷଧୀୟ ଗୁଣ ପାଇଁ ମଧ୍ୟ ପିଇଥାଆନ୍ତି । ଏହି ତାଲିକାରେ ଅନେକ ପ୍ରକାର ଟି ସାମିଲ ଅଛି, ଯେପରି ଗ୍ରୀନ୍ ଟି, ଲେମନ୍ ଟି, ବ୍ଲାକ୍ ଟି ଆଦି । ସେହିଭଳି ଏକ ଚା ହେଲା କ୍ଲୋଭ ଟି ବା ଲବଙ୍ଗ ଚା’ । ଏହା ଆମର ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହାର ସ୍ୱାଦ ଯେପରି ନିଆରା ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଉପକାରୀ । ଏହାକୁ ଆପଣ ବିଶେଷକରି ହେଭି ଖାଦ୍ୟ ଖାଇବା ପରେ ପିଅନ୍ତୁ, ଖୁବ ଆରାମ ମିଳିଥାଏ । ଏହା ପ୍ରାକୃତିକ ଉପାୟରେ ଆମ ପାଚନତନ୍ତ୍ରକୁ ସୁଧାରିବାରେ ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଭରି ହୋଇ ରହିଥାଏ, ଯାହା ଆମ ପାଟିର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ । ଏହା ଆମ ଦାନ୍ତକୁ ଶକ୍ତି କରିବା ସହିତ ପାଟିର ଦୁର୍ଗନ୍ଧକୁ କମାଇଥାଏ । ସେହିଭଳି ଏହା ଷ୍ଟ୍ରେସ୍ ରିଲିଭର ଭାବେ ମଧ୍ୟ କାମ କରିଥାଏ । ଏହା ବ୍ଲଡ୍ ସୁଗାର ଲେବଲକୁ ମ୍ୟାନେଜ୍ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାର ବାସ୍ନା ଖୁବ ସୁନ୍ଦର ହୋଇଥାଏ, ଯାହାଫଳରେ ଏହା ଆମର ମନକୁ ମଧ୍ୟ ଶାନ୍ତ କରିଥାଏ । ଏହି ଚା’ରେ ଭିଟାମିନ୍ ସି ଭରି ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ ।

## ସୋସିଆଲ କୋଟ୍ସ



“ମିଡିଆକୁ ସବୁବେଳେ ଡ୍ରାମା ପସନ୍ଦ । ତେଣୁ ବେଳେବେଳେ ଏହି କାରଣରୁ ମୋ ପରିବାର ଖୁବ ହଇରାଣ ହୋଇଥାଏ । ସେହିଭଳି ମୋ ବିବାଦଙ୍କୁ ଶିଳ୍ପାଙ୍କ ନାଁ ଟାଣିବା ଗ୍ରହଣୀୟ ନୁହେଁ ।

ରାଜ କୁନ୍ଦ୍ରା, ଶିଳ୍ପପତ



“ସବୁଠାରୁ ବଡ ସ୍ୱପ୍ନ ଥିଲା କି ମୋ ଗୀତ ଟି ସିରିଜ୍‌ରେ କିଭଳି ବାଜିବ । ତାହା କିଛି ଦିନ ତଳେ ସତ ହୋଇଛି ।

ଅଲ୍ଲୁ ଅର୍ଜୁନ, ଅଭିନେତା





“ଫିଲ୍ମ ତିସ୍ ତିଆରି କରିବାକୁ ଖୁବ ପରିଶ୍ରମ କରିଛି । ହେଲେ ଏହାକୁ ନେବାକୁ ନେଟ୍‌ଫ୍ଲିକ୍ସ ମନା କରିଦେଇଥିଲା, ଯାହା ମତେ ଖୁବ ବାଧିଥିଲା । ସେତେବେଳେ ମୁଁ ଡିପ୍ରେସନକୁ ପଳେଇଥିଲି ।

ଦିବାକର ବାନାର୍ଜୀ, ନିର୍ଦ୍ଦେଶକ

## ବିଶ୍ୱ ଇମୋଜି ଦିବସ

ପ୍ରତିବର୍ଷ ଜୁଲାଇ ୧୭ରେ ପାଳନ ହୋଇଥାଏ ବିଶ୍ୱ ଇମୋଜି ଦିବସ । ବର୍ତ୍ତମାନ ଇଣ୍ଟରନେଟ ଯୁଗରେ ମୋବାଇଲ ହେଉ କିମ୍ବା ଲାପ୍‌ଟପ୍ ସବୁସ୍ଥାନରେ ଇମୋଜିର ବ୍ୟବହାର ଖୁବ ଅଧିକ ରହିଛି । ସମସ୍ତେ ବର୍ତ୍ତମାନ ନିଜ ମନର ଭାବ ପ୍ରକାଶ କରିବାକୁ ଇମୋଜିର ସହାୟତା ନେଉଛନ୍ତି । ଏହା ବିଶେଷଭାବେ ସହାୟକ ହେଉଛି କଥା ହେବାକୁ । ଏପରିକି ଏହା ଏକ ଧାଡି ଲେଖିବାର ସମୟ ମଧ୍ୟ କମାଉଛି । ତେବେ ମୋବାଇଲରେ ବିଭିନ୍ନ ପ୍ରକାରର ଇମୋଜି ଦେଖିବାକୁ ମିଳିଥାଏ । ୨୦୦୨ ଜୁଲାଇ ୧୭ରେ ଏହି ଇମୋଜିର ଉଦ୍ଭାବନ କରାଯାଇଥିଲା, ଯାହା ପ୍ରଥମ ଥର ପାଇଁ ଆପଲ୍ କମ୍ପାନୀ ପକ୍ଷରୁ ବ୍ୟବହାର କରାଯାଇଥିଲା । ପ୍ରଥମେ ଏକ ଇଷ୍ଟର ଏଗ୍‌କୁ ଇମୋଜି ଭାବେ ବ୍ୟବହାର କରାଯାଇଥିଲା । ୨୦୧୭ରେ ଏହାକୁ ଏକ ଦିବସ ଭାବେ ପାଳନ କରାଯିବାପାଇଁ ପ୍ରସ୍ତାବ ଦିଆଯାଇଥିଲା । ଯାହା ପରଠାରୁ ଏହାକୁ ଦିବସ ଭାବେ ପାଳନ କରାଯାଉଛି ।





## ପିଠି ଯନ୍ତ୍ରଣା ପାଇଁ ଲାଭଦାୟକ ଚାଲିବା

ଅନେକ ସମୟରେ ଆମ ପିଠିରେ ଖୁବ ଯନ୍ତ୍ରଣା ହୋଇଥାଏ, ଯାହାକୁ କ୍ରୋନିକ ବ୍ୟାକ୍‌ପେନ୍‌ର ଆଖ୍ୟା ଦିଆଯାଇଥାଏ । ତେବେ ଏହି ପିଠି ଯନ୍ତ୍ରଣା ପାଇଁ ଚାଲିବା ଏକ ଭଲ ବିକଳ୍ପ । ପ୍ରତିଦିନ କିଛି ସମୟ ଚାଲିବା ଫଳରେ ଆମେ ଏହି ସମସ୍ୟାରୁ ମୁକ୍ତି ପାଇ ପାରିବା । ଏକ ରିପୋର୍ଟ ଅନୁସାରେ ଦିନକୁ ଏକ ଘଣ୍ଟାରୁ ଅଧିକ ସମୟ ଚାଲିବା ଆମର ପିଠି ଯନ୍ତ୍ରଣାକୁ କମ କରିଥାଏ ଏବଂ ଏହା ହେବାର ଆଶଙ୍କାକୁ ମଧ୍ୟ କମାଇଥାଏ । ଏନେଇ ଏକ ଗବେଷଣା କରାଯାଇଥିଲା । ଯେଉଁଠି ପାଖାପାଖି ଏକ ହଜାରରୁ ଅଧିକ ଲୋକଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା । ସେମାନଙ୍କ ସମସ୍ତଙ୍କ ବୟସ ସେଇ ପାଖାପାଖି ୨୦ ବର୍ଷ କିମ୍ବା ତାଠାରୁ ଅଧିକ । ଯେଉଁମାନେ ଏଥିରେ ସବୁଦିନ ଚାଲୁଥିଲେ ସେମାନଙ୍କର ପିଠି ଯନ୍ତ୍ରଣା କମିବାର ଆଶା ଖୁବ ଅଧିକ ରହିଥିଲା । ଏପରିକି ସେମାନଙ୍କର ପୂର୍ବରୁ ଥିବା ପିଠି ଯନ୍ତ୍ରଣା ଭଲ ହେଉଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ପ୍ରତିଦିନ ଚାଲିବା କେବଳ ପିଠି ଯନ୍ତ୍ରଣା ନୁହେଁ ଅନ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମଧ୍ୟ ଉପକାରୀ ହୋଇଥାଏ । କୋଲଷ୍ଟ୍ରୋଲ, ଓବେସିଟି, ବଦହଜମି, ହାର୍ଟହେଲ୍ଥ ଭଳି ଅନେକ ସମସ୍ୟା ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।

## ଇତିହାସ

୧୪୮୯– ନିଜାମ ଖାନ୍‌ଙ୍କୁ ସିକନ୍ଦର ଶାହ ଲୋଦୀ ଦ୍ୱିତୀୟ ନାମରେ ଦିଲ୍ଲୀ ସୁଲତାନ ଘୋଷିତ କରାଗଲା ।

୧୭୧୨– ଯୁଦ୍ଧବିରାମ ଚୁକ୍ତି ପ୍ରସଙ୍ଗରେ ଇଂଲଣ୍ଡ, ପର୍ତ୍ତୁଗାଲ ଓ ଫ୍ରାନ୍ସର ସ୍ୱାକ୍ଷର ।

୧୮୫୦– ହାର୍ଭାର୍ଡ ଅବଜର୍‌ଭେଟୋରୀ ତାରାର ପ୍ରଥମ ଫଟୋ ଉତ୍ତୋଳନ କଲା ।

୧୮୯୩– ଇଂଲଣ୍ଡର ଆର୍ଥର ଶ୍ରେସ୍‌ବେରୀ ଟେଷ୍ଟ କ୍ରିକେଟ୍‌ରେ ପ୍ରଥମ କରି ୧୦୦୦ ରନ୍ କଲେ ।

୧୯୨୯– ଚୀନ୍ ଠାରୁ କୁଟନୀତିଜ୍ଞ ସମ୍ପର୍କ ଛିନ୍ନ କଲା ସୋଭିଏତ୍ ସଂଘ ।

୧୯୪୩– ପରମବୀର ଚକ୍ର ସମ୍ମାନିତ ରବି କିଶନ ଶୁକ୍ଲାଙ୍କ ଜନ୍ମ ।

୧୯୪୭– ଭାରତୀୟ ଯାତ୍ରୀବାହୀ ଜାହାଜ ରାମଦାସ ମୁମ୍ବାଇ ନିକଟରେ ବୁଡିଯାଇ ୬୨୫ ଲୋକଙ୍କ ମୃତ୍ୟୁ ହୋଇଥିଲା ।

୧୯୪୮– ଭାରତରେ ମହିଳାମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ତଥା ଭାରତୀୟ ପୋଲିସ ସେବା ସମେତ ସମସ୍ତ ସାର୍ବଜନୀନ ସେବାରେ ସାମିଲ କରାଗଲା ।

୧୯୫୦– ପଞ୍ଜାବର ପଠାନକୋଟରେ ପ୍ରଥମ ଭାରତୀୟ ଯାତ୍ରୀବାହୀ ବିମାନର ଦୁର୍ଘଟଣା ।

୧୯୯୫– ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କୁ ଫୋର୍ବସ୍ ମାଗାଜିନ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଘୋଷିତ କଲା ।

୨୦୦୫– ଆର୍‌ବିଆଇର ୧୪ତମ ଗଭର୍ଣ୍ଣର ଆଇ ଜି ପଟେଲଙ୍କ ନିଧନ ।

୨୦୦୬– ମହାକାଶ ଯାନ ଡିସ୍କଭରୀ ୧୩ ଦିନ ମହାକାଶ ଯାତ୍ରା ପୂରା କରି ଫ୍ଲୋରିଡାସ୍ଥିତ କେପ୍ କେନବରା ସ୍ପେସ୍ ସେଣ୍ଟରକୁ ଫେରିଲା ।

୨୦୧୪– ମାଲେସିଆ ଏୟାରଲାଇନ୍ସର ବିମାନ ୧୭ ଦୁର୍ଘଟଣାଗ୍ରସ୍ତ ହୋଇ ୨୮୩ ଲୋକଙ୍କ ମୃତ୍ୟୁ ।

## ମସ୍ତିଷ୍କ ନିୟନ୍ତ୍ରକ ଉପକରଣ

ଚୀନରେ ଏଭଳି ଅନକ ଗବେଷଣା ହୋଇଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେଉଛି, ଯେଉଁଥିରେ ମହୁମାଛିଙ୍କ ମସ୍ତିଷ୍କରେ ଏକ ଡିଭାଇସ ଲଗାଯାଉଛି । ଯାହା ଦ୍ୱାରା ସେମାନଙ୍କର ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବଢୁଛି । ଏହି ପରିବର୍ତ୍ତନର ନାଁ ହେଉଛି ସାଇବର୍ଗ । ସେମାନେ ମହୁମାଛିକୁ ଏକ ସାଇବର୍ଗରେ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛନ୍ତି । ଏହି ବ୍ରେନ୍ କଣ୍ଟ୍ରୋଲରକୁ ବିଶ୍ୱର ସବୁଠାରୁ ହାଲୁକା ମସ୍ତିଷ୍କ ନିୟନ୍ତ୍ରକର ଆଖ୍ୟା ମିଳିଛି । ଏହାର ଓଜନ ରହିଛି ୭୪ ମିଲିଗ୍ରାମ, ଯାହା ମହୁମାଛିଙ୍କୁ ନିୟନ୍ତ୍ରଣ କରିବାରେ ସହାୟକ ହେଉଛି । ଏହି ଡିଭାଇସକୁ ମହୁମାଛିର ପିଠିରେ ଲଗାଯାଇଥାଏ ଯାହାପରେ ଏହାକୁ ଛୁଞ୍ଚି ସାହାଯ୍ୟରେ ମୁଣ୍ଡରେ ଇନସର୍ଟ କରାଯାଏ । ଏହା ଇଲୋକ୍ଟ୍ରୋନିକ୍ ପଲ୍ସକୁ ବ୍ୟବହାର କରି ମହୁମାଛିଙ୍କୁ କମାଣ୍ଡ ଦିଆଯାଇଥାଏ । ଏହି ଗବେଷଣାରୁ ଜଣା ପଡିଥିଲା କି ମହୁମାଛିକୁ ଦିଆଯାଉଥିବା ୧୦ଟି କମାଣ୍ଡ ମଧ୍ୟରୁ ସେମାନେ ୯ଟି ଶୁଣିଥିଲେ । ପୂର୍ବରୁ ମଧ୍ୟ ଏଭଳି ଡିଭାଇସର ନିର୍ମାଣ କରାଯାଇଛି, ହେଲେ ସେମାନଙ୍କର ଓଜନ ଖୁବ ଅଧିକ ଥିଲା ।






## ରାଜନୀତି କରିବା ଖୁବ କଷ୍ଟ

ଅଭିନୟରୁ ରାଜନୀତିରେ ପାଦ ଦେଇଥିବା କଙ୍ଗନା ରାଣାଓ୍ୱତ ବର୍ତ୍ତମାନ ନିଜ ଷ୍ଟେଟମେଣ୍ଟକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ନିକଟରେ ଏକ ସାକ୍ଷାତକାରରେ ସେ ଦେଇଥିବା ମତ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ବର୍ତ୍ତମାନ ସାଂସଦ ଭାବେ କାମ କରିବାକୁ ତାଙ୍କୁ ଆଉ ମଜା ଲାଗୁନିବୋଲି ସେ ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କୁ ଟିକେଟ ଦେବା ସମୟରେ ୬୦ ରୁ ୭୦ ଦିନ କାମ କରିବାକୁ ପଡିବ ବୋଲି କୁହାଯାଇଥିଲା । ଯାହା ପରେ ସେ ନିଜ କାମ କରିବାକୁ ଫ୍ରି ରହିବେ ବୋଲି କୁହାଯାଇଥିଲା । ଜଣେ ବ୍ୟକ୍ତି ସଚ୍ଚୋଟ ରହି ରାଜନୀତି କରିବା ଖୁବ କଷ୍ଟଦାୟକ । ସେହିଭଳି ନିଜ ସଂସଦୀୟ କ୍ଷେତ୍ରର ଲୋକଙ୍କ ପାଖକୁ ଯିବାଆସିବାରେ ହିଁ ତାଙ୍କର ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଉଛି । ସେହିଭଳି ତାଙ୍କ ଆଶା ଥିଲା କି ତାଙ୍କୁ ମନ୍ତ୍ରୀ କରାଯିବ ହେଲେ ସେଭଳି ମଧ୍ୟ ହେଲା ନାହିଁ । ସେ ପାର୍ଟି ପାଇଁ ଖୁବ କାମ କରିଛନ୍ତି, ହେଲେ ଫଳ ମିଳିଲାନି ବୋଲି କଙ୍ଗନା ମତ ଦେଇଛନ୍ତି । ସେ ପୂର୍ବ ସାଂସଦଙ୍କ ଅପେକ୍ଷା ଖୁବ ଅଧିକ କାମ ନିଜ ନିର୍ବାଚନ ମଣ୍ଡଳୀ ପାଇଁ କରିଥିବା ପ୍ରକାଶ କରିଛନ୍ତି ।



## ଏଆଇ ବୁଝିବ ପୋଷାଜୀବଙ୍କ ଭାଷା

ଲଣ୍ଡନର ଇକୋନୋମିକ୍ସ ଓ ପଲିଟିକାଲ ସାଇନ୍ସର ଗବେଷକମାନେ ପୋଷା ଜୀବମାନଙ୍କ ପାଇଁ ଏକ ଅଭିନବ ଫିଚର ଲଞ୍ଚ କରିଛନ୍ତି । ଏଥିରେ କିଭଳି ମଣିଷମାନେ ପୋଷା ଜୀବମାନଙ୍କର ଭାଷା ବୁଝି ପାରିବେ ସେନେଇ ଗବେଷଣା କରାଯାଇଛି । ଏହି ପ୍ରୋଜେକ୍ଟରେ ବିଭିନ୍ନ ଦିଗରେ ଗବେଷଣା କରାଯାଇଛି, ସେଥିରେ ସବୁଠାରୁ ଚର୍ଚ୍ଚାରେ ରହିଛି ଏଆଇର ବ୍ୟବହାର । କିଭଳି ଏଆଇକୁ ବ୍ୟବହାର କରି ଲୋକମାନେ ନିଜ ପୋଷା ଜୀବଙ୍କ ସହିତ କଥା ହୋଇ ପାରିବେ ତାକୁ ନେଇ ଗବେଷଣା କରାଯାଇଛି । ଏହି ଗବେଷଣାରେ ବିଭିନ୍ନ ବିଭାଗ ଯେପରି ପ୍ରାଣୀଚିକିତ୍ସା, ଏଆଇ, ଫିଲୋସଫି, ଆଚରଣ ବିଜ୍ଞାନ ଭଳିକୁ ସାମିଲ କରାଯାଇଥିଲା । ତେବେ ଏହାକୁ ନେଇ ବର୍ତ୍ତମାନ ଅଧିକ ଗବେଷଣା ଜାରି ରହିଛି ।

## ନିଜର ଯତ୍ନ

ଜୀବନରେ ଶାନ୍ତି ଚାହୁଁଥିଲେ ସର୍ବ ପ୍ରଥମେ ନିଜର ଯତ୍ନ ନେବା ଶିଖନ୍ତୁ । ନିଜକୁ ଅଗ୍ରାଧିକାର ଦେବା ସବୁଠାରୁ ଭଲ ଅଭ୍ୟାସ । ନିଜେ ଯାହା କରୁଛନ୍ତି ତାହା ଠିକ୍ କି ଭୁଲ ସେନେଇ ନିଜେ ତର୍ଜମା କରନ୍ତୁ । ସେହିଭଳି କେବେ ବି ଲାଇଫ୍‌ରେ ଅନ୍ୟମାନଙ୍କ ପ୍ରତିକ୍ରିୟାକୁ ନେଇ ସମ୍ବେଦନଶୀଳ ହୁଅନ୍ତୁ ନାହିଁ । ଯଦି ଆତ୍ମବିଶ୍ୱାସ କମିବ ତେବେ ଅନ୍ୟମାନଙ୍କ ରାୟ ଆପଣଙ୍କ ଉପରେ ପ୍ରଭାବ ପକାଇବ । ଆପଣ ସେଥି ପ୍ରତି ସମ୍ବେଦନ ହେବା ଆରମ୍ଭ କରିବେ । ଯାହାର ନକରାତ୍ମକ ପ୍ରଭାବ ଆପଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବ । ସବୁବେଳେ ନିଜକୁ ପ୍ରାୟୋରିଟି ଦିଅନ୍ତୁ । ନିଜେ ନିଜର ସବୁଠାରୁ ଭଲ ସାଙ୍ଗ ବନନ୍ତୁ, କେହି ଆପଣଙ୍କ ପ୍ରଶଂସା ନକଲେ ମଧ୍ୟ ନିଜେ ନିଜର ପ୍ରଶଂସା କରନ୍ତୁ । ଯେଉଁମାନେ ନିଜକୁ ଗୁରୁତ୍ୱ ଦେଇଥାଆନ୍ତି ସେମାନେ ଜୀବନରେ ବେଶ୍ ଉତ୍ସାହିତ ଓ ସକରାତ୍ମକ ରହିଥାଆନ୍ତି । ଏପରି କରିବା ଦ୍ୱାରା ଆପଣ ମାନସିକ ସ୍ତରରେ ବେଶ୍ ସକରାତ୍ମକ ରହିବେ ।

## ଏଫ୍ଏମ୍ କଲେଜର ଆହତ ଛାତ୍ରଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ

କଟକ,(ସବ୍ୟ):ଫକୀର ମୋହନ କଲେଜ (ଏଫ୍ଏମ୍)ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତ୍ୱର ଆହତ ହୋଇପଡ଼ିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଏସ୍ସିବି ମେଡ଼ିକାଲ କଲେଜର ବର୍ଣ୍ଣ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆହତ ଛାତ୍ର ଜ୍ୟୋତିପ୍ରକାଶଙ୍କୁ ଭେଟିବା ସହ ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ବିଶ୍ୱାଳ ଆହତ ଛାତ୍ରଙ୍କ ପିତାମାତାଙ୍କୁ ମଧ୍ୟ ଭେଟି ଆଶ୍ୱସନା ଦେବା ସହିତ ଚିକିତ୍ସା ନିମନ୍ତେ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସରକାର ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଯତ୍ନବାନ ଅଛନ୍ତି ଏବଂ ଦୋଷୀଙ୍କ ଉପରେ ଆଇନ୍ ଅନୁଯାୟୀ ଉଦାହରଣଯୁକ୍ତ କାର୍ଯ୍ୟ ହେବ ବୋଲି ଗଣମାଧ୍ୟମରେ ଶ୍ରୀଯୁକ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି ।

DSPL-176
Tele MANAS 14416
ରାଷ୍ଟ୍ରୀୟ 'ଟେଲି ମାନସ' ସହାୟତା
ଆପଣଙ୍କ ସେବାରେ
ଉପଲବ୍ଧ ପରାମର୍ଶ ସେବା :
• ମାନସିକ, ସ୍ନାୟୁବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ ।
• ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ ।
• ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ ।
• ମାନସିକ ଉପର ବଶବର୍ତ୍ତୀ ହେଉଥିଲେ ନିଃଶୁଳ୍କ ନଂ. ୧୪୪୧୬ ଅଥବା ୧୮୦୦-୮୯-୧୪୪୧୬ ରେ ପରାମର୍ଶ କରନ୍ତୁ ।
ମହିଳା ସହାୟତା କେନ୍ଦ୍ର ୧୮୧
ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ ।
OIPR: 10003/13/0237/2526
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

SIKSHA 'O' ANUSANDHAN
(Deemed to be University declared u/s.3 of the UGC Act.,1956)
Accredited (3rd cycle) by NAAC with A++ Grade
Celebrating 19th Foundation Day
NIRF Rankings-2024
National Institutional Ranking Framework
14th in University Category
26th in Engineering Category
21st in Medical Category
09th in Dental Category
09th in Law Category
QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201-1400 in QS World University Ranking
Instituion of Happiness
Recognized by QS I-Guage
THE WORLD UNIVERSITY RANKINGS 2025
801-1000 in THE World University Ranking
501-600 in Engineering Technology
601-800 in Computer Science
801-1000 in Health Sciences
201-300 in World Reputation Ranking
Statutory Approvals
Accreditations & Recognitions
Accredited by NAAC with Grade 'A++'
MAJOR INTERNATIONAL COLLABORATIONS
SOA HOSPITALS
IMS AND SUM HOSPITAL Kalinga Nagar, Bhubaneswar
IMS AND SUM HOSPITAL Phulnakhara, Bhubaneswar
IMS AND SUM HOSPITAL Sitalapalli, Brahmapur
SUM ULTIMATE MEDICARE Kalinga Nagar, Bhubaneswar
18 Research Centres in niche Areas
Atal Incubation Centre
Over 400 foreign Students from 30 countries
32 Professors of SOA figure among the Top 2% Scientists of the World as listed by Stanford University, USA
Startup & Incubation Centre
Empowering students for a brighter future



■ ENGINEERING AND TECHNOLOGY (Institute of Technical Education & Research)
■ MEDICAL SCIENCES (IMS AND SUM HOSPITAL, Kalinga Nagar) (IMS AND SUM HOSPITAL, Phulnakhara) (IMS AND SUM HOSPITAL, Sitalapalli, Brahmapur)
■ DENTAL SCIENCES (Institute of Dental Sciences)
■ MANAGEMENT SCIENCES (Institute of Business and Computer Studies)
■ PHARMACEUTICAL SCIENCES & BIOTECHNOLOGY (School of Pharmaceutical Sciences) (Centre for Biotechnology)
■ NURSING (Sum Nursing College, Kalinga Nagar) (Sum Nursing College, Phulnakhara)
■ HOSPITALITY & TOURISM MANAGEMENT (School of Hotel Management)
■ LEGAL STUDIES (SOA National Institute of Law)
■ AGRICULTURAL SCIENCES (Institute of Agricultural Sciences)
■ VETERINARY SCIENCE & ANIMAL HUSBANDRY (Institute of Veterinary Science and Animal Husbandry)
BHUBANESWAR, ODISHA, INDIA www.soa.ac.in





सत्यमेव जयते
National Conference on
Good Governance Practices
17-18 July 2025 | State Convention Centre, Bhubaneswar
Department of Administrative Reforms & Public Grievances
Government of India
General Administration and Public Grievance Department
Government of Odisha
DSPL-177
OIPR: 09014/13/0171/2526

# ଡିଜିଟାଲ ସଶକ୍ତିକରଣର ପ୍ରତୀକ ପାଲଟିଛନ୍ତି ମଞ୍ଜୁଲତା




ଭୁବନେଶ୍ୱର, (ପିଆଇବି): ଡିଜିଟାଲ ସଶକ୍ତିକରଣ ଦେଶର ସାଧାରଣ ନାଗରିକଙ୍କ ଭାଗ୍ୟରେ କିଭଳି ପରିବର୍ତ୍ତନ ଆଣିଛି ତାହାର ଏକ ଉଦାହରଣ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଜଣେ ମହିଳା ମଞ୍ଜୁଲତା ଦେବୀ । ୬୦ରୁ ୭୦ ପ୍ରତିଶତ ଜଙ୍ଗଲ ଘେରା ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଜନ ସେବା କେନ୍ଦ୍ର (ସିଏସସି) ଖୋଲି ସେ ଲୋକଙ୍କ ଘର ପାଖରେ ଡିଜିଟାଲ ସେବା ପହଞ୍ଚାଉଛନ୍ତି ।

ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଜନ ସେବା କେନ୍ଦ୍ର ଦିବସ ସମାରୋହରେ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ମଞ୍ଜୁଲତା ତାଙ୍କ ସଫଳତାର କାହାଣୀ କହିଛନ୍ତି । ମଞ୍ଜୁଲତା କହିଛନ୍ତି, ପ୍ରଥମେ ସେ ଜଣେ ଗୃହିଣୀ ଥିଲେ । ଏବେ ଜନ ସେବା କେନ୍ଦ୍ରରେ କାମ କରି ସେ ବହୁତ ଖୁସିରେ ଅଛନ୍ତି । ସବୁ ସରକାରୀ ସୁବିଧା ସେ ସ୍ଥାନୀୟ ଲୋକଙ୍କ ଘର ପାଖରେ ପହଞ୍ଚାଇପାରୁଛନ୍ତି । ସେ ଘରକୁ ଘର ବୁଲି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଗର୍ଭବତୀ ମା'ମାନଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେଉଛନ୍ତି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଧନ୍ୟବାଦ ଜଣାଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜିଲ୍ଲା ମୟୂରଭଞ୍ଜର ଆଉ ଜଣେ ସଶକ୍ତ ମହିଳା ମଞ୍ଜୁଲତାଙ୍କ କାରଣରୁ ଅନେକ ଚାଷୀଭାଇମାନଙ୍କୁ ନୂତନ ଜ୍ଞାନକୌଶଳର ଲାଭ ମିଳିପାରୁଛି । ଅତି କଠିନ ପରିସ୍ଥିତି ସତ୍ତ୍ୱେ ସେ ଡିଜିଟାଲ ଦକ୍ଷତା ଅର୍ଜନ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସଶକ୍ତ କରିପାରୁଛନ୍ତି ।

## ସଂସଦ ଘେରାଉ କରିବ କଂଗ୍ରେସ : ଅଲକା ଲାମ୍ବା

# ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା



ଭୁବନେଶ୍ୱର,(ସବ୍ୟ) : ଜୁଲାଇ ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ ସଂସଦ ଘେରାଉ କରିବ କଂଗ୍ରେସ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ଏଠି ସରକାରୀ ସିଷ୍ଟମ ପୂରା ଫେଲ। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ ବୋଲି ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଦାବି କରିଛନ୍ତି।

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଲାମ୍ବା କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଦୁଇ ଦିନ ହେବ ଲଗାତର ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଧବାର ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ କଥା ହୋଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସମ୍ପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରିଦେଲେ। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିଲା। ସେ ସମସ୍ତଙ୍କୁ ଜଣାଇଥିଲେ। ହେଲେ ସରକାର ନିରବ ଥିଲେ। ଓଡିଶାରେ ୪୦ ହଜାର ମହିଳା ନିଖୋଜ। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ଓଡ଼ିଶା ସମେତ ନଅ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢିଛି। ପୁଲିସ ଉପରେ ଚାପ ବଢିଛି। ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୋଷ, ମୁଖପାତ୍ର ଡ.ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡାରେ ଛାତ୍ରୀ ଆହତ

ଖୋର୍ଦ୍ଧା,(ସବ୍ୟ): ବେଗୁନିଆ ଶିକ୍ଷା ବ୍ଲକ ଅଧିନ ବାଘମାରୀ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ବିଷଧର ସାପ କାମୁଡାରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି । ଆହତ ଛାତ୍ରୀ ହେଲେ ଅମ୍ରିତା ବେହେରା (୯) । ସୂଚନା ଅନୁସାରେ, ଆଜି ବିଶ୍ୱ ସର୍ପ ଦିବସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । କିନ୍ତୁ ଠିକ୍ ଏହି ସମୟରେ ଖୋର୍ଦ୍ଧା ବାଘମାରି ସ୍ଥିତ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି । ପ୍ରାର୍ଥନା ସାରି ଶ୍ରେଣୀ ଗୃହକୁ ଯାଉଥିବା ସମୟରେ ସ୍ଥାନୀୟ ଅଂଚଳର ମିଥୁନ ବେହେରା ଙ୍କ ୯ବର୍ଷର ଝିଅ ଅମ୍ରିତା ବେହାରଙ୍କୁ ଏକ ନାଗ ସାପ ତାଙ୍କ ବାମ ପାଦକୁ ଚୋଟ ମାରିଥିଲା । ଛାତ୍ରୀଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଅନ୍ୟ କର୍ମଚାରୀଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅମ୍ରିତା ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ତେବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ରେ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବାବେଳେ ଅବସ୍ଥା ସ୍ଥିର ଥିବା ଛାତ୍ରୀଙ୍କ ବାପା ମିଥୁନ୍ ପ୍ରକାଶ କରିଛନ୍ତି । ବର୍ଷା ଦିନ ଯୋଗୁ ବିଦ୍ୟାଳୟରେ ଅନାବନା ଘାସ ସାଙ୍ଗକୁ ଅଳିଆ ସଫା ହେଉ ନଥିବାରୁ ବିଭିନ୍ନ ବିଷାକ୍ତ ସାପ ସାଙ୍ଗକୁ ପୋକଜକ ରହୁଥିବା କିଛି ଅଭିଭାବକ ଅଭିଯୋଗ କରିଛନ୍ତି ।

## ମହମ୍ମଦ ମୋକିମଙ୍କୁ ଭେଟିଲେ: ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା

କଟକ,(ସବ୍ୟ): ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ତାଙ୍କ କଟକ ଗ୍ରସ୍ତ ସମୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ତାଙ୍କ ସହିତ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗଦେଇଥିଲେ ଅଳକା ଲାମ୍ବା ଏବଂ କାଡାମଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୋକିମ ସ୍ୱାଗତ କରିଥିଲେ । ଓଡିଶାର ରାଜନୈତିକ ସାଂପ୍ରତିକ ପରିସ୍ଥିତି ସହିତ କଂଗ୍ରେସ ଦଳର ମହିଳା ସଂଗଠନ ବିଷୟରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ମହିଳା ସଂଗଠନ କିପରି ସୁଦୃଢ ହେବ ସେ ବିଷୟରେ ଦୁଇ ନେତୃବୃନ୍ଦ ବିସ୍ତୃତ ଆଲୋଚନା କରିଥିଲେ । ଏକମାତ୍ର ମହିଳା ବିଧାୟକ ଭାବେ ସୋଫିଆ ଫିରଦୋସ କଟକ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଜୟୀ ହୋଇଥିବାରୁ ସାରା ଓଡିଶାରେ ମହିଳା ସଙ୍ଗଠନକୁ କିପରି ସୁଦୃଢ କରାଯିବ ସେଥିପାଇଁ ଶ୍ରୀମତୀ ଲାମ୍ବା ବିଧାୟିକା ସୋଫିଆଙ୍କର ସହଯୋଗ ଚାହିଁଥିଲେ । ଏହି ଅବସରରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା ଉପରେ ମଧ୍ୟ ଆଲୋଚନା କରଯାଇଥିଲା

# ଜିଲ୍ଲା ସ୍ତରୀୟ ଡାଇରିଆ, ଡେଙ୍ଗୁ ଏବଂ ମ୍ୟାଲେରିଆ ପ୍ରତିରୋଧ କମିଟି ବୈଠକ




ଖୋର୍ଦ୍ଧା,(ସବ୍ୟ): ବୁଧବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଡାଇରିଆ, ଡେଙ୍ଗୁ ଓ ମ୍ୟାଲେରିଆ ପ୍ରତିରୋଧ ଓ ନିରାକରଣ ନିମିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ଜିଲ୍ଲାପରିଷଦ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ୨୭ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ଏହି ଭେକ୍ଟର ବାହିତ ଓ ଜଳ ବାହିତ ରୋଗ କୁ ନିୟନ୍ତ୍ରଣ କରିବା ତଥା ପ୍ରତିରୋଧ ଓ ନିରାକରଣ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା ।

ଡେଙ୍ଗୁ ରୋଗ ଏଡିସି ମଶା କାମୁଡିବା ଦ୍ୱାରା ବ୍ୟାପୁଥିବା ବେଳେ ଡାଇରିଆ ପ୍ରାୟ ଦୂଷିତ ଜଳ ପିଇବା ଦ୍ୱାରା ଏବଂ ମ୍ୟାଲେରିଆ ମାଇ ଏନୋଫିଲିଶ ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ ।

ସେହିପରି ଘର ଚତୁର୍ପାଶ୍ୱରେ ଖାଲଖମାରେ ଜଳରେ ଆନୋଫିଲିସ ମଶା ବଢେ ଓ ବଣ ବୁଦା ରେ ଆଶ୍ରୟ ନିଏ ଓ ସଂକ୍ରମିତ ଏନୋଫିଲିସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ଏବଂ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ନ କରିବା ଦ୍ୱାରା, ଅପରିଷ୍କାର ପରିବେଶ, ଅପରିଷ୍କାର ପାଣି ତଥା ପାଦରେ ଚପଲ ବ୍ୟବହାର ନ କରିବା ଇତ୍ୟାଦି କାରଣରୁ ଡାଇରିଆ ବ୍ୟାପିଥାଏ । ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ଏହି ସବୁ ଭେକ୍ଟର ବାହିତ ରୋଗ ର ପ୍ରବଣତା ଅଧିକ ରହିଥାଏ । ଏଣୁ କାର୍ଯ୍ୟନ୍ୱୟନ ବିଭାଗ ଯେପରି ମୁଖ୍ୟ, ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ଏହି ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରୋଗୀମାନଙ୍କର ରକ୍ତ ନମୁନା ପରୀକ୍ଷା, ଚିକିତ୍ସା ସେବା ଆଦି ସମସ୍ତ ବିଷୟ ବସ୍ତୁ ଉପରେ ପାୱାର ପଏଣ୍ଟ ଉପସ୍ଥାପନାରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଅସିତ୍ କୁମାର ଦାଶ ସମସ୍ତ ତଥ୍ୟ ପ୍ରକାଶ କରିଥିଲେ । ଜିଲ୍ଲାରେ ଗତ ୧୪ ତାରିଖ ସୁଦ୍ଧା ୧୩୭୧୮ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ତନ୍ମଧ୍ୟରୁ ଖୋର୍ଦ୍ଧା ଗ୍ରାମାଂଚଳ ଓ ଭୁବନେଶ୍ୱର ମହାନଗର ନିଗମ କୁ ନେଇ ୧୭୦ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇ ଥିବା ବେଳେ ସତର୍କତା ପଦକ୍ଷେପ ମୂଳକ ୪୫ ଜଣଙ୍କୁ ଆଡମିଟ କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଇ ୪୨ରୋଗୀଙ୍କୁ ଛଡା ଯାଇଛି । ଯାହାର ଟେମ୍ପରେଚର ପଲ୍ସ ଆଣ୍ଡ ରେସପିରେସନ୍ ୧.୨୪ ରହିଛି ।

ଏ ସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଗୁମାନସିଂହ ସ୍ୱାସ୍ଥ୍ୟ ବିଭାଗ ସହ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ସମସ୍ତ ବିଭାଗ ତ୍ୱରାନ୍ୱିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଜିଲ୍ଲାକୁ ତୃଣମୂଳ ସ୍ତରରୁ ସୁସ୍ଥ ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା କହିଲେ ଯେ ସ୍ୱାସ୍ଥ୍ୟ ଅମୂଲ୍ୟ ସମ୍ପଦ, ଉତମ ସ୍ୱାସ୍ଥ୍ୟବୀନା ସମାଜ ଉନ୍ନତି ହୋଇ ପାରେନା । ଏଣୁ ଆଶା ମାନଙ୍କୁ ନେଇ ବ୍ୟାପକ ସଚେତନତା କରାଇବା ସହ ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଗାଁ କଲ୍ୟାଣ ସମିତି ଜନ ପ୍ରତିନିଧି ମାନଙ୍କୁ ଏବଂ ସମସ୍ତ କାର୍ଯ୍ୟ ନ୍ୱୟନ ଯଥା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ସହରାଞ୍ଚଳରେ ପୌରପରିଷଦ, ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସମସ୍ତଙ୍କୁ ନେଇ ଜାଗ୍ରତ ପ୍ରହରୀ ରୂପେ ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଡିପିଏମ ଜାତୀୟ ସ୍ୱାସ୍ଥ୍ୟ ମିଶନ ଶୁଭକାନ୍ତ ଗନ୍ତାୟତ, ଡିପିଏଚ୍ଓ ଡାକ୍ତର ରଞ୍ଜନ କୁମାର ମିତ୍ର,ଏଡିପିଏଚଓ ଡାକ୍ତର ଜୀବନ୍ତ ଆଚାର୍ଜି, ଏଡିପିଏଚଓ ଡାକ୍ତର ନନ୍ଦିତା ଗୁପ୍ତା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ , ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ଯୋଗଦେଇଥିଲେ ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଘର ଉପରକୁ

# ଅଣ୍ଡାମାଡ ଘଟଣାରେ ୪ ଗିରଫ

ଭୁବନେଶ୍ୱର, (ସବ୍ୟ) : ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଘର ଉପରକୁ ଅଣ୍ଡା, ଟମାଟୋ, ପଥର ମାଡ କରିଥିବା ୪ଜଣ ଆନ୍ଦୋଳନକାରୀଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଆନ୍ଦୋଳନକାରୀମାନେ ହେଲେ ଆଦିତ୍ୟ ପ୍ରିତମ ଦାସ (୨୭), ସୌମ୍ୟରଞ୍ଜନ ଜେନା (୨୫), ଶୁଭଙ୍କର ସେଠୀ (୨୧) ଓ ବଳରାମ ସାହୁ (୨୨) । ଗତ ୧୫ ତାରିଖ ସନ୍ଧ୍ୟା ୭ଟାରେ ଅଭିଯୁକ୍ତମାନଙ୍କ ନେତୃତ୍ୱରେ ଏକ ନିର୍ଦ୍ଦିଷ୍ଟ ସଙ୍ଗଠନର ପ୍ରାୟ ୮/୧୦ଜଣ ସଦସ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ଘର ସମ୍ମୁଖରେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ପୋଲିସ ଦ୍ୱାରା ଏହି ସ୍ଥାନଟି ବିକ୍ଷୋଭ ପାଇଁ ବାରଣ କରାଯାଇଥିବା ସୂଚନା ଥିବାବେଳେ ସେମାନେ ଜୋରଜବରଦସ୍ତ ଘର ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ଓ ଘରେ ଥିବା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଭୟଭୀତ କରିବା ପାଇଁ ଧମକ ମଧ୍ୟ ଦେଇଥିଲେ ବୋଲି ପୋଲିସ କହିଛି । ବାରମ୍ବାର ଚେତାବନୀ ସତ୍ତ୍ୱେ ଅଭିଯୁକ୍ତମାନେ ଅନ୍ୟମାନଙ୍କ ସହିତ ମିଶି ମନ୍ତ୍ରୀଙ୍କ ବାସଭବନ ଉପରକୁ ଟେକାପଥର ମାଡ କରିଥିଲେ । ଏଥିରେ ପୋଲିସ ହସ୍ତକ୍ଷେପ କରିବାରୁ ସେମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା । ଯାହା ଫଳରେ ପୋଲିସକୁ ଆନ୍ଦୋଳନକାରୀମାନେ ଗାଳିଗୁଲଜ କରି ସରକାରୀ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥିବା ପୋଲିସ କହିଛି । ଧସ୍ତାଧସ୍ତିରେ ଦୁଇଜଣ ପୋଲିସ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଗିରଫ ଆନ୍ଦୋଳନକାରୀଙ୍କ ମଧ୍ୟରୁ ଆଦିତ୍ୟ ପ୍ରିତମ୍ ଦାସ ନାଁରେ ପୂର୍ବରୁ କ୍ୟାପିଟାଲ, ସହିଦନଗର, ଖାରବେଳ ଓ କେନ୍ଦ୍ରାପଡା ଥାନାରେ ୪ଟି ଅପରାଧିକ ମାମଲା ଥିବା ପୋଲିସ କହିଛି ।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ନେଇ ଭୋଗରାଇ ଥାନାରେ ଏତଲା

ଭୋଗରାଇ, (ସବ୍ୟ) : ଭଉଣୀର ଙ୍କ ମୃତ୍ୟୁ ଦେଇ ଭୋଗରାଇ ଥାନାରେ ଏତଲାଦେଇଛନ୍ତି ସୌମ୍ୟାଶ୍ରୀଙ୍କ ସାନଭାଇ ସୌମ୍ୟ ରଞ୍ଜନ ବିଶି। ସେ ତାଙ୍କ ଏତଲାରେ ତାଙ୍କ ବାପା,ମାଆ,ପରିବାର ଓ ମୃତ ଭଉଣୀଙ୍କ ନାମରେ ଅପପ୍ରଚାର କରି ଅପମାନିତ କରିବା ସହ ଚାପଗ୍ରସ୍ତ କରାଉଥିବା ଅଭିଯୋଗ କରି ସୌରଭ ବେହେରା, ଏସଏସପି ଶୁଭାଂଶୁ ଶେଖର,ଅଜୟ କୁମାର ପଣ୍ଡା ଓ ବୃଷଭାନୁ ପତି ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କନାମରେ ଭୋଗରାଇଥାନାରେ ଏତଲା ଦେଇଛନ୍ତି । ସେମାନେ ସୋସିଆଲ ମିଡ଼ିଆରେ ନାନା ପ୍ରକାର କୁତ୍ସା ରଟନା କରିବାର ସହ ଭଉଣୀର ଶବ ଉପରେ ରାଜନୀତି କରିବା ସହ ଆମର ଏ ଅସହ୍ୟ ଦୁଃଖଦ ପରିସ୍ଥିତିରେ ନିଷ୍ଠୁର ନିର୍ମମ ଅତ୍ୟାଚାର କରୁଥିବା ଅଭିଯୋଗ କରିଛନ୍ତି। ଏଥିସହ ସେ ମଧ୍ୟ ତାଙ୍କ ପରିବାର ଲୋକଙ୍କ ଜୀବନ ବିପଦରେ ଥିବା ମଧ୍ୟ ଏତଲାରେ ଦର୍ଶାଇ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଯଦି ଏହାର ପ୍ରତିକାର କରା ନଯାଏ ତେବେ ସପରିବାର ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ମଧ୍ୟ ଏତଲାରେ ଲେଖିଛନ୍ତି ।

## ବିଜେଡ଼ି ର ଶାନ୍ତିପୂର୍ଣ୍ଣ ପ୍ରତିବାଦ ଉପରେ

# ପୋଲିସର ନିର୍ମମ ଓ ଅମାନୁଷିକ ଆକ୍ରମଣକୁ ନବୀନଙ୍କ ନିନ୍ଦା

ଭୁବନେଶ୍ୱର,(ସବ୍ୟ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ ଡାକରା ଦିଆଯାଇଥିଲା । ଏଥିରେ ବିଜେଡ଼ି ର ହଜାର ହଜାର କର୍ମୀ ଶାନ୍ତିପୂର୍ଣ୍ଣ ଭାବରେ ଲୋୟାର ପିଏମଜି ଠାରେ ସୌମ୍ୟଶ୍ରୀ ଙ୍କୁ ନ୍ୟାୟ ଦାବି ରେ ପ୍ରତିବାଦ କରୁଥିବା ବେଳେ ସେମାନଙ୍କ ଉପରେ ପୋଲିସ ନିର୍ମମ ଓ ଅମାନୁଷିକ ଆକ୍ରମଣକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଡା ଭାଷାରେ ନିନ୍ଦା କରିଛନ୍ତି । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କାରୀଙ୍କ ଉପରେ ପୋଲିସର ଏଭଳି ଅତ୍ୟାଚାର କୁ ଶ୍ରୀ ପଟ୍ଟନାୟକ ବର୍ବୋରୋଚିତ ବୋଲି ବର୍ଣ୍ଣନା କରିଛନ୍ତି । ଏହି ଘଟଣା ରେ ବହୁ ବିଜେଡ଼ି କର୍ମୀ ଓ ସାଧାରଣ ଲୋକ ପୋଲିସ. ଆକ୍ରମଣରେ ଆହତ ହେବା ଖବର ରେ ଶ୍ରୀ ପଟ୍ଟନାୟକ ଉଦବେଗ ପ୍ରକାଶ କରିଛନ୍ତି । ପୋଲିସ ଆକ୍ରମଣ ରେ ଆହତ ସାଂସଦ ସୁଲତା ଦେଓ, ପ୍ରଣବ ପ୍ରକାଶ ଦାସ,ଓ ପ୍ରୀତିରଞ୍ଜନ ଘଡ଼ାଇ ଙ୍କ ସହ ଶ୍ରୀ ପଟନାୟକ ଫୋନ୍ ଯୋଗେ କଥା ହୋଇ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝି ଥିଲେ ଓ ଆଶୁ ଆରୋଗ୍ୟ କାମନା କରିଥିଲେ ।

# ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ




ଭୁବନେଶ୍ୱର,(ସବ୍ୟ): କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଲବୀ ଚକ୍ରଧର ବେହେରା । ଏହି ମହାନାୟକଙ୍କ ତ୍ୟାଗ, ତିତିକ୍ଷା, ନିଷ୍ଠା, ସଂଘର୍ଷ, ସାହସ, ସ୍ୱାଭିମାନ ଓ ଦେଶପ୍ରେମ ଅବର୍ଣ୍ଣନୀୟ ଅଟେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ । ବ୍ରିଟିଶ ଓ ରାଜକୀୟ ଶାସନର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆଜୀବନ ପ୍ରଜାଙ୍କ ହିତ ପାଇଁ ଲଢେଇ କରିଥିଲେ ବୋଲି ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସାହିତ୍ୟିକ ଡାକ୍ତର ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇ ଚକ୍ରଧର ବେହେରାଙ୍କ ତ୍ୟାଗପୂତ ଜୀବନାଦର୍ଶର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ଓ ଅନନ୍ୟ ବ୍ୟକ୍ତିତ୍ୱ । ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ । ତାଙ୍କୁ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ବୋଲି ଉଲ୍ଲେଖ କରି ଏହି ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଗାମୀ ପିଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ଡ. ଦାସ ଉଲ୍ଲେଖ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଥିଲେ ଯେ ଚକ୍ରଧର ବେହେରା ଥିଲେ ଜଣେ ସାଲିସ ବିହୀନ କ୍ରାନ୍ତିକାରି ପୁରୁଷ । ସେ ସମୟରେ ରାଜାଙ୍କ ଦ୍ୱାରା ଆଦାୟ କରାଯାଉଥିବା ୬୪ ପ୍ରକାର କର ଯାହା ପ୍ରଜାମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା, ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କନିକା ପ୍ରଜା ଆନ୍ଦୋଳନକୁ ସେ ସାମାଜିକ କ୍ରାନ୍ତିରେ ପରିଣତ କରିଥିଲେ । ଏହି ଆନ୍ଦୋଳନକୁ ତୀବ୍ରତର କରି ସେ ବ୍ରିଟିଶ ଶାସନ ତଥା ସ୍ଥାନୀୟ ରାଜାଙ୍କ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରି କାରବରଣ କରିଥିଲେ । ସେ କନିକା ରାଜା କିମ୍ବା ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ମୁଣ୍ଡ ନୁଆଁଇ ନଥିଲେ । ଚକ୍ରଧର ବେହେରା କେବଳ ଏକ ଜନନେତା ନ ଥିଲେ ବରଂ ସେ ଲୋକମାନେ ଭିତରେ ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ଆଲୋକ ଜାଗ୍ରତ କରିଥିଲେ । ତାଙ୍କର ଜୀବନାଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ଦାସ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ ।

ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍ବୀର ସିଂହ ମହାନ ଜନନାୟକ ବିପ୍ଲବୀ ଚକ୍ରଧର ବେହେରାଙ୍କ ସ୍ମୃତି ଚାରଣ କରିବା ପୂର୍ବକ ତାଙ୍କ ଜୀବନାଦର୍ଶ ରେ ଅନୁପ୍ରାଣିତ ହେବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଲବୀ ଚକ୍ରଧର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତରଙ୍ଗ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ଚକ୍ରଧର ବେହେରା ସ୍ମୃତି ସଂସଦର ସହସମ୍ପାଦକ ତଥା ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡା ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## କଂଗ୍ରେସର ବନ୍ଦ ଡାକରାକୁ ଜଗିବ ଏଆଇ କ୍ୟାମେରା ଓ ଡ୍ରୋନ୍

ଭୁବନେଶ୍ୱର, (ସବ୍ୟ) : ଏଫ୍ଏମ୍ କଲେଜ ସୌମ୍ୟାଶ୍ରୀ ମୃତ୍ୟୁ ମାମଲାରେ କଂଗ୍ରେସ ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଦୈତନଗରୀ ସମେତ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ । ଡିଜିପିଙ୍କ କାର୍ଯ୍ୟାଳୟରୁ ଆଇନଶୃଙ୍ଖଳା ମନିଟରିଂ କରାଯିବ । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବାନୁଯାୟୀ ଆଇନ ଭାଙ୍ଗିଲେ କଡା କାର୍ଯ୍ୟାନୁଷ୍ଠାନ ହେବ । ମେଡିକାଲ, ଔଷଧ ଦୋକାନ ଓ ଆମ୍ବୁଲାନ୍ସ ସେବାକୁ ଛାଡି ଅନ୍ୟାନ୍ୟ ସମସ୍ତ ସେବା ବନ୍ଦ ରହିବ । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଭୁବନେଶ୍ୱର ଓ କଟକରେ ଏଆଇ କ୍ୟାମେରା ଓ ଡ୍ରୋନ୍ ବ୍ୟବସ୍ଥା କରାଯାଇଛି । ଆନ୍ଦୋଳନକାରୀଙ୍କୁ ନଜର ରଖିବ କ୍ୟାମେରା ଓ ଡ୍ରୋନ୍ । ସାଦା ପୋଷାକରେ ପୋଲିସ ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖିବ ବୋଲି ପୋଲିସ କମିଶନର କହିଛନ୍ତି ।

କଂଗ୍ରେସ ବନ୍ଦ ଡାକରାକୁ ୮ ରାଜନୈତିକ ଦଳ ସମର୍ଥନ ଦେଉଛନ୍ତି । ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଦୋକାନ, ବଜାର, ସ୍କୁଲ, କଲେଜ, ଗାଡି ଚଳାଚଳ ବନ୍ଦ ରହିବ । ରାଜ୍ୟରେ ତିନୋଟି ପେଟ୍ରୋଲ ଡିପୋ ଓ ୩ ହଜାର ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ସୂଚନା ମିଳିଛି । ଓଡ଼ିଶା ବନ୍ଦ ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଲିସ ବ୍ୟବସ୍ଥା କରାଯାଇଛି । କଟକ, ଭୁବନେଶ୍ୱର, ଛକ, ବଜାର, ସରକାରୀ କାର୍ଯ୍ୟାଳୟ ସବୁଠି ପୋଲିସ ମୁତୟନ ହେବେ । ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉ କିନ୍ତୁ କୌଣସି ନେତା, କର୍ମୀ ଆଇନକୁ ହାତକୁ ନିଅନ୍ତୁ ନାହିଁ ବୋଲି ପୋଲିସ କମିଶନର କହିଛନ୍ତି ।

**ଥମୁନି ବାଘ ଶିକାର**

# ୩ କଲରାପତରିଆ ବାଘଛାଲ ଜବତ, ଶିକ୍ଷକଙ୍କ ସମେତ ୭ ଗିରଫ



ବାରିପଦା, (ସବ୍ୟୁ) : ଶିମିଳିପାଳ ସୁରକ୍ଷା ପାଇଁ ନୂତନ କରି ଗଠନ ହୋଇଥିବା ଶିମିଳିପାଳ ଓ୍ୱାଇଲ୍ଡ-ଲାଇଫ୍ ଇଣ୍ଟେଲିଜେନ୍ସ ନେଟ୍‌ଓ୍ୱାର୍କ ଗୁଇନ୍ଦା ବିଭାଗକୁ ମିଳିଛି ବଡସଫଳତା। ଏନେଇ ବୁଧବାର ବାରିପଦା ରେଞ୍ଜ କାର୍ଯ୍ୟାଳୟରେ ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପର ଉଚ୍ଚପଦସ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୩ଟି କଲରାପତରିଆ ବାଘଛାଲ ଜବତ ହେବା ଘଟଣା ସହ ଜଣେ ଶିକ୍ଷକଙ୍କ ସମେତ ୭ଜଣ ଅଭିଯୁକ୍ତ ଗିରଫ ହେବା ନେଇ ସୂଚନା ଦିଆଯାଇଥିଲା। ଏହି ନୂତନ ଗୁଇନ୍ଦା ସଂସ୍ଥାଙ୍କ ରିପୋର୍ଟ ଅନୁଯାୟୀ ବାରିପଦା ବନଖଣ୍ଡ ଅନ୍ତର୍ଗତ ଉଦଳା, ବଡସାହି ଓ ବେତନଟୀ ଅଞ୍ଚଳରେ ଅତର୍କୀତ ଚଢଉ କରି ଘଟଣାର ପର୍ଦ୍ଦାଫାସ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହି ବାଘଛାଲ ଗୁଡିକ ବହୁତ ଦିନ ତଳର ହୋଇଥିବାବେଳେ ଦୁଇଟି ବାଘଛାଲ ୫ବର୍ଷ ବୟସର ଏବଂ ଗୋଟିଏ ବାଘଛାଲ ୩ବର୍ଷ ବୟସର ବାଘ ବୋଲି ଜଣାଯାଇଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଜଣେ ଅଭିଯୁକ୍ତ ଘରେ ବାଘଛାଲ ରଖି ପୂଜାର୍ଚ୍ଚନା କରୁଥିଲେ ଓ ତାଙ୍କର ବିଶ୍ୱାସ ଥିଲା ଯେ, ଏହା କରିବା ଦ୍ୱାରା ଘରକୁ ଅଧିକ ଟଙ୍କା ଆସିବ ବୋଲି ବିଶ୍ୱାସ ରଖିଥିଲେ। ଗିରଫ ହୋଇଥିବା ୭ଜଣ ଅଭିଯୁକ୍ତ ବେପାରୀ ବୋଲି ଜଣାଯାଇଛି। ତେବେ ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କ ପଡୋଶୀ ରାଜ୍ୟ ଛତିଶଗଡ ସହିତ ଯୋଗାଯୋଗ ରହିଥିବା ଜଣାପଡିଛି।

ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବନବିଭାଗ ଉଦ୍ୟମ ଚଳାଇଛି। ଏହି ବାଘଛାଲ ଗୁଡିକ ଶିମିଳିପାଳର କି ନାହିଁ, ସେନେଇ ଅଧିକ ତଦନ୍ତ କରାଯାଉଅଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବଡସାହି ଥାନା ଅନ୍ତର୍ଗତ ଚନ୍ଦନଚଟ୍ଟୁରୀ ଗ୍ରାମର ରାଇସେନ୍ ଚାପେୟାର୍(୪୫), କାଣିମହୁଲି ଗ୍ରାମର ମନୋରଞ୍ଜନ ଟିପିରିଆ(୪୮), ପାଉଁସିଆ ଗ୍ରାମର ଗୁରୁପ୍ରସାଦ ପାତ୍ର, ଉଦଳା ଥାନା ଅନ୍ତର୍ଗତ କୁଟ୍‌ଲିଂ ଗ୍ରାମର ଚମ୍ପାଇ ମୁର୍ମୁ(୩୨), ଖୁଣ୍ଟା ଥାନା ଅନ୍ତର୍ଗତ କୁଆଁରପାଳ ଗ୍ରାମର ଶର୍ମିଶ୍ରୀ ସୋରେନ୍(୨୭), ସେହିପରି ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ସୁନାରାମ ହେମ୍ବ୍ରମ(୫୯) ଓ ନିଳଗିରି ଥାନା ଅଞ୍ଚଳର ଅମର କୁମାର ସିଂହ(୪୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଅର୍ଫାନ୍ ସର୍ଭେ ଆରମ୍ଭ, ଆମରି ଶିଶୁ ପୋର୍ଟାଲରେ ରହିବ ଶିଶୁଙ୍କ ତଥ୍ୟ



ବୁଗୁଡା, (ସବ୍ୟୁ): ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅର୍ଫାନ୍ ସର୍ଭେ-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ବୁଗୁଡା ବ୍ଲକ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତ%୦ାବଧାନ ଓ ମାର୍ଗଦର୍ଶନ ସାଙ୍ଗକୁ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି, ମମତା ଶବର, ସ୍ୱର୍ଣ୍ଣମୟୀ ନାୟକ, ଲିଲି ଶବର , ଗିତାଞ୍ଜଳୀ ବଡମୁଣ୍ଡି ଓ ଜାନକୀ ଦେବୀ ପ୍ରମୁଖଙ୍କ ନେତୃତ୍ୱରେ ଅଙ୍ଗନବାଡି କର୍ମୀମାନେ ଏହି ସର୍ଭେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି । ପିତୃମାତୃହୀନ ଶିଶୁଙ୍କୁ ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକ ଶିଶୁର ତଥ୍ୟ ଆମରି ଶିଶୁ ପୋର୍ଟାଲରେ ଦାଖଲ କରାଯିବା କାର୍ଯ୍ୟକ୍ରମ ରହିଛି ।

ବୁଗୁଡା ବ୍ଲକର ୨୧ଟି ପଞ୍ଚାୟତର ୯ଟି ସେକଟର ଅନ୍ତର୍ଗତ ୨୧୩ଟି ଅଙ୍ଗନଓ୍ୱାଡି କେନ୍ଦ୍ର ସହିତ ଏନ୍‌ଏସି ସେକଟର ଅଧୀନସ୍ଥ ୧୩ଟି ଓ୍ୱାର୍ଡରେ ଥିବା ୧୮ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଅର୍ଫାନ୍ ସର୍ଭେ-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜଣାଯାଇଛି । ସର୍ଭେ କାର୍ଯ୍ୟକ୍ରମରେ ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁ , ପିତା କିମ୍ବା ମାତାଙ୍କୁ ହରାଇଥିବା ଶିଶୁ, ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ କିମ୍ବା ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ବେରୋଜଗାର ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବା ଲକ୍ଷ୍ୟ ରହିଛି ।

୨୦୨୫ ମସିହା ଜୁନ୍ ମାସ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କ ଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି ଅର୍ଫାନ୍ ସର୍ଭେ-୨୦୨୫ ଅଭିଯାନରେ ଚିହ୍ନଟ କରାଯିବ । ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କୁ ଆବଶ୍ୟକତା ଅନୁଯାୟୀ ସଯନି ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ ବୋଲି କୁହାଯାଉଛି ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଫାଷ୍ଟଗେଟ ନିକଟ ଡୁଡୁମା କଲୋନୀ ମୁଖ୍ୟ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଧରାକୋଟ ଅଞ୍ଚଳର ମୁଳନିବାସୀ ମନୋଜ ସେଠୀ (୩୬) । ସେ ବର୍ତ୍ତମାନ ଦକ୍ଷିଣ ପୁରରେ ରହି ଟ୍ରକ ଚଳାନ୍ତି । ଟ୍ରାଫିକ ପୋଲିସ ବୁଧବାର ମୃତଦେହ ଜବତ କରିଛି । ମୃତକଙ୍କ ଭାଇ ସଞ୍ଜୟଙ୍କ ଅଭିଯୋଗ ଆଧାରରେ ପୋଲିସ ୪୧୧/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ମଙ୍ଗଳବାର ରାତ୍ର ସାଢେ ୯ଟା' ବେଳେ ମନୋଜ ନିଜର ସ୍କୁଟି ନଂ ଓଡ଼ି୦୭ ଏଆର ୬୩୭୪ରେ ଦକ୍ଷିଣପୁର ଫେରୁଥିଲେ । ଡୁଡୁମା କଲୋନୀ ନିକଟରେ ଏକ ଗାଡି ଧକ୍କା ଦେଇ ଚାଲିଯାଇଥିଲା । ସ୍କୁଟି ଚାଳକ ଜଣଙ୍କ ରାସ୍ତା ଉପରେ କଚାଡି ହୋଇ ତଳେ ପଡ଼ିଥିଲେ । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଋଣ କରାଇଦେବା ନାଁରେ ୨.୯୪ ଲକ୍ଷ ନେଇଗଲେ ସାଇବର ଠକ

ବ୍ରହ୍ମପୁର, (ସବ୍ୟୁ): ଚଞ୍ଚକତା କରି ସାଇବର ଠକ ମାନେ ଜଣେ ବ୍ୟକ୍ତିଙ୍କ ୩ଲକ୍ଷ ଟଙ୍କା ଚଳୁ କରି ଦେଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ଉପକଣ୍ଠ ସୋରଳ ନିକଟରେ ଥିବା ଏକ କମ୍ପାନୀରେ ଛତିଶଗଡ ଧାନବାଦର ଜଣେ ବ୍ୟକ୍ତି କାମ କରୁଛନ୍ତି । କିଛି ଦିନ ତଳେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ କ୍ରେଡିଟ-ବି ନାମକ ଏକ ଘରୋଇ ଋଣ ପ୍ରଦାନକାରୀ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେବା ସହ ଘରୋଇ ଋଣ କରାଇଦେବ ବୋଲି କହିଥିଲା । ସେହିକ୍ରମରେ ଧାନବାଦର ବ୍ୟକ୍ତି ଜଣଙ୍କ ନିଜର ସମସ୍ତ ପ୍ରକାର ଡକ୍ୟୁମେଣ୍ଟ ଦେଇଥିଲେ ।

ଡକ୍ୟୁମେଣ୍ଟ ଯାଞ୍ଚ କରିବା ପରେ ତାଙ୍କ ନାମରେ ବ୍ୟକ୍ତିଗତ ଋଣ ମଞ୍ଜୁର ହୋଇଥିବା ସେ ଜଣାଇଥିଲେ । ହେଲେ ଋଣ ମଞ୍ଜୁର ପାଇଁ କିଛି ଟଙ୍କା ସିକ୍ୟୁରିଟି ଡିପୋଜିଟ ଦେବାକୁ ପଡିବ ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ ଆଦେନକାରୀଙ୍କୁ କହିଥିଲେ । ମୋଟା ଅଙ୍କର ବ୍ୟକ୍ତିଗତ ଋଣ ପାଇବା ଆଶାରେ ଧାନବାଦର ଏହି ବ୍ୟକ୍ତି ଜଣଙ୍କ ପର୍ଯ୍ୟାୟକ୍ରମରେ ୨ ଲକ୍ଷ ୯୪ ହଜାର ଟଙ୍କା ପଠାଇଥିଲେ । ହେଲେ ଅନେକ ଦିନ ଯାଏଁ ତାଙ୍କ ଋଣ ମଞ୍ଜୁର ହୋଇନଥିଲା । ଫଳରେ ସେ ଫୋନ କରିଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ନହୋବରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

# ଜେଏମ୍‌ଏମ୍ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୧୩ ବ୍ଲକ, ବାରିପଦା ଟାଉନ୍ ସଭାପତିଙ୍କ ନାମ ଘୋଷଣା

ବାରିପଦା, (ସବ୍ୟୁ) : ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ଅଞ୍ଜନୀ ସୋରେନ ମାର୍ଣ୍ଡିଙ୍କ ଅନୁମୋଦନ କ୍ରମେ ଜିଲ୍ଲାସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜିଲ୍ଲାର ୧୩ଗୋଟି ବ୍ଲକ ଏବଂ ବାରିପଦା ଟାଉନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି ।

ଉକ୍ତ ବ୍ଲକ ଗୁଡିକର ସଭାପତି ମାନେ ହେଲେ କପ୍ତିପଦା ବ୍ଲକର ସୋମା ସିଂ, ଉଦଳା ବ୍ଲକର ମଧୁସୂଦନ ମହାନ୍ତ, ଗୋପବନ୍ଧୁନଗର ବ୍ଲକର ଚୈତନ ମୁର୍ମୁ, ଖୁଣ୍ଟା ବ୍ଲକର ବିକ୍ରମ ମୁର୍ମୁ, ଶାମାଖୁଣ୍ଟା ବ୍ଲକର ଗୌରଚନ୍ଦ୍ର ସିଂ, ବାରିପଦା ବ୍ଲକର ପାରାନ ସୋରେନ, ଶୁଳିଆପଦା ବ୍ଲକର ମନୋଜ ଦାନ, ମୋରଡା ବ୍ଲକର ହେମନ୍ତ କୁମାର ମୋହାନ୍ତ, ରାସଗୋବିନ୍ଦପୁର ବ୍ଲକର ସୁକୁଲ ମାର୍ଣ୍ଡି, ବିଶୋଇ ବ୍ଲକର ଶ୍ୟାମସୁନ୍ଦର ହାଁସଦାଃ, କୁସୁମୀ ବ୍ଲକର ଛୋଟରାମ ସୋରେନ, ବିଜାତଲା ବ୍ଲକର ଲକ୍ଷ୍ମଣ ମୁର୍ମୁ, ସରସକଣା ବ୍ଲକର ଭଗବାନ ହାଁସଦାଃ ଓ ବାରିପଦା ଟାଉନ୍ ସଭାପତି ତରେନ ସେନାପତି ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି।

# ଜମି ବିକ୍ରିର ଲୋଭ ଦେଖାଇ କୋଟିଏ ଠକେଇ

ବ୍ରହ୍ମପୁର, (ସବ୍ୟୁ): ଜମି ବିକ୍ରିର ଲୋଭ ଦେଖାଇ ଆଳ ଦେଖାଇ ଜଣେ ବ୍ୟବସାୟୀ ସଂଗ୍ରାମ ଜେଶରୀ ମହାନ୍ତିଙ୍କ ୧କୋଟି ଟଙ୍କା ଠକେଇ ହୋଇଛି । ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଉକ୍ତ ଥାନା ଅନ୍ତର୍ଗତ ଭାବାନଗର ମୁଖ୍ୟ ରାସ୍ତାରେ ଏକ କମ୍ପାନୀ ଖୋଲିଥିବା ଉକ୍ତ ବ୍ୟବସାୟୀ ୨୦୧୬ରେ ଆସାମ ଦିବ୍ରୁଗଡରେ ଏକ ଜମି କିଣିବାକୁ ଯୋଜନା କରିଥିଲେ । ଆସାମର ଶିବସାଗର ଅଞ୍ଚଳର ଦୀପକ ଅଗ୍ରଓ୍ୱାଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଜମିଟି ଥିବାବେଳେ ସେ ଏହାକୁ ୧ କୋଟି ୩୦ ଲକ୍ଷ ଟଙ୍କାରେ ବିକ୍ରି କରିବେ ବୋଲି ସଂଗ୍ରାମଙ୍କ ସହ ଚୁକ୍ତି କରିଥିଲେ । ସେହିକ୍ରମରେ ସଂଗ୍ରାମ ପ୍ରଥମେ ୬ ଲକ୍ଷ ଟଙ୍କା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୯୪ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଟଙ୍କା ନେବା ପରେ ଆସାମର ଏହି ବ୍ୟକ୍ତି ଜଣଙ୍କ ଜମି ପଞ୍ଜିକରଣ କରିନଥିଲେ । ଶେଷରେ ଅନ୍ୟ ଉପାୟ ନପାଇ ସଂଗ୍ରାମ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ହୁଣ୍ଡତ ଗ୍ରାମବାସୀ



ଛତ୍ରପୁର, (ସବ୍ୟୁ) : ନଦୀ କୂଳଘାଇ ଖସଡାରେ ଗୋଡ ଖସି ମହିଳାଙ୍କ ମୃତ୍ୟୁ ହୋଇଥିବା ଯୋଗୁଁ ସେଠାରେ ପାହାଚ ନିର୍ମାଣ ନେଇ ପୁରୁଷୋତ୍ତମପୁର ଥାନା ହୁଣ୍ଡତ ଗ୍ରାମବାସୀ ମାନେ ଆଜି ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ହୁଣ୍ଡତ ଗ୍ରାମ ନିକଟରେ ଋଷିକୂଲ୍ୟା ନଦୀ ଅଛି ।

ସେହି ନଦୀରେ କୂଳଘାଇ ତିଆରି ହୋଇସାରିଛି । ଯାହାଦ୍ୱାରା ନଦୀକୁ ଯିବା ପାଇଁ ରାସ୍ତା ବହୁତ ଉଚ୍ଚତା ଏବଂ ବର୍ଷାଦିନରେ ଖସଡା ହୋଇଯାଏ । ଏହାଦ୍ୱାରା ଗ୍ରାମର ପଦ୍ମାସେଠୀ (୫୦) ସେ ଗାଧେଇବାକୁ ଗଲା ବେଳେ ଗତ୧୪ ତାରିଖ ଦିନ ଗୋଡ ଖସି ତଳେ ଗଡି ଗଡି ଯାଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କୂଳଘାଇରେ ପାହାଚ ନିର୍ମାଣ କରିବା ନିମନ୍ତେ ପୂର୍ବରୁ ବହୁଥର ଜଳସେଚନ ଅଧିକ୍ଷଣଯନ୍ତ୍ରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଯାହାଦ୍ୱାରା ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏଣୁ ଗ୍ରାମବାସୀଙ୍କ ହିତ ନିମନ୍ତେ ଯାଥାଶୀଘ୍ର ପାହାଚ ନିର୍ମାଣ କରିବା ନିମନ୍ତେ ସେମାନେ ଏକ ଲିଖିତ ଦାବୀପତ୍ର ଗଂଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ପ୍ରଦାନ କରିଛନ୍ତି । ଏହା ସହିତ ହୁଣ୍ଡତ ଗ୍ରାମ ପଞ୍ଚୁଦଳ ତୋଟା ଠାରୁ ରଣଝାଲି ଗ୍ରାମ ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ବାଉଁଶ ଗଛ କାଟିବା ନିମନ୍ତେ ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଏହି ଦାବୀପତ୍ର ପ୍ରଦାନ ବେଳେ ଚନ୍ଦ୍ରଶେଖର ପାଢି, ଦୁର୍ଗା ପ୍ରସାଦ ପାଢିଙ୍କ ସମେତ ବହୁଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ଶିଶୁ ସଦନରେ ଶାନ୍ତିଲତାଙ୍କ ସ୍ମୃତିଚାରଣ



କଟକ, (ସ୍ୱପ୍ର) : ଶାନ୍ତିଲତା କରଙ୍କ ଚତୁର୍ବିଂଶତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସ୍ମୃତିଚାରଣ ସଭା ଚୌଦ୍ୱାର ଶିଶୁ ସଦନରେ ଅନୁଷ୍ଠିତ ହୋଇଥିଲା ।

ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କ ପୋର୍ୟରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶାନ୍ତିଲତାଙ୍କ ସ୍ମୃତିଚାରଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ସଦନର ଅନ୍ତେବାସୀ ପିଲାମାନେ ଶାନ୍ତିପାଠ ଓ ଭଜନ ପରିବେଷଣ କରିଥିଲେ । ଦିବଂଗତ ଶାନ୍ତିଲତାଙ୍କ ସ୍ୱାମୀ ବଳରାମ କର, ପୁତ୍ର ସୁଧାଂଶୁଭୂଷଣ କର ଓ ପରିବାର ସମଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା : ପ୍ରତିବାଦ ଓ କ୍ୟାଣ୍ଡେଲ ଶୋଭାଯାତ୍ରା

ଛତ୍ରପୁର, (ସବ୍ୟୁ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯେଉଁ ଘଟଣା ଘଟିଗଲା ତାକୁ ନେଇ ସମଗ୍ର ରାଜ୍ୟରେ ତାତି ଦେଖାଯିବା ସହିତ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି । ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହାର ପ୍ରଭାବ ଗଂଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ସହରରେ ମଧ ଦେଖିବାକୁ ମିଳିଛି । କଂଗ୍ରେସ, ସିପିଆଇ, ଫରୱାର୍ଡ଼ ବ୍ଲକ, ଏଆଇଏସଏଫ, ଏସଏଫଆଇ ଅନ୍ୟାନ୍ୟ ଦଳର ଛାତ୍ର, ଯୁବକ ଏବଂ ମହିଳା ମାନେ ଏକତ୍ରିତ ହୋଇ ରାଜ୍ୟସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ । ଛାତ୍ରୀ ଆତ୍ମହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମହିଳା ସୁରକ୍ଷା ନିମନ୍ତେ ଦାବୀ କରିଥଲେ ।

ଏନେଇ ସ୍ଥାନୀୟ ଅପରବସଷ୍ଟାଣ୍ଡ ଠାରୁ ଏକ ବିଶାଳ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା କରିଥିଲେ । ଓଡିଶା ବନ୍ଦରେ ସାମିଲ ହେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ.ନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ.ଭାନୁମତୀ ରେଡ୍ଡୀ, ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ନେତା ସିଏଚ.ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ, ଚିଙ୍କରା ବେହେରା, ଝୁଲି ବେହେରା, ଏନ.ମୁନାପାତ୍ର, କଂଗ୍ରେସର ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାଗିରଥୀ ବେହେରା, କାଳିଆ ରାଉଳ, ପୂର୍ବତନ ସରପଞ୍ଚ ଟି.କ୍ରିଷ୍ଣା ରେଡ୍ଡୀ ଓ ଡି.ରାମସ୍ୱାମୀ ରେଡ୍ଡୀ ଏବଂ ଫରଓ୍ୱାର୍ଡ ବ୍ଲକର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ଛାତ୍ର, ଯୁବକ ଓ ମହିଳାମାନେ ସାମିଲ ଥିଲେ ।

# ଜଳ ଯୋଗାଣ କର୍ମଚାରୀ ସଂଘର ୯ ଦଫା ଦାବି ନେଇ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ) : ଓଡିଶା ଜଳ ଯୋଗାଣ କର୍ମଚାରୀ ସଂଘର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ୯ ଦଫା ଦାବି ନେଇ ଏକ ୭ ଜଣିଆ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ଶାସନ ସଚିବଙ୍କ ଉପସ୍ଥିତିରେ ରାଜ୍ୟ ସଚିବାଳୟର ଅଭିଯୋଗ ପ୍ରକୋଷ୍ଠରେ ଆଲୋଚନା କରିଥିଲେ । ଦୀର୍ଘ ଦୁଇ ଘଣ୍ଟା ଧରି ହୋଇଥିବା ଆଲୋଚନାରେ ସଂଘର ୯ ଗୋଟି ଦାବି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କର୍ମଚାରୀମାନଙ୍କର ପେନସନ, ଗ୍ରାଚ୍ୟୁଇଟି, ଅନୁକମ୍ପା ମୂଳକ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରେଇବା, ତୃତୀୟଶ୍ରେଣୀ କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରିବା ଆଦି ୯ ଗୋଟି ସମସ୍ୟାର ଆଶୁ ସମାଧାନ ନିମନ୍ତେ ସଂଘର ଅଧ୍ୟକ୍ଷ ଡଃ ବିଶ୍ୱାଳ ଅନୁରୋଧ କରିଥିଲେ । ଏଥିରେ ସଂଘର ଆବାହକ ରବିନ୍ଦ୍ର କୁମାର ରାଉତରାୟ, ପ୍ରତାପ ଚନ୍ଦ୍ର ବଡଜେନା, କିଶୋର ଚନ୍ଦ୍ର ଭୂୟାଁ, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପିପୁଲ୍ଲ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ଲ କଲେଜ ସମ୍ମିଳନୀ କକ୍ଷରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭା ଅବସରରେ ଛାତ୍ରଛାତ୍ରୀ, କର୍ମଚାରୀବୃନ୍ଦ ସ୍ୱର୍ଗତା ସୌମ୍ୟାଶ୍ରୀଙ୍କ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରିଥିଲେ । ଏଥିସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ଛାତ୍ରୀ ସୌମ୍ୟାଶ୍ରୀ କଲେଜର ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇ ଗତ ଜୁଲାଇ ୧୨ ତାରିଖ ଦିନ ଆତ୍ମାହୁତି ଦେଇ ଶେଷରେ ଆଖି ବୁଜିଥିଲେ ହେଁ ସମ୍ପ୍ରତି ତାହା ଛାତ୍ରଛାତ୍ରୀ ମହଲରେ ତୀବ୍ର ଆଲୋଡନ ସୃଷ୍ଟି କରିଛି । ତେବେ ଉକ୍ତ ଶୋକସଭାରେ ଏଭଳି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନଘଟେ ସେନେଇ ପ୍ରତ୍ୟେକ କଲେଜର କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଯନିବାନ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫ ବର୍ଷ ଖରିଫ ଫସଲ ଚାଷ ପାଇଁ ଜିଲ୍ଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଇଏଏସ ପ୍ରୋବେସନର ମିସ କାଶିଷ ବକ୍ସି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ଦାସ, ଉଦ୍ୟାନ କୃଷି ଉପ- ନିର୍ଦ୍ଦେଶକ, ଟଙ୍କଧର କାଲ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମଳୟ କୁମାର ସାହୁ, ଡିଆରସିଏସ, ଅଶୋକ ପାଣି ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ଦୀପକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଡ଼ିଡ଼ିଏମ ନାବାର୍ଡ ସ୍ମାରକ କୁମାର ମହାନ୍ତି, ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି, ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗଦେଇ ଜିଲ୍ଲାର କୃଷି ଭିତ୍ତିକ ଚଳିତ ଖରିଫ ଫସଲ ୨୦୨୫ ଏବଂ ରବି ଫସଲ ୨୦୨୪-୨୫ ର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସବିଶେଷ ଆଲୋଚନା କରାଯାଇ ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ ଉତ୍ସର ଉପଯୋଗୀତାକୁ ଆଧାର କରି ଆନୁମାନିକ ମୋଟ ୪,୦୬, ୬୨୦ ହେକଟର ଜମି ରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏଥିରେ ଧାନ ୨, ୯୨,୮୬୦ ହେକଟର, ମକା ୪୨୬୦ ହେକଟର, ମାଣ୍ଡିଆ ୭୯୦୦ ହେକଟର, ଅନ୍ୟାନ୍ୟ ମାଣ୍ଡିଆ ଜାତୀୟ ୧୮୦୦ ହେକଟର, ଅନ୍ୟାନ୍ୟ ଡାଲି ଜାତୀୟ ୨୪,୯୮୦ ହେକଟର, ତୈଳବିଜ ୬୨୦୦ ହେକଟର, ତନ୍ତୁ ଜାତୀୟ ୭୪୦ ହେକଟର, ପନିପରିବା ୫୬,୭୪୦ ହେକଟର ଓ ମସଲା ଜାତୀୟ ୧୧୨୪୦ ହେକଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ୧୪୦୪୨.୨୫ କୁଇଣ୍ଟାଲ ବିହନ ଓ ୪୫୧୦୦ ମ୍ୟାଟ୍ରିକ ଟନ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୈଠକ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲା କୃଷି ବିଭାଗ ଯୋଜନା କାର୍ଯ୍ୟ ସୂଚୀ ଉପରେ ପ୍ରଥମେ ଚଳିତ ୨୦୨୫ ଖରିଫ ଫସଲ ଚାଷ ସମ୍ପର୍କିତ ଯଥା ଜିଲ୍ଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ ଜିଲ୍ଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀ ମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତ୍ତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଜିଲ୍ଲାରେ ଆୟୋଜନ କରାଯାଉଥିବା ସମସ୍ତ କର୍ମଶାଳାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୋଷଣ ମିଶନ, ଓଡିଶା ମିଲେଟ ମିଶନ, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, ପିଏମକିଷାନ/ସିଏମ କିଷାନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଓ ଫସଲ ବୀମା ଯୋଜନା ଇତ୍ୟାଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକ ମାନଙ୍କ ବିକାଶ ପାଇଁ ଲକ୍ଷଧାର୍ଯ୍ୟ ଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗ ଗୁଡିକର ସମନ୍ୱୟରେ ତରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତ୍ୟେକ ଚାଷୀ ଯେମିତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବୈଠକରେ ୩୬ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କ ରେ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା ।

ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ ପରିଚାଳନା କରିଥିଲେ ଏବଂ ରମାକାନ୍ତ ପାତ୍ର, ରାଜାରାମ ସାହୁ, ତାପସ କୁମାର ସାହୁ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ । ବାରିପଦା କୃଷି ଜିଲ୍ଲା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିରୂପା ନଦୀରେ ବନ୍ୟା : ବ୍ୟାପକ ଫସଲ ନଷ୍ଟ



ବାଲିଚନ୍ଦ୍ରପୁର,(ସବ୍ୟୁ) : ଉପର ମୁଣ୍ଡରେ ଲଗାତାର ବର୍ଷା ଲାଗିରହିଥିବାରୁ ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ଓ ବିରୂପା ନଦୀର ଶାଖା ନଦୀ ଗେଙ୍ଗୁଟି ନଦୀରେ ମଧ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଦୁଇ ଦିନ ହେବ ନଦୀରେ ପାଣି ବଢୁଥିବାର ଦେଖିବାକୁ ମିଳିଛି। ବିରୂପା ନଦୀର ପାଣି କୂଳଲଙ୍ଘି ଅନେକ ଗାଁ ରେ ପଶିବା ସହିତ ବ୍ୟାପକ ଧାନ ଫସଲ ଓ ପନିପରିବା ଫସଲ କ୍ଷତି ହେବାର ଆଶଙ୍କା ଥିବାରୁ ଚାଷିମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଏହି ବନ୍ୟା ଜଳ ବାଲିଚନ୍ଦ୍ରପୁର ଅଞ୍ଚଳର ଚାରିନଙ୍ଗଳ, ବାହାଦୁରନଗର, କଳାଶ୍ରୀ, ଗୋପାଳପୁର, ଛତାବର, ଗଜେନ୍ଦ୍ରପୁର, ଖଡ଼ଗପୁର, ତିଗିରିଆ ଆଦି ଗ୍ରାମ ଗୁଡ଼ିକରେ ପସିବା ଦ୍ୱାରା ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାକୁ ଆସିବା ପାଇଁ ଲୋକମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାହାଦୁରନଗରର ୟୁଜିଏମଇ ବିଦ୍ୟାଳୟ, ଗଜେନ୍ଦ୍ରପୁରର ଉଚ୍ଚ ମାଧ୍ୟମିକ ଓ ପ୍ରାଇମେରି ବିଦ୍ୟାଳୟ, ଗଜେନ୍ଦ୍ରପୁର ପଶୁ ଡ଼ାକ୍ତରଖାନା ପ୍ରଭୃତି ପାଣି ଘେରରେ ଥିବାରୁ ପିଲାମାନେ ବିଦ୍ୟାଳୟକୁ ଯିବାକୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ତିନୋଟି ଡ଼ଙ୍ଗା କଳାଶ୍ରୀ ଗୋପାଳପୁର ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ଅଞ୍ଚଳକୁ ଯୋଗାଯାଇନାହିଁ। ପରବର୍ତ୍ତି ଅବସ୍ଥାରେ ରିଲିଫ ଓ ଗୋ ଖାଦ୍ୟ ଯୋଗାଇଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗାଁ ଗୁଡ଼ିକରେ ପାଣି ପଶି ଯିବାରୁ ଲୋକମାନେ ନିଜର ଗୃହ ପାଳିତ ପଶୁ ଗୋରୁ, ଗାଇ, ଛେଳି, ମେଣ୍ଢା ମାନଙ୍କୁ ଆଣି ପଟ୍ଟାମୁଣ୍ଡାଇ କେନାଲ ବନ୍ଧରେ ପାଲ ଟାଙ୍ଗି ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଲୋକମାନଙ୍କୁ ରିଲିଫ ଓ ଗୃହ ପାଳିତ ପଶୁ ମାନଙ୍କୁ ଗୋ ଖାଦ୍ୟ ଯୋଗାଇଦେବା ପାଇଁ ପ୍ରଶାସନ ପାଖରେ ସାଧାରଣରେ ଦାବି ହୋଇଛି।

## ଉନ୍ନୟନ କାର୍ଯ୍ୟରେ ବାଧକ ବିଧାୟକ : ପିଆରଆଇ ସଦସ୍ୟ

### ମୁଁ କାହାର ବାଧକ ନୁହେଁ – ବିଧାୟକ

ନାଉଗାଁ, ( ସବ୍ୟୁ) ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ପଡି ରହିଛି , ହେଲେ କାର୍ଯ୍ୟ ହୋଇ ପାରୁନି କାର୍ଯ୍ୟ କରିବାକୁ ପଂଚାୟତ ପ୍ରତିନିଧି ମାନେ ଅଗ୍ରସର ହେବାବେଳକୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବକୁ ନିର୍ଦ୍ଦେଶ ଦେଉଛନ୍ତି ସ୍ଥାନୀୟ ବିଧାୟକ । ଗତ ଏକ ବର୍ଷ ହେବ ନାଉଗାଁ ବ୍ଲକରେ ପଞ୍ଚାଯାତ ସମିତି ବୈଠକ ଦିନ ଧାର୍ଯ୍ୟକୁ ନେଇ ଅଚଳାବସ୍ଥା , ସମିତି ବୈଠକରେ ବିଡ଼ିଓ ଓ ଉପାଧକ୍ଷାଙ୍କ ମଧ୍ୟରେ କଥା କଟାକଟି , ସ୍ଥାୟୀ ବିଡ଼ିଓ ଆସୁନଥିବାରୁ ଅନେକ ଥର ଧାରଣା ଆଦି ଦେଖିବାକୁ ମିଳିଥିଲା । ଗତ କାଲି ପଞ୍ଚଯାତ ସମିତି ପରିସରରେ ସରକାରୀ ଗୃହ ଆବଣ୍ଟନରେ ଅନେକ ସରପଂଚ ଓ ସମିତି ସଭ୍ୟ ଯୋଗ ନଦେବା ଓ ଆଜି ବିଧାୟକଙ୍କ ବିରୋଧରେ ସମୂହ ସାମ୍ବାଦିକ ସମ୍ମିଳନୀ କରି ଉନ୍ନୟନ କାର୍ଯ୍ୟରେ ବିଧାୟକ ବାଧକ ସାଜିଥିବା ଅଭିଯୋଗ ଆଣିବା କେଉଁଠି ନାଁ କେଉଁଠି ଏଠାକାର ଅଚଳାବସ୍ଥା ଚରମ ସୀମାରେ ପହଞ୍ଚି ସାରିଥିବା ସ୍ପଷ୍ଟ ପ୍ରମାଣିତ କରିଛି । ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର କାଦମ୍ବିନୀ ମଣ୍ଡପ ପରିସରରେ ନାଉଗାଁ ବ୍ଲକର ବିଭିନ୍ନ ବିକାଶ କାର୍ଯ୍ୟରେ ସ୍ଥାନୀୟ ବିଧାୟକ ବାଧକ ସାଜିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନାଉଗାଁ ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଆଜିକାର ସାମ୍ବାଦିକ ସମ୍ମିଳନୀରେ ନାଉଗାଁ ବ୍ଲକ ସରପଞ୍ଚ ସଂଘର ସଭାପତି ଦୋଳ ଗୋବିନ୍ଦ ରାଉଳଙ୍କ ସହିତ ନାଉଗାଁ ବ୍ଲକର ୧୬ଟି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ମାନେ ଉପସ୍ଥିତ ରହି ନାଉଗାଁ ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଧାୟକ ଉକ୍ତ କାର୍ଯ୍ୟ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ନାଉଗାଁ ବ୍ଲକରେ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବା ସହିତ ଅନେକ କାର୍ଯ୍ୟକ୍ରମରେ ପ୍ରତିନିଧି ମାନଙ୍କୁ ମଧ ସୂଚନା ଦିଆ ନଯାଇ ନିଜର ଦଳୀୟ କର୍ମୀମାନଙ୍କୁ ବିଧାୟକ ଅଗ୍ରାଧିକାର ଦେଉଥିବା ନେଇ ମଧ ଅଭିଯୋଗ ଆଣିଛନ୍ତି ପ୍ରତିନିଧିଗଣ । ଯଦି ଆଗାମୀ ଦିନରେ ବ୍ଲକର ବିକାଶ କାର୍ଯ୍ୟରେ ବିଧାୟକ ବାଧକ ସାଜନ୍ତି, ତେବେ ପଞ୍ଚାୟତ ପ୍ରତିନିଧି ମାନେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପ୍ରତିନିଧିମାନେ । ଅନ୍ୟପକ୍ଷରେ ବିଧାୟକ ଅମରେନ୍ଦ୍ର ଦାଶଙ୍କୁ ଏହି ବିଷୟରେ ପଚାରିବାରୁ ମୁଁ କେବେ କାହାର ବାଧକ ନୁହେ ,ମୋର ଦ୍ୱାର ସବୁବେଳେ ସମସ୍ତଙ୍କ ପାଇଁ ଖୋଲା,ମାଟି ପାଇଁ ଆସନ୍ତୁ ମିଳିମିଶି କାର୍ଯ୍ୟ କରିବା ,ଈର୍ଷାର କୌଣସି ମେଡ଼ିସିନ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଗୋଚର ଜମିରେ ନିର୍ମାଣ କାର୍ଯ୍ୟ ଓ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ପ୍ରଶାସନ ପକ୍ଷରୁ କଟକଣା କରାଯାଇ ଥାଇପାରେ । ମୁଁ କୌଣଷି କାର୍ଯ୍ୟକୁ ବନ୍ଦ କରେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

## ବରିଷ୍ଠ ନାଗରିକ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,(ସବ୍ୟୁ) : ଫକିର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ଜିଲ୍ଲା ବରିଷ୍ଠ ନାଗରୀକ ମଞ୍ଚ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଖଡିଅଙ୍ଗସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ସଦସ୍ୟମାନେ ଗୋଟିଏ ଗୋଟିଏ ଦୀପଦାନ ସହ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ । ସୌମ୍ୟାଶ୍ରୀଙ୍କ ଭଳି ଜଣେ ମେଧାବୀ ସମ୍ପନ୍ନା ଏବଂ ଉଚ୍ଚମନା ବିଦ୍ୟାର୍ଥୀ କଲେଜ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅକାଳରେ ପ୍ରାଣ ହରାଇଲେ । ସେଥିପାଇଁ ଜିଲ୍ଲା ବରିଷ୍ଠନାଗରୀକ ମଞ୍ଚ ନିନ୍ଦା ପ୍ରସ୍ତାବ ଗ୍ରହଣ କରି ଦୋଷିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଂ ଦାବି କରାଯାଇଥିଲା । ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କାର୍ଯ୍ୟକାରୀ ସଭାପତି ସମାଜସେବୀ ଫକିର ଚରଣ ଖଟୁଆ, ଉପସଭାପତି ପ୍ରହଲ୍ଲାଦ ମଲ, ସାଧାରଣ ସମ୍ପାଦକ ନରୋତ୍ତମ ଜେନା, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ଉପ ସଭାପତି ଅକମଲ ଅଲ୍ଲୀ, ସଂଗଠନର ବରିଷ୍ଠ ସଭ୍ୟ ପରମା ନନ୍ଦ ସେଠୀ, ଅଦ୍ୱୈତ କୁମାର ଦାସ, ବୈଷ୍ଣବ ଚରଣ ପ୍ରଧାନ, ନିତ୍ୟାନନ୍ଦ ସୁଆର, ନୁରୁଲ ଅମିନ, କିଶୋର ଚନ୍ଦ୍ର ପରିଡା ପ୍ରମୁଖ ସ୍ୱର୍ଗତା ଛାତ୍ରୀ ବିଶିଙ୍କ ଗୁଣଗାନ କରି ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ମୁଖ୍ୟ ସଂଗଠକ ଶୈଳନ୍ଦ୍ର କୁମାର ମହାନ୍ତି ସଂଯୋଜନା କରିବା ବେଳେ ସଭ୍ୟ ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

### ନାବାଳିକା ଅସଦାଚରଣ ଓ ଅଶ୍ଳୀଳ ଫଟୋ ଭାଇରାଲ ମାମଲା

## ଅଭିଯୁକ୍ତ ଅମନକୁ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଜଗତସିଂହପୁର, (ସବ୍ୟୁ) : ନାବାଳିକା ଅସଦାଚରଣ ଓ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ଜଗତସିଂହପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ଅମନ ରଜାକକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ।ଜୋରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୬ ମାସ ଜେଲଦଣ୍ଡ ରହିଛି । ସୁଚନା ଅନୁସାରେ ପାରାଦ୍ୱୀପ ଅଞ୍ଚଳର ଜନୈକା ୧୬ ବର୍ଷୀୟା ନାବାଳିକା ସହିତ ଅମନ ରଜାକ ନାମକ ଏକ ଯୁବକ କୌଣସୀ ସୁତ୍ରରେ ବନ୍ଧୁତା ସ୍ଥାପନ କରିଥିଲା ।ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲା କେରେଲୀ ଥାନା ଅନ୍ତର୍ଗତ ବର୍ମାନ ଗାଁର ମୁକେଶ କୁମାରଙ୍କ ପୁଅ ଅମନ ରଜାକ ।ସଂପୃକ୍ତ ନାବାଳିକା ଯୁକ୍ତ ୨ ପଢିବା ପରେ ମେଡିକାଲ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଅମନ ରଜାକ ସହିତ ବନ୍ଧୁତା ହୋଇଥିଲା ।ମାତ୍ର ପରେ ଅମନ ଜାନୁଆରୀ ୨୦୨୧ରେ ସଂପୃକ୍ତ ନାବାଳିକାଙ୍କର କିଛି ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିଲା ।ଏହାକୁ ନେଇ ସଂପୃକ୍ତ ନାବାଳିକାଙ୍କର ମାଆ ପୋଟାଲରେ କଟକ ସାଇବର କ୍ରାଇମ ଥାନାରେ ୧୦/୦୧/୨୦୨୧ରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସାଇବର ଥାନା ପକ୍ଷରୁ ୨୬/୨୦୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ସହିତ ଅଭିଯୁକ୍ତ ଅମନକୁ ପୋଲିସ ଗିରଫ କରିଥିଲା ।ଆଜି ଏହି ଘଟଣାର ବିଚାର କରାଯାଇ ସମସ୍ତ ସାକ୍ଷ୍ୟ ଗ୍ରହଣ ପରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ଅମନ ରଜାକକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି ।ଏହି ମାମଲାକୁ ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝି ପରିଚାଳନା କରୁଥିଲେ ।

## ସାପ କାମୁଡ଼ାରେ ଚାଲିଗଲେ ସ୍ୱାମୀ –ସ୍ତ୍ରୀ : ଅସହାୟ ପୁଅ ଓ ଝିଅ

ସାଲେପୁର,(ସବ୍ୟୁ) : ଦୁଇ ପିଲାଙ୍କ ସହ ରାତିରେ ଶୋଇଥିବା ବେଳେ ସାପ କାମୁଡ଼ିଲା ସ୍ୱାମୀ ସ୍ତ୍ରୀଙ୍କୁ, ଚାଲିଗଲା ଜୀବନ । ଅସହାୟ ହୋଇଗଲେ ଦୁଇ ଛୋଟ ପୁଅ ଝିଅ । ପୁଅକୁ ବୟସ ମାତ୍ର ୪,ଝିଅକୁ ୮ବର୍ଷ । ସେହି ନିଷ୍ପାପ ଶିଶୁ ଦୁହିଁଙ୍କୁ ଦେଖିଲେ ଆଖିରେ ଲୁହ ଚାଲି ଆସୁଛି । ଏଭଳି ହୃଦୟ ବିଦାରକ ଦୁଖଦ ଖବର ଆସିଛି କଟକ ଜିଲ୍ଲା ସାଲେପୁର ନିକଟ ପୁରୁଣାପାରି ଗାଁରେ । ପୁରୁଣାପାରି ଗାଁ ର ମାନସ ବାରିକ (୪୫), ପତ୍ନୀ ନମିତା ରାଉତ( ୩୫ )ଗତକାଲି ରାତିରେ ଶୋଇଥିବା ଅବସ୍ଥାରେ ଅଜଣା ସାପ କାମୁଡ଼ିଦେଇଥିଲା । ତେବେ ସକାଳେ ସ୍ୱାମୀ ସ୍ତ୍ରୀଙ୍କ ଶରୀର ଅସୁସ୍ଥ ଲାଗିବାରୁ ପଡିଶା ଘର ଲୋକ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଛି । ଏବେ ଦୁଇ ପୁଅ ଝିଅଙ୍କ ଭରଣ ମପୋଷଣ କିଏ କରିବ ତାକୁ ନେଇ ଗ୍ରାମବାସୀ ପ୍ରଶାସନର ସହଯୋଗ ଲୋଡିଛନ୍ତ । ସନ୍ଧ୍ୟାରେ ସ୍ୱାମୀ ସ୍ତ୍ରୀ ଙ୍କ ମୃତଦେହ ଗାଁରେ ପହଂଚିବା ପରେ ଗାଁରେ ପୁରା ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

## ୧୫ ଟ୍ରକକୁ ୮୫ ହଜାର ଜୋରିମାନା

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୬ ଓ ୨୦ ଏବେ ବେଆଇନ ପାର୍କିଂସ୍ଥଳୀ ପାଲଟିଛି। ରାଜପଥ ଉପରେ ବେଆଇନ ପାର୍କିଂ ହେବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନର କ୍ଷୟକ୍ଷତି ଘଟୁଛି। ଏ ନେଇ କଡ଼ା ଆଭିମୂଖ୍ୟ ଗ୍ରହଣ କରିଛି ଯାଜପୁର ଆଂଚଳିକ ପରିବହନ ବିଭାଗ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ପାଣିକୋଇଲି ପୁଲିସ ରାଜପଥ ପେଟ୍ରୋଲିଂ ସହିତ ଚଢାଉ କରି ପାଣିକୋଇଲି ଛକ ଠାରୁ ସାହାପୁର ପର୍ଯ୍ୟନ୍ତ ରାଜପଥ ଉପରେ ବେଆଇନ ପାର୍କିଂ କରିଥିବା ୧୫ଟି ଟ୍ରକରୁ ୮୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

## ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ

କେନ୍ଦ୍ରାପଡା,(ସବ୍ୟୁ):ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ନ୍ୟାୟିକ ତଦନ୍ତ ଓ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ଦାବିରେ ଆସନ୍ତା କାଲି ଆହୁତ ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଆଜି ପୂର୍ବାହ୍ନରେ କଜଳାସ୍ଥିତ କଂଗ୍ରେସ ଭବନରେ କଂଗ୍ରେସ ,ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଜନସାଧାରଣ, ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଜୁଲାଇ ୧୭ରେ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ନିବେଦନ କରାଯାଇଛି । ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୁଦ୍ଧରେ ଏହି ବନ୍ଦ ଓଡ଼ିଶା ଲୋକଙ୍କର ବନ୍ଦ ହେଉ ବୋଲି ମିଳିତ ବିରୋଧୀ ଦଳ ନିବେଦନ କରିଛନ୍ତି । ଏହି ସାମ୍ୱାଦିକ ସମ୍ମିଳନୀରେରେ କଂଗ୍ରେସ ଦଳ ତରଫରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ,ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଯୁବକଂଗ୍ରେସ ନେତା ଉମେଶ ପାଢ଼ୀ, ସଂଖ୍ୟାଲଘୁ ସେଲ ନେତା ସୟଦ ଅବଦୁଲ ସତ୍ତାର,ସି ପି ଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ,ଅନ୍ୟତମ ନେତା ଜଗତଜୀବନ ଦାଶ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣିରଞ୍ଜନ ରାଉତରାୟ ପ୍ରମୁଖ ଜିଲ୍ଲା ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।

# ଶିକ୍ଷକ ଅଭାବ ନେଇ ଛାତ୍ରଛାତ୍ରୀଙ୍କ ଧାରଣା



ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଜିଗ୍ନୀପୁର ଠାରେ ଥିବା ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଫଳରେ ବୁଧବାର ଦିନ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ସ୍କୁଲ ଗେଟରେ ତାଲା ପକାଇ ୪ଘଣ୍ଟା କାଳ ଧାରଣାରେ ବସିଥିଲେ । ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇ ସ୍ୱଭାବିକ ପାଠପଢା ହୋଇଥିଲା । ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ସଂକ୍ରାନ୍ତରେ ବାରମ୍ବାର ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଉଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ପୂର୍ବରୁ ଏହି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନିରଞ୍ଜନ ପୃଷ୍ଟିଙ୍କୁ ଆର.ଓ. ହାଇସ୍କୁଲ ତିନିଦିନିଆ ଡ଼େପୁଟେସନରେ ପଠାଯାଇଥିଲା ବେଳେ ଗତ ଜୁନ୍ ୩୦ ତାରିଖରେ ଏହି ବିଦ୍ୟାଳୟର ଗଣିତ ଶିକ୍ଷକ ସବିତା ମିଶ୍ର ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ଦିନ ହେବ ବିଦ୍ୟାଳୟର କିରାଣୀ ଅବସର ଗ୍ରହଣ କରିଥିଲା ବେଳେ ତାଙ୍କ ସ୍ଥାନରେ କେହି ନୂଆ କିରାଣୀ ଯୋଗଦାନ କରିନାହାଁନ୍ତି । ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ କିରାଣୀ ନଥିବା ବେଳେ ପୁଣି ୪ଦିନ ହେବ ଏହି ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ରାଜ ଗୋପାଳ ନାୟକଙ୍କୁ ପୁର୍ନବାର ବାପୁଜୀ ସରକାରୀ ବିଦ୍ୟାଳୟକୁ ଡ଼େପୁଟେସନରେ ପଠାଯାଇଛି । ଫଳରେ ଏହି ବିଦ୍ୟାଳୟରେ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୧୮୭ଜଣ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ଦେବା ସମ୍ଭବପର ହେଉନାହିଁ । ଏଭଳି ସ୍ଥିତିରେ ଛାତ୍ର ଛାତ୍ରୀ ମାନେ ପାଠ ପଢିବା ପାଇଁ ସମସ୍ୟା ରେ ପଡ଼ିଥିବାରୁ ବୁଧବାର ଦିନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ଛାତ୍ର ଛାତ୍ରୀମାନେ ଧାରଣାରେ ବସିଥିବା ଖବର ପାଇ ମଧ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ କିମ୍ୱା କର୍ମଚାରୀ ଉପସ୍ଥିତ ହୋଇନଥିଲେ । ଖବର ପାଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକ ସୁପ୍ରଭା ସେନାପତି ,ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ କୁମାର ଘଡ଼ାଇ ଏବଂ ଶିକ୍ଷା କମିଟିର ସଭ୍ୟ ଧିରେନ୍ଦ୍ରନାଥ ବେହେରା ଙ୍କ ସମେତ ବହୁ ଅଭିଭାବକ ,ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ କେତେକ ଛାତ୍ର ଛାତ୍ରୀ ଙ୍କ ସହିତ ସ୍କୁଲର ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଖୁବ୍ ଶୀଘ୍ର ଏହି ବିଦ୍ୟାଳୟରେ ଗଣିତ ଶିକ୍ଷକ ନିଯୁକ୍ତି ହେବା ସହିତ ଅନ୍ୟ ଦୁଇ ଶିକ୍ଷକଙ୍କର ଡ଼େପୁଟେସନ ବାତିଲ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇ ସ୍ୱଭାବିକ ଭାବେ ବିଦ୍ୟାଳୟ ଚାଲିଥିଲା ।

## ଶ୍ରେଣୀ ଗୃହରେ ଅଟକ ଛାତ୍ରୀ ଘଟଣାର ତଦନ୍ତ

ମହାକାଳପଡ଼ା ,(ସବ୍ୟୁ) :ସ୍ଥାନୀୟ ମଣ୍ଡଳ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ଅଧୀନ ଜଗମୋହନ ଶିକ୍ଷ । କ୍ଲଷ୍ଟର ଅନ୍ତର୍ଗତ ବଉଳକଣୀ ପଂଚାୟତ ସୁନୀଲପଡାରେ ଅବସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ । ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଶ୍ରୁତି ପ୍ରଧାନ ମଙ୍ଗଳବାର ଅପରାହ୍ନ ରେ ସ୍କୁଲ ଛୁଟି ପୂର୍ବରୁ ଶ୍ରେଣୀ ଗୃହ ରେ ଶୋଇପଡ଼ିଥିଲେ । ସ୍କୁଲ ଛୁଟି ସମୟରେ ସାଥି ପିଲା ଶିକ୍ଷୟତ୍ରୀଙ୍କୁ ଶ୍ରୁତି ଶୋଇଥିବାର କହିବାରୁ ଶିକ୍ଷୟତ୍ରୀ ପିଲାର ନିଦ ଭାଙ୍ଗି ସାଥି ପିଲାଙ୍କ ସହିତ ଯିବାକୁ କହିଥିଲେ । ମାତ୍ର ନିଦ୍ରାଳୁ ଶିଶୁଟି ପୁନଃ ଶ୍ରେଣୀ ଗୃହରେ ଶୋଇପଡ଼ିଥିବାର ଜାଣି ନପାରି ଶ୍ରେଣୀ ଗୃହ ତାଲା ପକାଇ ଶିକ୍ଷୟତ୍ରୀ ଘରକୁ ଫେରୁଥିଲେ । କିଛି ସମୟ ପରେ ଶିଶୁ ର ନିଦ ଭାଙ୍ଗିବା ପରେ କାନ୍ଦିବାକୁ ଲାଗିଥିଲା । ପାଖରେ ଘର ନଥିବାରୁ ବାଟରେ ଯାଉଥିବା କାନ୍ଦ କୁ କାନେଇ ସ୍କୁଲ ଗୃହ ଭିତରେ ପିଲାଟି ଅଟକି ଯାଇଥିବାର ଦେଖିବାକୁ ପାଇଲେ । ଅଟକ ପିଲାଠୁ ସବିଶେଷ ଜାଣିବା ପରେ ସ୍ଥାନୀୟ ସରପଞ୍ଚ ଙ୍କୁ ଖବର ଦେଇଥିଲେ । ସରପଞ୍ଚ ସାଲବେଗ ମାହାଳି ସ୍କୁଲ ରେ ପହଂଚି ଏଭଳି ଅଘଟଣ ଦେଖୀ ଚକିତ ହେବା ସହିତ ସମ୍ପୃକ୍ତ ଶିକ୍ଷୟତ୍ରୀ ଙ୍କୁ ଡକାଇ ଅଟକ ପିଲାକୁ ଉଦ୍ଧାର କରିଥିଲେ । ଏହି ଖବର ସାମାଜିକ ଗଣମାଧମ ରେ ଘୁରି ବୁଲିବାରୁ ବିଡ଼ିଓ ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଙ୍କୁ ବୁଧବାର ସୁଦ୍ଧା ଆକ୍ସନ ଟେକେନ ରିପୋର୍ଟ ଦାଖଲ ପାଇଁ ୨୩୩୪ପତ୍ରାଙ୍କ ପ୍ରେରଣ କରିଥିଲେ । ତଦନୁଯାୟୀ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସହକାରୀ ଶିକ୍ଷାଧିକାରୀ ବିଚିତ୍ରା ନନ୍ଦ ସାମଲ ଓ ସିଆରସିସି ଅଶୋକ କୁମାର ମହାରାଜ ବୁଧବାର ଘଟିଥିବା ଘଟଣାର ତଦନ୍ତ ସାରି ରିପୋର୍ଟ ଦାଖଲ କରିଛନ୍ତି ।

## ପାରିବାରିକ କଳହର କରୁଣ ପରିଣତି : ସ୍ୱାମୀ –ସ୍ତ୍ରୀଙ୍କ ଆତ୍ମହତ୍ୟା

ରାଜନଗର ,(ସବ୍ୟୁ) : ରାଜନଗର ବ୍ଲକ ଖମାରସାହି ପଞ୍ଚାୟତ ନଳିତାପାଟିଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ –ସ୍ତ୍ରୀ ଦୁଇଜଣ ବନ୍ଦ ଘର ଭିତରେ ଆତ୍ମହତ୍ୟା କରିଛନ୍ତି । ରାତି ୮ ଟା ବେଳେ ମାଜିଷ୍ଟ୍ରେଟ ଙ୍କ ଉପଷ୍ଟିତରେ ଘରର କବାଟ ଭଙ୍ଗାଯିବା ପରେ ଉଭୟ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଛି । ପାରିବାରିକ କଳହରୁ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି । ସାଇଣ୍ଟିଫିକ ଟିମ , ମାଜିଷ୍ଟ୍ରେଟ ଓ ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଲ କୁମାର ମଲ୍ଲିକ ଏହି ଘଟଣାର ତଦନ୍ତ କରୁଛନ୍ତି । ନଳିତାପାଟିଆ ଗାଁର ପଞ୍ଚାନନ ନାୟକଙ୍କ ପୁଅ ପ୍ରତାପ ନାୟକ (୨୯ ବର୍ଷ ) ଗୁଜୁରାଟରେ କାମ କରନ୍ତି । ଘରେ ଶାଶୁ ଶଶୁରଙ୍କ ସହ ପ୍ରତାପଙ୍କ ସ୍ତ୍ରୀ ଶଶିରେଖା ରହେ । ୧୦ ଦିନ ତଳେ ଶାଶୁ ଶଶୁର ଓ ବୋହୁ ପାଟିତୁଣ୍ଡ ଲାଗି ଥାନାରେ ପହଞ୍ଚିଥିଲେ । ବୋହୁ ତାଙ୍କୁଖାଇବାକୁ ଦେଉନି ହଇରାଣ କରୁଛି ବୋଲି ଶାଶୁ ଶଶୁର ବୋହୁ ଶଶୀରେଖା ନାଁରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ । ସ୍ୱାମୀ ବାହାରେ ରହୁଛନ୍ତି , ଶାଶୁ, ଶଶୁର ଗାଳି ଗୁଲଜ କରିବା ସହ ହଇରାଣ କରୁଛନ୍ତି ବୋଲି ବୋହୁ ଶାଶୁ ଓ ଶ୍ୱଶୁରଙ୍କ ନାଁ ରେ ଥାନା ରେ ପାଲଟା ଅଭିଯୋଗ କରିଥିଲେ । ପରସ୍ପର ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା । ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ପାଟିତୁଣ୍ଡ ଖବର ଜାଣିବା ପରେ ଗୁଜୁରାଟରେ ଦାଦନ ଖଟୁଥିବା ପୁଅ ପ୍ରତାପ ଗାଁକୁ ଫେରିଥିଲେ । ମାତ୍ର ଆଜି ସକାଳେ ପ୍ରତାପ ରହୁଥିବା ଘରର କବାଟ ଖୋଲିନଥିଲା । ରାଜକନିକା ତହସିଲଦାର ଭାନୁମତୀ ମାଝି ପହଞ୍ଚିବା ପରେ ରାତି ପାଖାପାଖି ୮ ଟା ରେ ଘରର କବାଟ ତଡା ଯାଇଥିଲା । ସ୍ତ୍ରୀ ଶଶିରେଖା ଘର ଭିତରେ ଓ ସ୍ୱାମୀ ଡାଇନିଂରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ପାରିବାରିକ କଳହର କରୁଣ ପରିଣତି ଯେ କେତେ ଭୟଙ୍କର ତାହା ଏପରି ଘଟଣା ରୁ ଜଣାପଡିଛି। ସାଇଣ୍ଟିଫିକ ଟିମ , ମାଜିଷ୍ଟ୍ରେଟ ଓ ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଲ କୁମାର ମଲ୍ଲିକ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ସାପ କାମୁଡାରେ ଛାତ୍ରୀ ମୃତ

ରାଜନଗର, (ସବ୍ୟୁ) : ରାଜନଗର ବ୍ଲକ ମହୁଲିଆ ପଞ୍ଚାଯତ ମାଣପଡ଼ା ଗାଁର ଗଣେଶ ନାଥଙ୍କ ଝିଅ ମୌସୁମୀ ନାଥ ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି । ସୂଚନା ମୁତାବକ ମୌସୁମୀ ଗତକାଲି ରାତିରେ ଘରେ ଶୋଇଥିବା ଅବସ୍ଥାରେ ବିଷଧର ସାପ କାମୁଡିଥିଲା । ପରିବାର ଲୋକେ ମୌସୁମୀକୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ ମୌସୁମୀକୁ ଡାକ୍ତର କଟକ ସ୍ଥାନାନ୍ତରିତ କରିଥିଲେ । କଟକରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୌସୁମୀ ମାଣପଡ଼ାସ୍ଥିତ ପଞ୍ଚୁବରାହୀ ବିଦ୍ୟା ନିକେତନରେ ନବମ ଶ୍ରେଣୀରେ ପାଠ ପଢନ୍ତି । ଖବର ଜଣାପଡିବା ପରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳଙ୍କ ପୌରହିତ୍ୟରେ ବିଦ୍ୟାଳୟରେ ମୃତ ଛାତ୍ରୀଙ୍କ ପାଇଁ ଶୋକସଭା ଓ ନୀରବ ପାର୍ଥନା ଅନୁଷ୍ଠିତ ହୋଇଥିଲା

## ୧୧ କେ ଭି ବିଦ୍ୟୁତ ତାର ଲାଗି ଯୁବକ ମୃତ

କୋରେଇ,(ସବ୍ୟୁ) :କୋରେଇ ଥାନା ଅନ୍ତର୍ଗତ ରଣପୁର ପଂଚାୟତ ତୋରନ୍ଦା ଗ୍ରାମରେ ଥିବା ପୁରୁଷତ୍ତମ ବିଦ୍ୟା ମନ୍ଦିରର ଘର ଛାତ ଉପରେ ଯାଇଥିବା ୧୧କେ ଭି ବିଦ୍ୟୁତ ତାରରେ ଲାଗି ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଯୁବକ ଜଣକ ତୋରନ୍ଦା ଗ୍ରାମର ମହେଶ୍ୱର ମଲ୍ଲିକଙ୍କ ପୁଅ କାଳନ୍ଦି (୩୫)ବୋଲି ଜଣାପଡିଛି । କାଳନ୍ଦି ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରେ । ଦୈନ ଦିନ ଭଳି ଆଜି ଟ୍ରାକ୍ଟର ଚଲେଇବାକୁ ଘରୁ ସକାଳୁ ବାହାରି ଆସିଥିଲା । ମାତ୍ର ପୂର୍ବାହ୍ନ ୧. ୩୦ରେ ଛାତ ଉପରୁ ନିଆଁ ବାହାରିବ ଦେଖି ସ୍ଥାନୀୟ ଲୋକେ ସେଠାକୁ ଯାଇ ଦେଖିବାରୁ ବିଦ୍ୟୁତ ତାରରେ ଲାଗି କାଳନ୍ଦି ପଡ଼ିଥିବା ଦେଖିଥିଲେ । ସେତବେଳକୁ ଲାଇନ କଟିଯାଇଥିଲା । ସଙ୍ଗେ ସଙ୍ଗେ ଏହି ଘଟଣା ଗାଁରେ ପ୍ରଚାର ହୋଇଯାଇଥିଲା । ସେଠାରେ ଲୋକେ ରୁଣ୍ଡ ହୋଇଯାଇଥିଲେ କେହି କୋରେଇଥାନକୁ ଖବର ଦେବା ସହ ବିଦ୍ୟୁତ ସେକ୍ସନ କୁ ଖବର ଦେଇଥିଲେ । ଖବର ପାଇ ବିଦ୍ୟୁତ କର୍ମଚାରୀ ପହଂଚି ଥିବାବେଳେ କୋରେଇ ପୁଲିସ ମଧ୍ୟ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ।


## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ବୁହାଳୋ ଗ୍ରାମର ସୁବାଷ ଚନ୍ଦ୍ର ସେଠୀ (୪୪) ରଶି ଲଗାଇ ଆତ୍ମହତ୍ୟା କରିଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି । ପାରିବାରିକ କଳହରୁ ଭାରସାମ୍ୟ ହରାଇ ରାତିରେ ଘରେ ସମସ୍ତେ ଖାଇପିଇ ଶୋଇବା ପରେ ସେ ରଶି ଲଗାଇ ଦେଇଥିବା ଜଣାଯାଇଛି । ଜଣାଯିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅଭିଯୋଗ ପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡ଼ାକ୍ତର ଖାନାକୁ ପଠାଇଥିଲେ ।

## ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି : ଲୋକେ ଆତଙ୍କିତ

ଧର୍ମଶାଳା,(ସବ୍ୟୁ) : ଓଡିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେବ ବୋଲି ଗତ କାଲି ସନ୍ଧ୍ୟାରେ ଜିଲ୍ଲା ପ୍ରସାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ଯେଗେ ନଦୀ ତଟବର୍ତୀ ଲୋକମାନଙ୍କୁ ସତର୍କ କରାଯାଇଥିଲା । ଫଳରେ ଲୋକେ ଛାନିଆରେ ରାତିତମାମ ଘରେ ଅନିଦ୍ରା ହୋଇ ରହିଥିଲେ । ଗତକାଲି ସନ୍ଧ୍ୟାସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ଜଳପତନ ବିପଦ ସଙ୍କେତ ତଳେ ୬୫.୧୦ ଫୁଟରେ ପ୍ରବାହିତ ହୋଇଥିଲା । ଏହା ଉପରେ ଆହୁରୀ ଅଧିକ ୪ ଫୁଟ ବନ୍ୟାଜଳ ପ୍ରବାହିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ଗତକାଲି ରାତିରେ ପ୍ରଚାର କରାଯାଇଥିଲା । ଯାହାକୁ ନେଇ ନଦୀ ପାର୍ଶ୍ୱରେ ରହୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଥିଲେ । ତେବେ ଆଜି ନଦୀରେ ଧିରେ ଧିରେ ବନ୍ୟାଜଳ କମୁଥିବା ଯୋଗୁଁ କିଛିଟା ଆସ୍ୱସ୍ତି ମିଳିଛି । ସୂଚନା ମୁତାବକ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରେ ୩ ଗୋଟି ଗେଟ ଖୋଲାଯାଇଥିବା ବେଳେ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି । ତେବେ ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ହ୍ରାସ ପାଇ ୬୪.୫୦ ରହିଥିବା ଜଣାଯାଇଛି । ସେହିପରି ଉପର ମୁଣ୍ଡରେ ଅଧିକ ବର୍ଷା ହେଉଥିବାରୁ ଆଉ ଏକ ଗେଟ ଖୋଲିବାର ଆଶଙ୍କା ରହିଥିଲା । ତେବେ ଉପର ମୁଣ୍ଡରେ ବର୍ଷା କମିଯାଇଥିବାରୁ ରେଙ୍ଗାଲିର ଚତୁର୍ଥ ଗେଟ ଖୋଲିବାର ଆଶଙ୍କା କମ ରହିଛି । ତେଣୁ ଭୟଭିତ ହେବାର କାରଣ ନାହିଁ ବୋଲି ଜାରକା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି ।

## ସୌମ୍ୟାଶ୍ରୀର ନ୍ୟାୟ ପାଇଁ ଯୁବ ଓ ଛାତ୍ର କଂଗ୍ରେସର ମହମବତୀ ଶୋଭାଯାତ୍ରା



ଜଗତସିଂହପୁର,(ସବ୍ୟୁ): ଜଗତସିଂହପୁର ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଫକିରମୋହନ ମହାବିଦ୍ୟାଳୟର ମୃତ ଛାତ୍ରୀ ସୌମ୍ୟାଶ୍ରୀକୁ ନ୍ୟାୟ ପ୍ରଦାନ ଦାବିରେ ଜଗତସିଂହପୁର ସଦର ମହକୁମା ଠାରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ ଓ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।


ଏହି ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ,ଜିଲ୍ଲା କଂଗ୍ରେସ ସେବା ଦଳ ଅଧକ୍ଷ ଡ଼ ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧକ୍ଷ ଇମତିୟାଜ ଅହମ୍ମଦ ଖାଁ, ଯୁବ ନେତା ଇଂ ଜ୍ଞାନ ରଞ୍ଜନ ଜେନା,ପ୍ରବିର ପରିଜା,ସୌମ୍ୟରଞ୍ଜନ ମହାନ୍ତି,ଦାଶରଥି ସ୍ୱାଇଁ, ଉମେଶ ସ୍ୱାଇଁ,ଆର୍ଶୀବାଦ ତ୍ରିପାଠୀ,ହିଫଜୁଲ୍ ରହେମାନ,ସଂଦିପ ସ୍ୱାଇଁ,ଅତୁଲ୍ୟ ବିଶ୍ୱାଳ,ସେଖ ଅମିନୁସ ସାଜେଦିନ, ବୃନ୍ଦାବନ ପ୍ରଧାନ, ଅବନୀକାନ୍ତ ମହାରଣା, ଗୌରାଙ୍ଗ ଦଳେଇ,ରାଜା ସ୍ୱାଇଁ,ବାହାନ ପରିଡ଼ା, ପଙ୍କଜ କୁମାର ପଣ୍ଡା,ସେଖ ହେଦାୟତ ଅଲ୍ଲୀ, ବିକ୍ରମ ଚୌଧୁରୀ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ,ଦେବ ପ୍ରସାଦ ମହାପାତ୍ର, ସରୋଜ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ଈଶ୍ୱର ଚନ୍ଦ୍ର ସ୍ୱାଇଁ,ମାନସ ସେଠୀ,ଧ୍ରୁବ ଚରଣ କାଣ୍ତି,ଲିପକ ବସ୍ତିଆ, ଗୋପିନାଥ ବିଶ୍ୱାଳ, ବାସୁଦେବ ବାରିକ, ଟୁକୁନା ନାୟକ, ରବିନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ଚରଣ ସ୍ୱାଇଁ, ଅଶୋକ ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଇସ୍ତଫା ଦାବି କରିଥିଲେ ।

## ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିର ଉମରର ଜମିକୁ ନେଇ ବଢୁଛି ଅଡୁଆ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକର ଉମର ପଂଚାୟତ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିରର ଜମି କେଲେଙ୍କାରୀକୁ ନେଇ ଏବେ ସାଧାରଣରେ ଅଭିଯୋଗ ବଢ଼ିବାରେ ଲାଗିଛି। ଦେବୋତ୍ତର ବିଭାଗ , ମନ୍ଦିର ପୂଜକ ଓ ଟ୍ରଷ୍ଟବୋର୍ଡ ମଧ୍ୟରେ ଦୀର୍ଘଦିନ ଧରି ଟଣାଓଟରା ଲାଗିରହିଥିଲା ବେଳେ ମନ୍ଦିରର ଜମି କେଲେଙ୍କାରୀକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ଏବେ ପଦାକୁ ଆସିଛି। ସୂଚନା ତଥ୍ୟ ଦ୍ୱାରା ହସ୍ତଗତ ହୋଇଥିବା ରିପୋର୍ଟ ନମ୍ବର ୧୭/ ୧୪୨ସି ତା ୨୮.୭.୨୦୨୨ରିଖ ଅନୁସାରେ ମନ୍ଦିରର ସମୁଦାୟ ସମ୍ପତ୍ତି ୨୧ ଏକର ୫୫୪ଡି. ଜାଗାରୁ ୭ଏକର ୩୬ଡି. ଜମିକୁ ମନ୍ଦିରର ପୂଜକମାନେ ବିଭିନ୍ନ ସମୟରେ ନିଜର ସ୍ୱାର୍ଥ ପାଇଁ ବିକ୍ରି କରିଥିଲା ବେଳେ କିଛି ପୂଜକ ନିଜେ ବିକ୍ରିକରି ନିଜ ନାମରେ ଜମି କରାଇ ନେଇଥିବା ମନ୍ଦିର ଖାତା ନଂ ୮୪୫ରେ ଉଲ୍ଲେଖ ରହିଛି। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି ଯେ ଚକବନ୍ଦି ପରେ ଠାକୁରଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଥିବା ମନ୍ଦିରର ଖାତା ନଂ ୮୪୪ରୁ ଏ.୧.୫୫୮ଡି. ଜାଗା ଓ ଖାତା ନଂ ୮୪୫ରୁ ୩୩୬ଡି. ଜମିକୁ ମନ୍ଦିର ପୂଜକମାନେ ତହସିଲ କାର୍ଯ୍ୟାଳୟ ମାହାଙ୍ଗା ସହାୟତାରେ ଚଞ୍ଚକତାର ସହିତ ସମୁଦାୟ ଏ.୧.୮୯୪ଡି. ଜମିକୁ ଠାକୁରଙ୍କ ଖାତାରୁ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକରେ ପୂଜକମାନଙ୍କ ବଂଶାନୁକ୍ରମିକ ପୂଜା ଅଧିକାରକୁ ଏମ୍ଏ ନମ୍ବର ୩୦/୧୯୭୧ଦ୍ୱାରା ଖାରଜ କଲାପରେ ଅତିରିକ୍ତ ଦେବୋତ୍ତର କମିଶନର କଟକ କେଉଁ ଆଇନ ବଳରେ ପୂଜକମାନଙ୍କୁ ବଂଶାନୁକ୍ରମିକ ପୂଜା ଅଧିକାର ଦେଲେ ସେ ନେଇ ଟ୍ରଷ୍ଟି ବିଜୟ କୁମାର ସାମଲ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଟ୍ରଷ୍ଟି ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ଧାରା ୨୫ବଳରେ ପୂଜକ ରବିନ୍ଦ୍ର ପଣ୍ଡା ଓ ପୂଜକ ବଟକୃଷ୍ଣ ପଣ୍ଡା ନାମରେ ପୃଥକ ପୃଥକ ଭାବେ ଦେବୋତ୍ତର କମିଶନର ଭୁବନେଶ୍ୱର ଅଦାଲତରେ ଓ.ଏ ନଂ ୨୬୮/ ୨୦୨୦ରେ ମାମଲା ରୁଜୁ କରାଯାଇଥିଲା। ମାନ୍ୟବର ଅଦାଲତ ଏହାର ଶୁଣାଣୀକରି ପୂଜକ ଆଣିବା ପାଇଁ ପରିଚାଳନା କମିଟି ଏ.ଓ ଅର୍ଡର ନଂ୬୨୭୨(୬)ଜେ.ଇ.ସି ତାରିଖ ୩.୭.୨୦୨୫ରେ ଜିଲ୍ଲାପାଳ କଟକଙ୍କୁ ନିର୍ଦ୍ଦେଶ ନାମା ଜାରିକରିଥିଲା ବେଳେ ପୂଜକମାନେ ନିଜ ନାମରେ କରିନେଇଥିବା ଜମିକୁ ଖୁବ୍‌ଶୀଘ୍ର ଠାକୁରଙ୍କ ଖାତାକୁ ଫେରିବ ବୋଲି ଟ୍ରଷ୍ଟି ବିଜୟ କୁମାର ସାମଲ ଆଶାବ୍ୟକ୍ତ କରିଛନ୍ତି। ତାଙ୍କର ଏହିଭଳି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି। ତୁରନ୍ତ ଦେବୋତ୍ତର ବିଭାଗ ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିରରେ ହୋଇଥିବା ଜମି ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଭିଜିଲାନ୍ସ ହାବୁଡ଼ରେ ଉପନିବନ୍ଧକ ବରିଷ୍ଠ ସହାୟକ ସୁକାନ୍ତ ସିଂ

ବାଲିପାଟଣା (ସବ୍ୟୁ) : ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଉପନିବନ୍ଧକ କାର୍ଯ୍ୟାଳୟର କାର୍ଯ୍ୟରତ କର୍ମଚାରୀ ବୁଧବାର ଦିନ ଅପରାହ୍ଣରେ ଭିଜିଲାନ୍ସ ହାବୁଡ଼ରେ ପଡିଛନ୍ତି । ବାଗଲପୁର ଗ୍ରାମର ବୁଢ଼ୀ ମା' ମଙ୍ଗଳା ଟ୍ରଷ୍ଟ ରେଜିଷ୍ଟେସନ କରାଇ ଦେବାକୁ ଲାଞ୍ଚୁଆ ବାବୁ ୪ ହଜାର ଟଙ୍କା ଦାବି କରିଥିଲେ ।



ଉପନିବନ୍ଧକ ବରିଷ୍ଠ ସହାୟକ ସୁକାନ୍ତ କୁମାର ସିଂ ପୂର୍ବରୁ ଦେଢ଼ ହଜାର ଟଙ୍କା ନେଇ ଥିବା ବେଳେ ବୁଧବାର ଦିନ ଅବଶିଷ୍ଟ ୨ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ ଅଫିସ ଭିତରେ ମାଡ଼ି ବସିଥିଲା । ଦୀର୍ଘ ଦିନ ହେଲା କାମ ପାଇଁ ଉପନିବନ୍ଧକ କାର୍ଯ୍ୟାଳୟକୁ ଦୌଡୁଥିଲେ । ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ କାମକୁ ଜାଣିଶୁଣି ସ୍ଥଗିତ ରଖା ଯାଇଥାଏ । ମୋଟା ଅଙ୍କର ଲାଞ୍ଚ ନେବା ପରେ ହିତାଧିକାରୀଙ୍କ କାମ ହେଉଥିଲା କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବରେ କାର୍ଯ୍ୟରତ ମହେନ୍ଦ୍ର ସାହୁଙ୍କୁ ମଧ ଭିଜିଲାନସ ଟିମ ସାଙ୍ଗରେ ନେଇଯାଇଥିବା ଜଣାପଡିଛି ।ଏହି ଘଟଣା ପରେ ବାଲିପାଟଣାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବ୍ୟପକ ଦୁର୍ନୀତି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।ଲାଞ୍ଚୁଆ ବାବୁମାନଙ୍କ ମନରେ ଛନକା ପଶିଛି । ପ୍ରକାଶ ଥାଉ କି କିଛି ବର୍ଷ ତଳେ ବାଲିପାଟଣା ଥାନାରେ ଜଣେ ମହିଳା ପୁଲିସ ଅଫିସର ଲାଞ୍ଚ ନେଇ ଧରା ପଡ଼ିଥିଲେ ।

# ଯୁବକକୁ ମରଣାନ୍ତକ ଆକ୍ରମଣ
## ଅଭିଯୁକ୍ତ ଗିରଫ

ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ ଥାନା ଅର୍ନ୍ତଗତ ସାଦପଡା ଗ୍ରାମରେ ପୂର୍ବ ବିବାଦକୁ ନେଇ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ସେହି ଆକ୍ରମଣ ଘଟଣାରେ ଜଣେ ଅଭିଯୁକ୍ତକୁ ଡେଲାଙ୍ଗ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ସୁଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ମାନସ ପ୍ରଧାନ(୩୦) ସାଦପଡା ଗ୍ରାମ ବୋଲି ପୋଲିସ ଠାରୁ ଜଣାପଡିଛି । ସୁଚନା ଥାଉକି ସାଦପଡା ଗ୍ରାମର ଗୋଲାପ ଦେଇଙ୍କ ପୁଅ ଶ୍ରୀମନ୍ତ ପ୍ରଧାନ( ୩୦)କୁ ପୁର୍ବ ବିବାଦକୁ ନେଇ ସେହି ଗ୍ରାମର ମାନସ ପ୍ରଧାନ ଙ୍କ ସମେତ ୪ଜଣ ବ୍ୟକ୍ତି ସଂଘବଧ ଭାବେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଗୋଲାପ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ୨୫୧ / ୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା । ମଙ୍ଗଳବାର ଅଭିଯୁକ୍ତ ମାନସକୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ନେଇ ତଦନ୍ତକାରୀ ଅଧିକାରିଣୀ ଏଏସଆଇ ବିନୋଦିନୀ ବେହେରା ସୁଚନା ଦେଇଛନ୍ତି ।

# ସବୁ ଜିଲ୍ଲାପାଳ, ଏସ୍‌ପିଙ୍କୁ ଗୃହ ବିଭାଗର ଚିଠି
# ବନ୍ଦ ବେଳେ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ପକ୍ଷରୁ ଗୁରୁବାର ହେବାକୁ ଥିବା ଓଡ଼ିଶା ବନ୍ଦ ନେଇ ରାଜ୍ୟର ରାଜ୍ୟ ଗୃହ ବିଭାଗ ସବୁ ଜିଲ୍ଲାପାଳମାନଙ୍କୁ ଚିଠି କରିଛି । ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି । ଜରୁରୀକାଳୀନ ସେବା ପ୍ରଭାବିତ ନହେବା ଉପରେ ଗୁରୁତ୍ୱ ଦେଇଛି । ଅନ୍ୟପଟରେ ଓଡ଼ିଶା ବନ୍ଦ ପାଇଁ ରାଜ୍ୟ ସରକାର ଆଜି ସନ୍ଧ୍ୟାରେ ବଡ଼ଧରଣର ବେଠକ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟମନ୍ତ୍ରୀ, ଅନ୍ୟମନ୍ତ୍ରୀ, ବିଧାୟକ, ବିଜେପି ରାଜ୍ୟ ସଭାପତି, ପୋଲିସ ଡିଜି ଉପସ୍ଥିତ ଥିଲେ । ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ବନ୍ଦ ହେବ । ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ପରେ ରାଜ୍ୟ ରାଜନୀତି ଜୋର୍ ଧରିଥିବା ବେଳେ କଂଗ୍ରେସ ପକ୍ଷରୁ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି ।

ବନ୍ଦକୁ କଂଗ୍ରେସ ସମେତ ସମସ୍ତ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଏନ୍ସିପି, ଏସ୍ପି ଓ ଆର୍ଜେଡି ଦଳ ସମର୍ଥନ ଜଣାଇଛନ୍ତି । ବନ୍ଦ ଯୋଗୁଁ ଗୁରୁବାର ବିଦ୍ୟାଳୟ, କଲେଜ ଓ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି । କଂଗ୍ରେସ ଭବନଠାରେ ଆୟୋଜିତ ବିଭିନ୍ନ ଦଳର ମିଳିତ ସାମ୍ବାଦିକ ସମ୍ମିଳନୀରେ ମଙ୍ଗଳବାର ଏ ସଂପର୍କରେ ଘୋଷଣା କରାଯାଇଛି ।

# ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଭୂମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ସାକ୍ଷୀଗୋପାଳ,(ସବ୍ୟୁ): ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ସାକ୍ଷୀଗୋପାଳ ବଜାରସ୍ଥିତ ରେଳ ଫାଟକ ସ୍ଥାନରେ ପ୍ରସ୍ତାବିତ ରେଳ ଓଭର ବ୍ରିଜ ର୍ନିମାଣ ନିମନ୍ତେ ଭୂମି ଚିହ୍ନଟ ପ୍ରକ୍ରିୟା ଆଜି ଦିତୀୟ ଦିନରେ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ଏହି ରେଳପ୍ରକଳ୍ପ ର୍ନିମାଣରେ କ୍ଷତି ଗ୍ରସ୍ତ ହେଉଥିବାରୁ ଏହାକୁ ଅତି ସତର୍କତା ସହ ମାପ ଚୁପ କରାଯାଉଛି ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ଆସନ୍ତା କାଲି ଗୁରୁବାର କଂଗ୍ରେସ ଦ୍ୱାରା ବନ୍ଦ ଡାକରା ଦିଆଯାଇଥିବାରୁ ସ୍ଥିତିକୁ ନଜର ଦେଇ ଭୂମି ଚିହ୍ନଟ ପକ୍ରିୟା ଅନୁଷ୍ଠିତ ହେବ । ବୁଧବାର ଦିନ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ସାକ୍ଷୀଗୋପାଳ ରେଳ ଫାଟକ ପର୍ଯ୍ୟନ୍ତ ଏହି ଚିହ୍ନଟ ପକ୍ରିୟା ଅନୁଷ୍ଠିତ ହୋଇଛି । ଭୂମି ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଟି ଟିମ ଗଠନ ହୋଇଛି । ଗତକାଲି ମଙ୍ଗଳବାର ଭୂମି ଚିହ୍ନଟ ପକ୍ରିୟା ରେ ନିୟୋଜିତ ଉଭୟ ଟିମର ଅଧିକାରୀ ମାନେ ଆଜି ବୁଧବାର ମଧ ଏହି ଚିହ୍ନଟ ଅଥଚ ମାପ ଚୁପ ରେ ଅଂଶ ଗ୍ରହଣ କରିଥିଲେ । ଗତକାଲି ମଙ୍ଗଳବାର ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଙ୍ଘ ତରଫରୁ ବିରୋଧ ଓ ବଜାର ରାସ୍ତା ଅବରୋଧ ଫଳରେ ଅପରାହ୍ଣରେ ଏହି ମାପଚୁପ ବନ୍ଦ ରହିଥିଲା ।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ନିରାକାରପୁର, (ସବ୍ୟୁ) :ଜୀବନ ଯୁଦ୍ଧରେ ହାରି ଯାଇ ଥିବା ସୌମ୍ୟାଶ୍ରୀ ଙ୍କ ପାଇଁ ଶୋକ ସଭା ଓ ମହମବତୀ ଜାଳି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ।ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣାରେ ଚିକିତ୍ସାଧୀନ ଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ନ୍ୟାୟ ମିଳିବା ଓ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ନିରାକାରପୁର କଲେଜ ଛାତ୍ରଛାତ୍ରୀ କଲେଜ ପରିସରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ମହବତୀ ଜଳାଇ ସମବେଦନା ଜଣାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଛାତ୍ର ସଂଗଠକ କାର୍ତ୍ତିକ ସାମନ୍ତରାୟ , ରୋପିତା ଚଂପତି , ସତ୍ୟ ପ୍ରିୟ ପ୍ରଧାନ, କାଜଲ ମଙ୍ଗରାଜ, ବିଭୂତି ଭୂଷଣ ରଣର୍ବି, ବୈଶାଖୀ, ସୃତି ପରିଡ଼ା, ବାବୁଲ ଓ ମାମାଲି ପ୍ରଧାନ ପ୍ରମୁଖଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବୋଲଗଡ଼, (ସବ୍ୟୁ): ବୋଲଗଡ ବ୍ଲକ ମହିଳା ଶିଶୁ ବିକାଶ ପ୍ରକଳ୍ପର ବରିଷ୍ଠ କର୍ମଚାରୀ ମନୋରଞ୍ଜନ ସାହୁ (ମନୁ ଭାଇ) ଙ୍କର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସୋମବାର ଦିନ ବୋଲଗଡ଼ ସଦର ମହକୁମା ବସ୍ତ ନନ୍ଦିଘୋଷ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ବ୍ଲକ ଅଙ୍ଗନବାଡ଼ି କର୍ମୀ ସହାୟକ ସଂଘ ସଭାନେତ୍ରୀ ମେରୀୟା ବେଗମ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଉପଦିଷ୍ଟା ଗଙ୍ଗାଧର ଦାଶ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦିକା ସୁଲୋଚନା ପରିଡ଼ା ବିବରଣୀ ପାଠ କରିଥିଲେ। ପ୍ରକଳ୍ପ ଅଧିକାରିଣୀ ସୁଷମା ପ୍ରଧାନ ମୁଖ୍ୟ ଅତିଥି ମମତା କାର୍ଯକ୍ରମର ମୁଖ୍ୟ ବିଷ୍ଣୁପ୍ରିୟା ବାରିକ ସମ୍ମାନିତ ଅତିଥି ମୁଖ୍ୟ ବକ୍ତା ଭାବେ ବରିଷ୍ଠ କର୍ମଚାରୀ ସମ୍ରାଟ ଆରିସଲ ଅନ୍ୟତମ ଅତିଥି ଭାବେ ନମିତରାନି ମଙ୍ଗରାଜ ,



ଶର୍ମିଷ୍ଠା ବାରିକ, ଲିଲି ର୍ତିକୀ , ଭବାନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ଅବସରପ୍ରାପ୍ତ କର୍ମଚାରୀ ମନୋରଞ୍ଜନ ସାହୁଙ୍କୁ ଉପଢୌକନ ମାନପତ୍ର ଉତ୍ତରୀୟ ଆଦି ବହୁ ଉପହାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଅଙ୍ଗନବାଡ଼ି ସଂଘର ଉପସଭାନେତ୍ରି ପ୍ରତିମା ଦେଇ ସଂଗଠନ ସମ୍ପାଦିକା ନମିତରଣି ପ୍ରଧାନ ,ସହସଂପାଦିକ ପ୍ରଭାସିନୀ ମହାରଣା ,କୋଷଧକ୍ଷା ରେଣୁବାଳା ଦେଇ ପ୍ରବୀଣ ରଣସିଂହ , ଶାନ୍ତିଲତା ଦେଇ , ମହେଶ୍ୱେତା ଲକ୍ଷ୍ମୀ ଦେଇ ପ୍ରମୁଖ ବହୁ ଉପସ୍ଥିତ କର୍ମୀ ମାନେ ମନୁଭାଇ ଙ୍କ ୨୫ ବର୍ଷ ର କାର୍ଯ୍ୟ ଦକ୍ଷତା ମିଷ୍ଟଭାଷୀ ପରୋପକାରୀ ସହଯୋଗୀ ଓ ସମସ୍ତଙ୍କୁ ଭଲପତିବ ସମ୍ପର୍କରେ ଗୁଣଗାନ କରିଥିଲେ । ଶେଷରେ ମେରିୟା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବତୀଙ୍କ ଗାଧୋଇବା ବେଳର ଭିଡ଼ିଓ ଭାଇରାଲ : ଯୁବକ ଗିରଫ



ବାରଙ୍ଗ ,(ସବ୍ୟୁ) : ଜଣେ ଯୁବତୀ ଗାଧୋଇବା ବେଳର ଭିଡିଓ କରି ଭାଇରାଲ କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ସିଏ ହେଲେ ଚନ୍ଦକାଥାନା ଅଧୀନସ୍ଥ ପାଣିଓରାରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର କାର୍ତ୍ତିକ ପ୍ରଧାନ ଓରଫ ର୍ନିମଳ(୩୦)।

ପ୍ରକାଶଯେ, କାର୍ତ୍ତିକ ଚନ୍ଦକା ଥାନା ଅଞ୍ଚଳର ପାଣିଓରା ଗ୍ରାମରେ ଭଉଣୀ ଘରେ ରହି ଏକ କମ୍ପାନୀରେ କାମ କରନ୍ତି। ଭଉଣୀ ଘର କଡ଼ରେ ରହୁଥିବା ଜଣେ ଯୁବତୀଙ୍କ ପ୍ରତି କିଛିଦିନ ହେବ କାର୍ତ୍ତିକଙ୍କ ମନରେ ମନ୍ଦ ଚିନ୍ତାଧାରା ରହିଥିଲା।ସୁବିଧା ଦେଖି ଘର ପଛପାଖ ଗାଧୁଆ ଘରେ ଗାଧୋଉ ଥିବାବେଳେ ଯୁବତୀଙ୍କ ଭିଡିଓ କାର୍ତ୍ତିକ କୌଶଳକ୍ରମେ କରିଥିଲେ।ପରେ ତାଙ୍କର ଜଣେ ବନ୍ଧୁଙ୍କ ନିକଟକୁ ପଠାଇ ଦେଇଥିଲେ ।ମଙ୍ଗଳବାର ସକାଳେ ପୁନର୍ବାର ଯୁବତୀ ଗାଧୋଇବାର ସୁଯୋଗରେ ଲୁଚିକରି କାର୍ତ୍ତିକ ଭିଡିଓ କରୁଥିବା ବେଳେ ଯୁବତୀ ଜଣଙ୍କ ଜାଣି ତାଙ୍କ ବାପାଙ୍କୁ କହିଥିଲେ।ଯୁବତୀଙ୍କ ବାପା ଏହି ଘଟଣା ସମ୍ପର୍କରେ କାର୍ତ୍ତିକଙ୍କୁ ଏନେଇ ପଚାରିବା ସହିତ ପାଖରେ ରଖିଥିବା ଭିଡିଓ କରିବା ଲାଗି ଅନୁରୋଧ କରିଥିଲେ ।

କିନ୍ତୁ କାର୍ତ୍ତିକ ଭିଡିଓ କରିବା ପରିବର୍ତ୍ତେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ ଏବଂ ଭିଡିଓ ପାଇଁ ତାଙ୍କୁ ଟଙ୍କା ମାଗିଥିଲେ ।ତୁରନ୍ତ ସେହି ଭିଡିଓକୁ ସେ ତାଙ୍କ ବନ୍ଧୁଙ୍କ ନିକଟକୁ ପୁନର୍ବାର ପଠାଇ ଦେଇଥିଲେ ବୋଲି ଯୁବତୀଙ୍କ ବାପା ଚନ୍ଦକା ଥାନାରେ ମଙ୍ଗଳବାର କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ୨୩୮ / ୨୫ କେସ ନମ୍ବରରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ କାର୍ତ୍ତିକଙ୍କୁ ବୁଧବାର ଗିରଫକରି ତାଙ୍କ ନିକଟରୁ ତାଙ୍କ ମୋବାଇଲ ଫୋନ ଏବଂ ତାଙ୍କ ବନ୍ଧୁଙ୍କ ମୋବାଇଲଫୋନକୁ ଜବତ କରିଥିଲେ । ପଚରାଉଚରାରୁ କାର୍ତ୍ତିକ ନିଜର ଅପରାଧ ସୀକାର କରିଥିଲେ।

# ବେଦ ପାଠଶାଳାରେ ବୃକ୍ଷ ରୋପଣ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଶ୍ରୀ ଦେବେଁ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶବିଦ୍ୟାଳୟ ବେଦ ବିଭାଗ ଅଧକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ବୃକ୍ଷ ରୋପଣ ଓ ବନ ମହୋତ୍ସବର ସମାଜ ଏବଂ ବିଶ୍ୱ ପ୍ରତି ଉପକାରିତା ବୈଦିକ ବ୍ୟାଖ୍ୟାନ ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କୁ ଉପଦେଶ ଦେଇଥିଲେ। ବେଦ ବିଦ୍ୟାଳୟ ର ଅଧକ୍ଷ ଡଃ କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦବିଦ୍ୟାର୍ଥୀ ମାନଙ୍କ ଦାରା ବୃକ୍ଷ ରୋପଣ କରାଯାଇଥିଲା।

# ନୂଆଗାଁ କେନାଲ ବନ୍ଧ ରାସ୍ତା ତଦାରଖ କଲେ ଅଧିକ୍ଷଣ ଯନ୍ତ୍ରୀ

ବଳଙ୍ଗା, (ସବ୍ୟୁ) : ବଳଙ୍ଗା ଜଳସମ୍ପଦ ବିଭାଗ ପକ୍ଷରୁ ରାସ୍ତା ର୍ନିମାଣ ହେବାର ୧୫ ଦିନ ପୂରିନି ଭୁଶୁଡି ପଡ଼ିଲାଣି ସାଇଡ ବାଡ଼ ଓ ଫାଟି ଦବି ଗଲାଣି ପିଚୁ ରାସ୍ତା। ଚିନ୍ତାରେ ନିମାପଡା ଓ ସତ୍ୟବାଦୀ ର ୪୦ ରୁ ଉର୍ଦ୍ଧ ଗ୍ରାମବାସୀ।ସତ୍ୟବାଦୀ ବ୍ଲକ, ପୁରୀ ସଦର ବ୍ଲକକୁ ସଂଯୋଗ କରୁଥିବା ନୁଆ ଗାଁ ମାଇନର କେନାଲ ବନ୍ଧ ମୁଖ୍ୟ ରାସ୍ତା ନିମାପଡା ଉଗ୍ରେଶର ଦେଉଳି ରୁ ସତ୍ୟବାଦୀ ବ୍ଲକ ପଦ୍ମପୁର ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ରୁ ଅଧିକ କେନାଲ ବନ୍ଧ ରାସ୍ତା ଓସାରିଆ ସହ ପିଚୁ ରାସ୍ତା ଜଳସେଚନ ବିଭାଗ ତରଫରୁ ପୃଥକ ପୃଥକ ଭାବେ ଠିକାଦାର ମାଧ୍ୟମରେ



କାର୍ଯ୍ୟ କରାଯାଇଛି ।

କିନ୍ତୁ ନିୟମ ଅନୁସାରେ ରାସ୍ତା ସମ୍ପ୍ରସରଣ ପିଚୁ ରାସ୍ତାର ଉଭୟ ପାଶ୍ୱରେ ପାଖା ପାଖି ୪ ଫୁଟ ଓସାର କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଅଳ୍ପ ବାଟ ତରବରିଆ ଭାବରେ ମାଟି ପୋତି ପିଚୁ ପକାଇ ଦେଇଥିବା ବେଳେ ସାମାନ୍ୟ ବର୍ଷା ରେ ରାସ୍ତା ର ପାର୍ଶ ମାଟି ସବୁ ଭୁଶୁଡି ପଡ଼ିଥିବା ବେଳେ ଅନେକ ସ୍ଥାନରେ ପିଚୁ ଫାଟି ଆଁ ମେଲା କଲେଣି। ଏପଟେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହ କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ଅନୁଧାନ କରିବା ପାଇଁ ଅଭିଯୋଗ ପରେ ବୁଧବାର ଅପରାହ୍ଣରେ ନିମାପଡ଼ା ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଲ, ଭୁବନେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ବିଳାସ ସେଠୀ,ସୁଜଟ ଟହଲ ,ବଳଙ୍ଗା ଉପଖଣ୍ଡ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନୁଆ ରାସ୍ତାକୁ ଅନୁଧାନ କରିଥିଲେ ଏବଂ ରାସ୍ତା ଫାଟୁଥିବାରୁ ଯେହେତୁ ଉଭୟ ପାର୍ଶ ଗାଡିଆ ଓ ଖାଲ ଥିବାରୁ ଏବଂ ଏହି ରାସ୍ତାରେ ଟ୍ରକ, ହାଇୱା ଜିବାରେ ରାସ୍ତାର ପାର୍ଶ୍ୱ ଫାଟୁଥିବାରୁ କେନାଲ ରାସ୍ତାରେ ଗାଡ ୱାଲ କରାଯିବା ପାଇଁ ସ୍ଥିର କରାଯାଇଛି।

# ବ୍ଲକସ୍ତରୀୟ ସିଏସ୍‌ସି ପ୍ରତିଷ୍ଠା ଦିବସ

ଫୁଲନଖରା, (ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଅରଡିଆପଦା ଗ୍ରାମ ସି.ଏସ.ସି ସେଣ୍ଟରରେ ୧୬ତମ ସି.ଏସ.ସି ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଭି.ଏଲ. ଇ ଶଶିଭୂଷଣ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମହୀଧରପଡ଼ା ସି. ଏଚ.ସି ର ମେଡିକାଲ ଅଫିସର ଡ଼. ହରପ୍ରିୟା ବାରିକ, ସଦର ଥାନା ସବଇନସ୍ପେକ୍ଟର ବିକ୍ରମ ବେହେରା,ବାରଙ୍ଗ ବ୍ଲକ ସହ ଉଦ୍ୟାନ ସହକାରିଣୀ ପୁଷ୍ପିତା ସାହୁ, ଭି.ଏଲ.ଡବ୍ଲ୍ୟୁ ରାଜେଶରୀ ସାହୁ,ଗବବସ୍ତୁ ଆର.ଆଇ ମିକି ଜୁଜୁ,ଅରିଲୋ ସର୍କଲ ଆର.ଆଇ ଶୁଭଶ୍ରୀସ୍ମିତା ମହାନ୍ତି,ଫରେଷ୍ଟ ଗାର୍ଡ ସୁମିତ ଟୁଡୁ,ଗ୍ରାମୀଣ ଇଷ୍ଟୋର ଅଧିକାରୀ ଜିତେନ୍ଦ୍ର ରାଉତ,ଏଲ. ଆଇ ପ୍ରତିମା ଦାସ,ଏଲ.ଆଇ.ସି ଭୁବନେଶ୍ୱର ଡି.ଓ ଅଶିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମ୍ୟାନେଜର ରମାକାନ୍ତ ନାୟକ ଓ ୟୁକୋ ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱଜିତ୍ ପତ୍ରୀ ଯୋଗ ଦେଇ କେମିତି ପ୍ରତି ଗ୍ରାମପଞ୍ଚାୟତରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ କରିହେବ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ପରିପ୍ରେକ୍ଷୀରେ ଅଞ୍ଚଳର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ବାରଂଗ ବ୍ଲକର ୩୩ ନମ୍ବର ଜୋନର ସମସ୍ତ ଏମ.ବି.କେ ଓ ସି.ଆର.ପି – ସି.ଏମ, ବୁଦ୍ଧିଜୀବୀ,ଗ୍ରାମ୍ୟମୁରବୀ,ଯୁବଗୋଷ୍ଠୀ ପ୍ରମୁଖ ଉପସ୍ଥିତ ରହି ଆଜିକା ଦିନରେ ସି.ଏସ.ସିର ଆବଶ୍ୟକତା ଓ କାର୍ଯ୍ୟାବଳୀ ବୁଝିଥିଲେ । ଭି.ଏଲ.ଇ କାର୍ତ୍ତିବାସ ରାୟ,ରଞ୍ଜନ ଦାସ, ସୌମ୍ୟରଞ୍ଜନ ମହାରଣା,ଅର୍ପିତା ଜେନା,ନିରଞ୍ଜନ ମହାନ୍ତି,ଗୋପାଳ ଦାସ,ଶ୍ରୀନିବାସ ସାହୁ, ସର୍ୱର୍ଣ୍ଣମିତ୍ରା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ନଗରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ନରୋତ୍ତମ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରିଶେଷରେ ବନ ବିଭାଗ ତରଫରୁ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଥିଲା ।

# ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲା ମତ୍ସ୍ୟଜୀବୀ ସଂଘ

ବାଲୁଗାଁ, (ସବ୍ୟୁ) : ବିଧବା ମତ୍ସଜୀବୀ ମହିଳା କୁମାରୀ ବେହେରାଙ୍କୁ ବାଲୁଗାଁ ଚିଲିକା କୂଳ ମାଛ ବଜାରରେ ଜନୈକ ମହିଳା ମାଛ ବେପାରୀଙ୍କୁ ପୂର୍ବ ବକେୟା ଅର୍ଥ ମାଗି ମାଛ ଗୋଦାମ ମାଲିକ ମାଡ଼ ମାରିବା ସହ ଅସଦାଚରଣ କରିବା ଘଟଣାକୁ ମତ୍ସଜୀବୀ ସଂଘ ନିନ୍ଦା କରିବା ସହ ଉକ୍ତ ଘଟଣାର ନ୍ୟାୟ ପାଇଁ ମଙ୍ଗଳବାର ଦିନ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଏକ ଦାବୀ ପତ୍ର ପ୍ରଦାନ କରିଛି ସଂଘ। ସୂଚନା ଯେ, ଗତ ଜୁନ ମାସ ୩୦ତାରିଖ ଦିନ ରମ୍ଭା ଅଞ୍ଚଳର ବିଧବା ମତ୍ସଜୀବୀ ମହିଳା କୁମାରୀ ବେହେରାଙ୍କୁ ବାଲୁଗାଁ ଚିଲିକା କୂଳ ଜେଟି ସ୍ଥିତ ମାଛ ବଜାରରେ ବକେୟା ଅର୍ଥ ମାଗି ମାଛ ଗୋଦାମ ମାଲିକ ସିନ୍ଧୁ ସେଠୀ ଓ ତାର ଭାଇ ଜାତିଆଣ ଆକ୍ଷେପ କରି ଗାଳି ଗୁଳଜ କରି ମାଡ଼ ମାରି ନିର୍ଯାତନା ଦେଇଥିବା ନେଇ କୁମାରୀ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ପୋଲିସ ବାଲୁଗାଁ ଥାନା କେଶ ନଂ୧୭୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ଏହାକୁ ପ୍ରତିବାଦ କରି ନ୍ୟାୟ ପାଇଁ ମତ୍ସ୍ୟଜୀବୀ ସଂଘ ସହ କୁମାରୀ ମଙ୍ଗଳବାର ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତ ଥିବାରୁ କାଯ୍ୟାଳୟ ଡ଼ିଏସପି ଜେଯାସ୍ମା କଅଁରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

ଏହା ପୂର୍ବରୁ ସଂଘ ପକ୍ଷରୁ ଉପମୁଖ୍ୟାମନ୍ତ୍ରୀ ପ୍ରଭାତି ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଏସମ୍ପର୍କରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କ୍ୟର୍ଯାନୁଷ୍ଠାନ ଗ୍ରହଣ କରା ନଗଲେ ସଂଘ ପକ୍ଷରୁ ଥାନା ଘେରାଉ କରିବେ ବୋଲି ସଂଘ ନେତା ଭୀମସେନ ବେହେରା ପ୍ରକାଶ କରିଛନ୍ତି ।

# ସିଏସସିର ପ୍ରତିଷ୍ଠା ଦିବସରେ ବୃକ୍ଷରୋପଣ



ଗଣିଆ, (ସବ୍ୟୁ): ବୁଧବାର ପୂବାହ୍ନ ୧୧ଟାରେ ଗଣିଆ ବ୍ଲକସ୍ଥିତ ଛାମୁଣ୍ଡିଆ ପଂଚାୟତର ଗୁପ୍ତେଶ୍ୱର ବିଦ୍ୟାପୀଠ ପରିସରରେ ସିଏସସିର ଜିଲା ପରିଚାଳକ ସୁବାଶ ଚନ୍ଦ୍ର ପରି ନିର୍ଦ୍ଦେଶରେ ଗଣିଆ ବ୍ଲକ ସଭାପତି ସୁରେଶ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସିଏସସିର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଛାମୁଣ୍ଡିଆ ସରପଞ୍ଚ ଦିପ୍ତିରେଖା ସେନାପତି ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ଛାମୁଣ୍ଡିଆ ବନାଂଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜତ କୁମାର ପ୍ରଧାନ ଓ ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହିତ ଗଛ ଲଗାଇବା ଓ ଗଛର ଉପକାରିତା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ, ବୃକ୍ଷ ହିଁ ଜୀବନ ଏ ସମ୍ପର୍କରେ ଅତିଥିମାନେ ସିଏସସି ର ସମସ୍ତ କର୍ମକର୍ତା ଓ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛତ୍ରୀମାନଙ୍କୁ ଅତିଥିମାନେ ଉପଦେଶ ଦେଇଥିଲେ । ପଂଚାୟତସ୍ତରରେ ଲୋକଙ୍କ ଇସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ । ଏଥିପାଇଁ ପ୍ରତି ପଂଚାୟତରେ ଜନସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଯାହା ଦ୍ୱାରା ଲୋକମାନେ ନିଜ ଘରପାଖରେ ବିଭିନ୍ନ ସରକାରୀ ବେସରକାରୀ ସେବା ପାଇବା ସହିତ ଆତ୍ମ ନିଯୁକ୍ତ ପାଇ ପାରିଛନ୍ତି ।

ଇ ସେବା ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯଥା ଆୟୁଷ୍ମାନ ଯୋଜନା, ସୁଭଦ୍ରା ଯୋଜନା, ଡିଜି ପେ ମାଧ୍ୟମରେ ଟଙ୍କା ଉଠାଣ ଓ ଡିପୋଜିଟ, କୃଷକମାନଙ୍କ ପାଇଁ ଫସଲ ବୀମା ଯୋଜନା, ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଜୀବନ ପ୍ରମାଣପତ୍ର ଯୋଜନା, ଡିଜିଟାଲ ଯୁଗରେ ଡିଜିଟାଲ ସାକ୍ଷରତା, ସରକାରଙ୍କ ଅର୍ଥନୈତିକ ଗଣନା, ଇଲେକ୍ଟ୍ରି ବିଲ ପୈଠ, ଟେଲି ଇ ଯୋଜନା, ଟେଲି ମେଡିସିନ, ଗ୍ରାମୀଣ ଇ ଷ୍ଟୋର ଆଦି ବିଭିନ୍ନ ଯୋଜନା ମାଧ୍ୟମରେ ଜନସାଧାରଣ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ନଯାଇ ନିଜ ଘର ପାଖରେ ଥିବା ଜନସେବା କେନ୍ଦ୍ର (ସିଏସସି)ରେ ବିଭିନ୍ନ ପ୍ରକାର ସୁବିଧା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ସିଏସସିର କର୍ମକର୍ତା ଶୁଭେନ୍ଦୁ ରାଉତ, ଜ୍ୟୋତିରଂଜନ ସାହୁ, ଉଲାସ ବେହେରା, ଅରୁଣା ଧଳ, ଶୁଭଶ୍ରୀ ସାମଲ, ତୁଷାର ମଳିକ, ପ୍ରକାଶ କୁମାର ପରି ବିରଶ ମହାଖୁ ବିଜୟଲକ୍ଷ୍ମୀ ରାଉତଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

## ଭାରତ କାହିଁକି ବିଦେଶୀ କ୍ୟାମ୍ପସ ପାଇଁ ଅପେକ୍ଷା କରିବ ?
# ନିଜର ହାର୍ଭାର୍ଡ ନିର୍ମାଣ କରିବାର ସମୟ ଆସିଛି

ଭୁବନେଶ୍ୱର, (ସବ୍ୟୁ): ଭାରତ ଏହାର ଶିକ୍ଷା କ୍ଷେତ୍ରରେ ଏକ ନିର୍ଣ୍ଣାୟକ ସନ୍ଧିରେ ଅଛି । ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୪୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି (ଏଆଇଏସଏଚଇ ୨୦୨୧–୨୨), ଆମେ ବିଶ୍ୱର ସର୍ବବୃହତ କଲେଜ ପଢୁଥିବା ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରୁଛୁ । ତଥାପି ଆମର ଯୁବପିଢ଼ିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶ୍ୱସ୍ତରୀୟ ପ୍ରଦର୍ଶନ, ଶିକ୍ଷାଗତ ଖ୍ୟାତି ଏବଂ ନିଯୁକ୍ତି ସମ୍ଭାବନା ଦ୍ୱାରା ବିଦେଶରେ ଶିକ୍ଷା ପାଇବାକୁ ଚେଷ୍ଟା କରୁଛନ୍ତି । ଜାନୁଆରୀ ୨୦୨୩ ସୁଦ୍ଧା, ୧.୩ ନିୟୁତରୁ ଅଧିକ ଭାରତୀୟ ଛାତ୍ର ବିଦେଶରେ ପାଠପଢୁଥିଲେ (ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ), ଯାହା କେବଳ ମହତ୍ୱାକାଂକ୍ଷା ନୁହେଁ ବରଂ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ମେଳ ଖାଉଥିବା ଘରୋଇ ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଅନୁପସ୍ଥିତିକୁ ପ୍ରତିଫଳିତ କରେ । ଏହି ଧାରା ଏକ ବଡ଼ ମୂଲ୍ୟରେ ଆସିଛି । ଗତ ଦଶନ୍ଧି ମଧ୍ୟରେ ଭାରତୀୟମାନେ କେବଳ ୨୦୨୨ରେ ବିଦେଶୀ ଶିକ୍ଷା ପାଇଁ ପ୍ରାୟ ୪୭ ବିଲିୟନ ଡଲାର ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଅଧିକାଂଶ ଭାରତୀୟ ପରିବାର ପାଇଁ ପିଲାକୁ ବିଦେଶ ପଠାଇବା ଅର୍ଥ ହେଉଛି ସଞ୍ଚୟ, ଭାରୀ ଋଣ ନେବା ଏବଂ ବର୍ଷ ବର୍ଷ ଧରି ଆର୍ଥିକ ଅନିଶ୍ଚିତତା ସହ୍ୟ କରିବା ସହିତ ଇତ୍ୟାଦି । ଅର୍ଥନୀତି ଦଣ୍ଡ ଦେଉଛି: ହାର୍ଭାର୍ଡ କିମ୍ବା ଷ୍ଟାନଫୋର୍ଡ ଭଳି ଉଚ୍ଚସ୍ତରୀୟ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଶିକ୍ଷାଦାନ ୭୦,୦୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ (୬୦ ଲକ୍ଷ ଟଙ୍କାରୁ ଅଧିକ), ଆଉ ୨୦,୦୦୦–୩୦,୦୦୦ ଡଲାର ର ଜୀବନଯାପନ ଖର୍ଚ୍ଚକୁ ବାଦ ଦେଇ । ଆର୍ଥିକ ଚାପ ବ୍ୟତୀତ, ଛାତ୍ରଛାତ୍ରୀମାନେ ପ୍ରାୟତଃ ଏକାକୀତା, ସହାୟତା ବ୍ୟବସ୍ଥାର ଅଭାବ ଏବଂ ଘରଠାରୁ ଦୂରରେ ମାନସିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ମଧ ହୋଇଥାନ୍ତି । ବିଦେଶର ଦୃଷ୍ଟିକୋଣ ମଧ ପରିବର୍ତ୍ତନ ହେଉଛି । ଅନେକ ଦେଶ ପ୍ରବାସନ ନିୟମକୁ କଠୋର କରୁଛନ୍ତି, ଅଧ୍ୟୟନ ପରବର୍ତ୍ତୀ କାର୍ଯ୍ୟ ଅଧିକାରକୁ ହ୍ରାସ କରୁଛନ୍ତି ଏବଂ ଭିସା ପ୍ରତିବନ୍ଧକ ବୃଦ୍ଧି କରୁଛନ୍ତି । ଉଦାହରଣ ସ୍ୱରୂପ, ୟୁକେ ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ନିର୍ଭରଶୀଳମାନଙ୍କୁ ଆଣିବାରେ ପ୍ରତିବନ୍ଧକ ଲଗାଇଛି । କାର୍ଯ୍ୟ ଭିସା ପରିବର୍ତ୍ତନ କ୍ଷେତ୍ରରେ ଆମେରିକା ଅନିଶ୍ଚିତ ରହିଛି । ଏହି ବାସ୍ତବତାଗୁଡ଼ିକ କେବଳ ଭାରତର ନିଜ ସୀମା ମଧ୍ୟରେ ବିଶ୍ୱସନୀୟ, ଆକାଂକ୍ଷୀ ବିକଳ୍ପ ପ୍ରଦାନ କରିବାର ଜରୁରୀ ଆବଶ୍ୟକତାକୁ ଦୃଢ଼ କରେ । ଏହା ପ୍ରଶ୍ନ କରିବାର ସମୟ ଯେ ଭାରତ ଏଠାରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ କେବଳ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ନିର୍ଭର କରିବା ଉଚିତ୍ କାହିଁକି? ଆମେ କାହିଁକି ଏପରି ପ୍ରତିଷ୍ଠାନ ସୃଷ୍ଟି କରିପାରିବା ନାହିଁ ଯାହାର ଗୁଣବତ୍ତା ଏବଂ ମହତ୍ୱାକାଂକ୍ଷାରେ ସେମାନଙ୍କ ସହିତ ମେଳ ଖାଏ, କିନ୍ତୁ ଭାରତୀୟ ନୀତିରେ ମୂଳ ଏବଂ ଭାରତୀୟ ନେତୃତ୍ୱ ଦ୍ୱାରା ପରିଚାଳିତ? ଏହିଠାରେ ଭାରତ ନିଜର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପ୍ରତିଷ୍ଠାନ ସୃଷ୍ଟି କରିବାର ଧାରଣା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ । ଆମକୁ ପଚାରିବାକୁ ପଡିବ ଯେ ଆମ ମାଟିରେ କ୍ୟାମ୍ପସ ଖୋଲିବା ପାଇଁ ଭାରତ କେବଳ ବିଦେଶୀ ବିଶ୍ୱବିଦ୍ୟାଳୟ ଉପରେ କାହିଁକି ନିର୍ଭର କରିବ ? ଆମେ କାହିଁକି ଆମର ନିଜସ୍ୱ ହାର୍ଭାର୍ଡ ନିର୍ମାଣ କରିପାରିବୁ ନାହିଁ, ଯାହା ଭାରତୀୟ ଦୃଷ୍ଟିକୋଣ ସହିତ ପରିକଳ୍ପିତ, ଭାରତୀୟ ପୁଞ୍ଜି ଦ୍ୱାରା ସମର୍ଥିତ ଏବଂ ଭାରତୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ ଅନୁଷ୍ଠାନ ? ଏହି ମହତ୍ୱାକାଂକ୍ଷାର ଏକ ଶକ୍ତିଶାଳୀ ଉଦାହରଣ ହେଉଛି ବେଦାନ୍ତ ଗ୍ରୁପର ସାମ୍ପ୍ରତିକ ଘୋଷଣା । ଏହି ସଂଗଠନ ଏକ ସାହସିକ, ଅଣ–ଲାଭକାରୀ ଶିକ୍ଷା ପଦକ୍ଷେପରେ ସହଭାଗୀ ହେବାକୁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ଆମନ୍ତ୍ରଣ କରି ଏକ ଆଗ୍ରହ ପ୍ରକାଶ (ଇଓଆଇ) ଜାରି କରିଛି । ବେଦାନ୍ତ ଏକ ବିଶ୍ୱସ୍ତରୀୟ ଜଳପ୍ରାନ୍ତ ଶିକ୍ଷା ସହର ବିକଶିତ କରିବାକୁ ୧୫,୦୦୦ କୋଟି ପ୍ରତିଶ୍ରୁତି ଦେଇଛି, ଯାହା ଏକ ଅତ୍ୟାଧୁନିକ ଗବେଷଣା ବିଶ୍ୱବିଦ୍ୟାଳୟ, ନବସୃଜନ କେନ୍ଦ୍ର, ମେଡିକାଲ କଲେଜ, ଫ୍ୟାକଲ୍ଟି ବିନିମୟ କାର୍ଯ୍ୟକ୍ରମ ଏବଂ ଏକ ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ର ସ୍ଥାପନ କରିବା ପାଇଁ ଡିଜାଇନ୍ କରାଯାଇଛି । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ, ଔଷଧ, ଜନସ୍ୱାସ୍ଥ୍ୟ, ମାନବିକତା ଏବଂ ଔଷଧ ଆବିଷ୍କାର ଗବେଷଣା ସମେତ ବିଭିନ୍ନ ବିଷୟକୁ ବିସ୍ତାର କରିବ । ବୋଷ୍ଟନ ସିଟି ଉପରେ ଆଧାରିତ, ଏହି ପଦକ୍ଷେପ ଭାରତୀୟ ନେତୃତ୍ୱାଧୀନ, ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ ଶିକ୍ଷାଗତ ଇକୋସିଷ୍ଟମର ସମ୍ଭାବନାକୁ ପ୍ରତିଫଳିତ କରେ । ସାମ୍ପ୍ରତିକ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂ ୨୦୨୫ ଆଶାର ଏକ ଝଲକ ପ୍ରଦାନ କରେ । ପ୍ରଥମ ଥର ପାଇଁ, ରାଙ୍କିଂରେ ପ୍ରବେଶ କରିଥିବା ଆଠଟି ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ସାତଟି ଘରୋଇ ପ୍ରତିଷ୍ଠାନ । ଏହା ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ସାହଜନକ ପରିବର୍ତ୍ତନକୁ ଚିହ୍ନିତ କରେ, ଯାହା ପ୍ରମାଣ କରେ ଯେ ଘରୋଇ ଉଦ୍ୟୋଗ, ଯେତେବେଳେ ସକ୍ଷମ ହୁଏ, ସେ ଶୈକ୍ଷିକ ଉତ୍କର୍ଷତା ପ୍ରଦାନ କରିପାରିବ । ଭାରତର ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏକ ଦୃଢ଼ ନୀତିଗତ ଭିତ୍ତିଭୂମି ପ୍ରଦାନ କରେ । ଏହା ୨୦୩୫ ସୁଦ୍ଧା ମୋଟ ନାମଲେଖା ଅନୁପାତକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବାର କଳ୍ପନା କରେ, ବହୁବିଧ ଶିକ୍ଷାକୁ ସ୍ୱାଗତ କରେ ଏବଂ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତୀୟ କ୍ୟାମ୍ପସ ସ୍ଥାପନ କରିବାକୁ ଅନୁମତି ଦିଏ । ଗିଫ୍ଟ ସିଟି ପଦକ୍ଷେପ ପୂର୍ବରୁ ଅଷ୍ଟ୍ରେଲିଆର ଡିକିନ୍ ଏବଂ ୱୋଲୋଙ୍ଗୋଙ୍ଗ ବିଶ୍ୱବିଦ୍ୟାଳୟକୁ ପ୍ରବେଶ କରାଇସାରିଛି । କିନ୍ତୁ କେବଳ ନୀତି ଯଥେଷ୍ଟ ନୁହେଁ । ବଡ଼ ଧରଣର ପରିବର୍ତ୍ତନ ପାଇଁ ସରକାର, ଘରୋଇ ଶିଳ୍ପ, ଦାନଶୀଳ ବ୍ୟକ୍ତି ଏବଂ ଶିକ୍ଷାବିତ୍‌ଙ୍କ ମିଳିତ ପ୍ରୟାସ ଆବଶ୍ୟକ । ଭାରତରେ ପ୍ରତିଭାର ଅଭାବ ନାହିଁ । ଆମର ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ କମ୍ପାନୀ, ପ୍ରୟୋଗଶାଳା ଏବଂ ବିଶ୍ୱବିଦ୍ୟାଳୟରେ ଉତ୍କର୍ଷ ହାସଲ କରନ୍ତି । ଆମର ଏଆଇ, ସବୁଜ ଶକ୍ତି, ଔଷଧ ଏବଂ ଡିଜିଟାଲ୍ ଫାଇନାନ୍ସ ଭଳି କ୍ଷେତ୍ରଗୁଡ଼ିକରେ ବିଶ୍ୱସ୍ତରୀୟ ଶିଳ୍ପ ମଧ ଅଛି । ଆମର ଯାହା ଅଭାବ ଅଛି ତାହା ହେଉଛି ଶିକ୍ଷାଗତ ଭିତ୍ତିଭୂମି ଯାହା ଜ୍ଞାନ ସୃଷ୍ଟିକୁ ଆର୍ଥିକ ନବସୃଜନ ସହିତ ସ୍କେଲରେ ଏବଂ ବିଶ୍ୱ ଦୃଶ୍ୟମାନତା ସହିତ ସଂଯୋଗ କରେ । ଆସନ୍ତାକାଲିର ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାଦାନ ସ୍ଥାନ ଅପେକ୍ଷା ଅଧିକ ହେବା ଉଚିତ, ସେମାନେ ବାସ୍ତବ ବିଶ୍ୱର ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା, ଷ୍ଟାର୍ଟଅପ୍‌ଗୁଡ଼ିକୁ ଇନ୍ଧନ ଯୋଗାଇବା ଏବଂ ବିଶ୍ୱସ୍ତରୀୟ ଗବେଷଣା ସୃଷ୍ଟି କରିବାର କେନ୍ଦ୍ର ହେବା ଉଚିତ । ଚତୁର୍ଥ ଶିଳ୍ପ ବିପ୍ଳବର ଏହି ଯୁଗରେ, ଆମକୁ ଏପରି ଭାରତୀୟ ପ୍ରତିଷ୍ଠାନ ଆବଶ୍ୟକ ଯାହା ଅନ୍ତର୍ଭୁକ୍ତ ହେବା ସହିତ ନବସୃଜନଶୀଳ ମଧ । ଯଦି ଭାରତ ୨୦୪୭ ସୁଦ୍ଧା ଏକ ବୀକ୍ଷିତ ଭାରତ ହେବାକୁ ପ୍ରକୃତରେ ଆକାଂକ୍ଷା କରେ, ତେବେ ଆମକୁ ଭାରତୀୟ ପ୍ରାଥମିକତାରେ ସୁଗମ, ବିବିଧ, ଗବେଷଣା–ନେତୃତ୍ୱାଧୀନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଶ୍ୱସ୍ତରୀୟ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ନିର୍ମାଣ କରିବାକୁ ପଡିବ । ଏହା ଆମର ନିଜସ୍ୱ ହାର୍ଭାର୍ଡ ନିର୍ମାଣ କରିବାର ଦଶନ୍ଧି ଏବଂ ଭାରତକୁ କେବଳ ଛାତ୍ରଙ୍କ ଉତ୍ସ ନୁହେଁ ବରଂ ଏକ ବିଶ୍ୱସ୍ତରୀୟ କ୍ୟାମ୍ପସରେ ପରିଣତ କରିବାର ଦଶନ୍ଧି ।

(ଶ୍ରୀମଭଗବଦ୍ ଗୀତା ୧୭/୧୯)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ)

**ମୂଢ଼ଗ୍ରାହେଣାତ୍ମନୋ ଯତ୍ପୀଡ଼ୟା କ୍ରିୟତେ ତପଃ**
**ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ।।୧୯।।**

(ତାମସଂ ତପଃ ଆହ)- ମୂଢ଼ଗ୍ରାହେଣ ( ଅବିବେକକୃତେନ ଦୁରାଗ୍ରହେଣ ) ଆତ୍ମନଃ (ସ୍ୱସ୍ୟ) ପୀଡ଼ୟା ପରସ୍ୟ (ଅନ୍ୟସ୍ୟ) ଉତ୍ସାଦନାର୍ଥଂ ( ବିନାଶାର୍ଥଂ) ବା ଯତ୍ ତପଃ କ୍ରିୟତେ, ତତ୍ ତାମସଂ ଉଦାହୃତମ୍ ।। ୧୯ ।।

# ପୋଲିସର ଏପରି କହିବା ଠିକ୍ ହୋଇନି

**ସମ୍ପାଦକୀୟ**

ଏକ ଦୈନିକ ଇଂରାଜୀ ଭାଷାର ସମ୍ବାଦପତ୍ରରେ ଗୋଟିଏ ସମ୍ବାଦ ପ୍ରକାଶ ପାଇଛି ଯେ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘଟଣାରେ ପୋଲିସ କୌଣସି ଲିଖିତ ଅଭିଯୋଗ ପାଇ ନଥିଲେ । ମାତ୍ର ପୋଲିସ ଲିଖିତ ଏତଲା ପାଇ ନଥିଲେ ବି ମୌଖିକ ଅଭିଯୋଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ । ଦୁଃଖର କଥା, ପୋଲିସ ସୌମ୍ୟାଶ୍ରୀଙ୍କ ମାମଲାରେ ମୂଳରୁ ତତ୍ପର ହୋଇଥିଲେ, ନିଜେ ସୌମ୍ୟାଶ୍ରୀ ଆତ୍ମାହୂତି ଦେବାକୁ ସାହସ କରି ନଥାନ୍ତେ । ସୌମ୍ୟାଶ୍ରୀଙ୍କ ବଡ଼ ଭାଇ ମଧ୍ୟ ଏ କଥା ଗଣମାଧ୍ୟମର ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାର ଏହି ଘଟଣାରେ ଆତ୍ମାହୂତି ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏପରିକି ବିଜେପି କାର୍ଯ୍ୟାଳୟରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ବିଜେପି ଶାଖା ସଭାପତି ଶ୍ରୀ ମନମୋହନ ସାମଲଙ୍କ ଉପସ୍ଥିତିରେ ମହମବତୀ ଜାଳି ନିରବ ପ୍ରାର୍ଥନା ମଧ୍ୟ କରାଯାଇଛି । ଅନ୍ୟ କୌଣସି ରାଜନୀତିକ ଦଳ ଏପରି ନକରି ହୁଏତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜରିଆରେ ପ୍ରତିବାଦ ଜଣାଇଛନ୍ତି । କଂଗ୍ରେସର ଜାତୀୟ ସ୍ତରର ବରିଷ୍ଠ ନେତା ଶ୍ରୀ ରହୁଲ ଗାନ୍ଧି ମଧ୍ୟ ଦିବଗଂତ ସୌମ୍ୟାଶ୍ରୀଙ୍କ ପିତାଙ୍କ ସହ କଥାବାର୍ତ୍ତା ହୋଇ ସହାନୁଭୂତି ଜଣାଇଛନ୍ତି । ବିଜେଡ଼ି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକବାର୍ତ୍ତା ଜଣାଇଛନ୍ତି ଏବଂ ତାଙ୍କ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି । କଂଗ୍ରେସ ଦଳ ମଧ୍ୟ ଶାନ୍ତିପୂର୍ଣ୍ଣ ଉପାୟରେ ତା ୧୭.୦୭.୨୦୨୫ ରିଖରେ ଶାନ୍ତିପୂର୍ଣ୍ଣ ଭାବେ 'ଓଡ଼ିଶା ବନ୍ଦ' ପାଳନ କରିବାକୁ ନୋଟିସ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ ମୃତ ସୌମ୍ୟାଶ୍ରୀଙ୍କ ପରିବାରବର୍ଗଙ୍କୁ କୋଡିଏ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଦେବାକୁ ଘୋଷଣା ମଧ୍ୟ କରିଛନ୍ତି । ବାଲେଶ୍ୱର ସାଂସଦ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ ଏ ବିଷୟ ଜାଣିବା ପରେ ବାଲେଶ୍ୱର ଏସ୍.ପି.ଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ସକାଶେ ଜଣାଇଥିଲେ । ମାତ୍ର ପୋଲିସ ଏ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିଥିଲେ ହୁଏତ ଛାତ୍ରୀଜଣକର ଜୀବନ ଅକାଳ ମୃତ୍ୟୁରୁ ରକ୍ଷା ପାଇ ପାରିଥା'ନ୍ତା ।

ଥାନା ଓ ଡାକ୍ତରଖାନା, ଏ ଦୁଇଟି ବିଷୟରେ ରାଜ୍ୟ ସରକାର ତତ୍ପର ରହିଲେ ଅଯଥା ବଦନାମରୁ ରକ୍ଷା ପାଇପାରନ୍ତେ । ଓ.ଏ.ଏସ୍. ଓ ଦଳୀୟ କର୍ମକର୍ତ୍ତାଙ୍କ ବିବାଦ ଘଟଣାରେ ରାଜ୍ୟ ସରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମାତ୍ର ଦଳ ଓ ସରକାରୀ କଳ ଉଭୟ ତତ୍ପର ହୋଇପାରିଲେ, ଅନେକ ସମସ୍ୟାର ସମାଧାନ ହୋଇ ପାରନ୍ତା ।

୨୦୨୩ର ନୂତନ 'ନ୍ୟାୟ ସଂହିତା' ଆଇନ ମଧ୍ୟ ତିଆରି ହୋଇଛି । ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆମେ ଅନେକ ବାଟ ଆଗେଇ ଗଲୁଣି । କୃତ୍ରିମ ବୁଦ୍ଧିମତା (AI) କ୍ଷେତ୍ରରେ ଭାରତ ମଧ୍ୟ ଖୁବ୍ ଶୀଘ୍ର ଆଗେଇ ଯିବ ବୋଲି ବିଶ୍ୱାସ କରାଯାଉଛି । ତେଣୁ ଏପରି ଛୋଟ ଛୋଟ ଅଭିଯୋଗ ସରକାରଙ୍କୁ ମିଳୁଥିଲେ ମଧ୍ୟ ତଳସ୍ତରର ଅଫିସରମାନେ ସେ ସବୁର ସମାଧାନ ପାଇଁ ଉଦ୍ୟମ କରୁ ନଥିବାରୁ ଛୋଟ ସମସ୍ୟାଗୁଡ଼ିକ ଜଟିଳ ଆକାର ଧାରଣ କରୁଛି ।

ଲୋକଙ୍କ ସହିତ ମିଶିବାକୁ ହେବ, ସେମାନଙ୍କ ସମସ୍ୟାକୁ ନେଇ ସରକାର ହୃଦୟଙ୍ଗମ କରିବା ଦିଗରେ ଉଭୟ ଦଳ ଓ ସରକାରୀ କଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । 'ଅଭିଯୋଗ ପ୍ରକୋଷ୍ଠ' ଜରିଆରେ ଆମ ମୁଖ୍ୟମନ୍ତ୍ରୀ ଶହ ଶହ ଅଭିଯୋଗର ସମାଧାନ କରି ଲୋକପ୍ରିୟତା ଅର୍ଜନ କରିଥିଲେ ମଧ୍ୟ ଏହି ସାମାନ୍ୟ ଛାତ୍ରୀଟିର ଅଭିଯୋଗ ତଳସ୍ତରରେ କେହି ନ ଶୁଣିବା ଫଳରେ ତାହା ଏକ ଜଟିଳ ସମସ୍ୟାରେ ପରିଣତ ହେଲା ଆଉ ବିରୋଧୀ ଦଳ ପାଇଁ ଅଯଥାରେ ପ୍ରତିବାଦ କରିବାର ସୁଯୋଗ ସୃଷ୍ଟି କଲା । ଏବେ ବି ବିଜେପି ଦଳରେ ନ ଥାଇ ମଧ୍ୟ ଅନେକ ଓଡ଼ିଶାବାସୀ ବିଜେପିକୁ ସମର୍ଥନ କରି ଆସିଛନ୍ତି । ମାତ୍ର ସମସ୍ତଙ୍କ ସାଙ୍ଗରେ ସମସ୍ତଙ୍କ ବିଶ୍ୱାସକୁ ନେଇ ଓ ସମସ୍ତଙ୍କ ବିକାଶ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିବା ଉଚିତ ।

## ଆମ ସଂସ୍କୃତିର ମହାନ ଚେତନା

**ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ସମ୍ମାନ ଦିଆଯାଏ ଏବଂ ଈଶ୍ୱରଙ୍କ ସହିତ ବି ତୁଳନା କରାଯାଏ । ମାଟିକୁ ମା', ଆକାଶକୁ ପିତା, ଜଳକୁ ଜୀବନ, ବାୟୁକୁ ପ୍ରାଣ ଏବଂ ଅଗ୍ନିକୁ ଆତ୍ମା ରୂପେ ବିବେଚନା କରାଯାଏ । ଯେଉଁଦିନ ସମଗ୍ର ମାନବ ଜଗତ ଆମ ସଂସ୍କୃତିର ଏହି ମହାନ ଚେତନାକୁ ଆପଣାଇବ, ସେତେବେଳେ ପୃଥିବୀରୁ ସମସ୍ତ ସଙ୍କଟ ଟଳିବ ।**

*ସଂଗ୍ରାହକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଜଗତସିଂହପୁର ଡାଏରି

# ଏକ ବ୍ୟବସ୍ଥାର ପରିବର୍ତ୍ତନ-୨



ସଂଗ୍ରାମ ମହାପାତ୍ର

ତିନି ମାସ ପରେ ଜିଲ୍ଲାପାଳଙ୍କ ଦପ୍ତରରେ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡିକ ସ୍କାନିଂ ସରିଗଲା । ଏହା ମଧ୍ୟରେ ସମସ୍ତ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା କରି ଅନ୍ତତଃ ଜଣେ ଯେପରି ତିନି ଥରରୁ ଅଧିକ ପଶିକ୍ଷଣ ନେଇପାରିବ ସେଥିପାଇଁ ମୁଁ ନିଜେ ପ୍ରଶିକ୍ଷଣର ନେତୃତ୍ୱ ନେଇ ଏନ. ଆଇ. ସି. ଟିମ ସହ ଉପସ୍ଥିତ ରହୁଥିଲି । ଏହା ମଧ୍ୟ ସୁନିଶ୍ଚିତ କଲି ଯେ ସମସ୍ତ ଅଧିକାରୀଙ୍କ ପାଖରେ କମ୍ପ୍ୟୁଟର, ଇଣ୍ଟରନେଟ ଏବଂ ସ୍କାନର ଉପଲବ୍ଧ ହେବ । ଯୋଜନା ମୁତାବକ ପାଞ୍ଚ ମାସ ଭିତରେ ଜିଲ୍ଲାପାଳଙ୍କ ଦପ୍ତରରେ ଇ-ଅଫିସ୍‌ର ସମସ୍ତ ପ୍ରାରମ୍ଭିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଗଲା । ତଳ ମହଲାରେ ଗୋଟିଏ କମ୍ପ୍ୟୁଟର ସେଲ କରାଇ ଯେଉଁମାନେ କମ୍ପ୍ୟୁଟର ଜ୍ଞାନରେ ଦୁର୍ବଳ ବା ଅଧିକ ପ୍ରଶିକ୍ଷଣ ନେବାକୁ ଚାହୁଁଥିଲେ ସେମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଥିଲା । ଛଅ ମାସ ହେବା ଦିନ ମୁଁ ଗୋଟିଏ ନିର୍ଦ୍ଦେଶ ଜାରି କଲି ଯେ କେବଳ ଅଦାଲତ ସମ୍ବନ୍ଧୀୟ ଫାଇଲ ବ୍ୟତୀତ ଅନ୍ୟ କୌଣସି ଫାଇଲ ମୋ ପାଖକୁ ହାର୍ଡ ଫାଇଲ୍ ବା କାଗଜରେ ଆସିବ ନାହିଁ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ଦିନଠାରୁ ସମସ୍ତ ଫାଇଲ ଇ-ଅଫିସେରେ ହେବ । ପ୍ରଥମ ଦୁଇ ମାସ କର୍ମଚାରୀମାନଙ୍କୁ ଅଭ୍ୟସ୍ତ ହେବାକୁ ଲାଗିଲା । ତା'ପରେ ସେମାନେ ଏହାର ଉପକାରିତା ବୁଝିଗଲେ ।

ସେମାନେ କୌଣସି ହାର୍ଡ ଫାଇଲ (କାଗଜ ନଥି) ଆଣିଲେ ମୁଁ ଏହାକୁ ଫେରାଇ ଦେଇ ଟପ୍ପଣୀ ଦେଉଥିଲି ଯେ, ଏହାକୁ ଇ-ଅଫିସ୍ ମାଧ୍ୟମରେ ପ୍ରେରଣ କରାଯାଉ । ଧୀରେ ଧୀରେ ସମସ୍ତ ନଥି ଜିଲ୍ଲାପାଳଙ୍କ ପାଖକୁ 'ଇ-ଅଫିସ୍'ରେ ଆସିଲା । ସମସ୍ତ କର୍ମଚାରୀ ଏହାର କାର୍ଯ୍ୟକରିତା ସହ ଉପକରିତାକୁ ମଧ୍ୟ ଅନୁଭବ କରିପାରିଲେ । ଦ୍ୱିତୀୟ ପର୍ଯ୍ୟାୟରେ ମୁଁ ଇ-ଅଫିସକୁ ଡି. ଆର.ଡି.ଏ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ, ସି.ଡି.ଏମ.ଓ, ସି.ଜି.ଭି.ଓ, ସି.ଜି.ଏ.ଓ, ଆଦି ବିଭାଗର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ସମ୍ପ୍ରସାରିତ କରି ସେମାନଙ୍କୁ ଚାରି ମାସ ମଧ୍ୟରେ ଇ-ଅଫିସ୍ ପ୍ରାରମ୍ଭିକ କାର୍ଯ୍ୟ ସାରି ପଞ୍ଚମ ମାସରେ ଜିଲ୍ଲାପାଳଙ୍କ ପାଖକୁ ଇ-ଅଫିସ୍ ଦ୍ୱାରା ନଥି ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଲି । ଏଥି ସହିତ ଏମାନଙ୍କ ଦପ୍ତରକୁ ଗସ୍ତକରି ମୋ ନିର୍ଦ୍ଦେଶର କାର୍ଯ୍ୟକରୀତା ସମୀକ୍ଷା କରୁଥିଲି । ପାଞ୍ଚମାସ ବେଳକୁ ଜଗତସିଂହପୁର ଜିଲ୍ଲାର ସମସ୍ତ ବିଭାଗୀୟ ଦପ୍ତରରେ ଇ-ଅଫିସ୍ କାର୍ଯ୍ୟକରିବା ଆରମ୍ଭ ହୋଇଗଲା ।

ଜିଲ୍ଲା ସଦର ମହାକୁମାରେ ହାର୍ଡ ଫାଇଲ ବ୍ୟବସ୍ଥା ବର୍ଷଟିଏ ଭିତରେ ବନ୍ଦ ହୋଇଗଲା । ତୃତୀୟ ପର୍ଯ୍ୟାୟରେ ମୋ ଲକ୍ଷ୍ୟ ରହିଲା ବ୍ଲକ, ତହସିଲ, ନଗରପାଳିକା, ସି.ଡି.ପି.ଓ, ପି. ଡି.ଏ ଇତ୍ୟାଦି ଅଫିସକୁ ଇ-ଅଫିସରେ ସମ୍ପୃକ୍ତ କରି ପାରିଲେ, ଏହାର ପ୍ରତ୍ୟକ୍ଷ ଲାଭ ଜନ ସାଧାରଣ ହାସଲ କରି ପାରିବେ । ଏଣୁ ନିର୍ଦ୍ଦେଶ ଜାରି କଲି ଯେ ଯେହେତୁ ଜିଲ୍ଲା ଦପ୍ତରରେ ଏବଂ ଉକ୍ତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ଇ-ଅଫିସ ବିନା ଅସୁବିଧାରେ ଅଗ୍ରଗତି ହୋଇପାରିଛି, ଏଣୁ ବ୍ଲକ,ତହସିଲ, ନଗରପାଳିକା, ସି.ଡି.ପି.ଓ, ପି. ଡି.ଏ ସମସ୍ତ ଦପ୍ତରରେ ଏହା ବାଧ୍ୟତା ମୂଳକ ହେବା ଦରକାର । ମୋର ଜ୍ଞାତ ଥିଲା ଯେ ପ୍ରତ୍ୟେକ ବ୍ଲକ,ତହସିଲ, ନଗରପାଳିକା, ସି.ଡି.ପି.ଓ, ପି. ଡି.ଏ ସମସ୍ତ ଦପ୍ତରରେ କମ୍ପ୍ୟୁଟର, ଇଣ୍ଟରନେଟ ଏବଂ ସ୍କାନର ସରକାର ପୂର୍ବରୁ ବିଭିନ୍ନ ଯୋଜନାରେ ଉପଲବ୍ଧ କରାଇଛନ୍ତି । ଏଥିସହିତ ଏନ. ଆଇ. ସି. ଟିମକୁ ବିଭିନ୍ନ ବ୍ଲକ, ତହସିଲ, ନଗରପାଳିକା, ସି.ଡି.ପି.ଓ, ପି. ଡି.ଏ କୁ ପଠାଇ ସେମାନଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ପାଇଁ ଖସଡା ପ୍ରସ୍ତୁତ କରି ତା'ର ଅଗ୍ରଗତି ମଧ୍ୟ ସମୀକ୍ଷା କଲି । ଏସବୁ କାର୍ଯ୍ୟ ପାଇଁ ବେଶୀ ସମୟ ଲାଗିଲା ନାହିଁ । ଦୁଇ ମାସ ଭିତରେ ସମସ୍ତ କାର୍ଯ୍ୟ ସମାପ୍ତ ହୋଇ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, ନଗରପାଳିକା, ସି.ଡି.ପି.ଓ, ପି. ଡି.ଏ ରେ କାର୍ଯ୍ୟକ୍ଷମ ହେଲା । କହିବାବାହୁଲ୍ୟ ଯେ ପୁରା ଜଗତସିଂହପୁର ଜିଲ୍ଲାକୁ ଓଡ଼ିଶାର ପ୍ରଥମ ଜିଲ୍ଲା ଭାବରେ ସମସ୍ତ ଦପ୍ତରରେ ଇ-ଅଫିସ୍ କାର୍ଯ୍ୟକାରୀ ହେବାର ଗୌରବ ମିଳିଲା । ଗଣ ମାଧ୍ୟମରେ ଏହା ପ୍ରଶଂସିତ ହେବା ସହ ଲୋକମାନେ ମଧ୍ୟ ଏହାର ଉପକାର ପାଇପାରିଲେ । ମୋର ଚତୁର୍ଥ ଲକ୍ଷ୍ୟ ଥିଲା ଏହାକୁ ପ୍ରତ୍ୟେକ ଆର.ଆଇ. ଏବଂ ପଞ୍ଚାୟତ ସ୍ତରକୁ ସଂପ୍ରସାରଣ କରିବା । ଯେହେତୁ ଏସବୁ କାର୍ଯ୍ୟାଳୟ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ ଲାଗେ ଏବଂ ପୂର୍ବରୁ ସରକାର ମଧ୍ୟ ବିଭିନ୍ନ ଯୋଜନାରେ ଆର.ଆଇ. ଅଫିସ୍ ଏବଂ ପଞ୍ଚାୟତଗୁଡିକରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା କରାଇଛନ୍ତି, ଏଣୁ ମୋତେ ଇ-ଅଫିସ୍ କାର୍ଯ୍ୟକାରୀ କରିବା ପାଇଁ କୌଣସି ଅସୁବିଧା ହେବନାହିଁ । ଏତଦ୍‌ବ୍ୟତୀତ ଯେହେତୁ ପ୍ରତ୍ୟେକ ତହସିଲ ଏବଂ ବ୍ଲକ ଅଫିସରେ ଇ-ଅଫିସ୍ କାର୍ଯ୍ୟକାରୀ ହୋଇସାରିଛି, ଏଣୁ ସେମାନଙ୍କ ଦ୍ୱାରା ମଧ୍ୟ ଆର.ଆଇ. ଏବଂ ପଞ୍ଚାୟତରେ ଇ-ଅଫିସ୍ ବ୍ୟବସ୍ଥା ହୋଇପାରିବ । ଶେଷରେ ଜିଲ୍ଲାରେ ଥିବା ସମସ୍ତ ଆର.ଆଇ. ଅଫିସକୁ ସଂପ୍ରସାରିତ ହେବା ସହ ମୋ ଦ୍ୱାରା ତିର୍ତ୍ତୋଲ ପଞ୍ଚାୟତରେ ଇ-ଅଫିସର ଶୁଭାରମ୍ଭ ହେଲା । ମୋ କମ୍ପ୍ୟୁଟରରେ ଜିଲ୍ଲାର ପ୍ରତ୍ୟେକ ଦପ୍ତରର ଫାଇଲକୁ ମୋତେ ସେହିଦିନରେ ଶେଷ କରିବାକୁ ଅସୁବିଧା ହେଲାନାହିଁ ।

**କହିବାବାହୁଲ୍ୟ ଯେ ପୁରା ଜଗତସିଂହପୁର ଜିଲ୍ଲାକୁ ଓଡ଼ିଶାର ପ୍ରଥମ ଜିଲ୍ଲା ଭାବରେ ସମସ୍ତ ଦପ୍ତରରେ ଇ-ଅଫିସ୍ କାର୍ଯ୍ୟକାରୀ ହେବାର ଗୌରବ ମିଳିଲା । ଗଣ ମାଧ୍ୟମରେ ଏହା ପ୍ରଶଂସିତ ହେବା ସହ ଲୋକମାନେ ମଧ୍ୟ ଏହାର ଉପକାର ପାଇପାରିଲେ । ମୋର ଚତୁର୍ଥ ଲକ୍ଷ୍ୟ ଥିଲା ଏହାକୁ ପ୍ରତ୍ୟେକ ଆର.ଆଇ. ଏବଂ ପଞ୍ଚାୟତ ସ୍ତରକୁ ସଂପ୍ରସାରଣ କରିବା । ଯେହେତୁ ଏସବୁ କାର୍ଯ୍ୟାଳୟ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ ଲାଗେ ଏବଂ ପୂର୍ବରୁ ସରକାର ମଧ୍ୟ ବିଭିନ୍ନ ଯୋଜନାରେ ଆର.ଆଇ. ଅଫିସ୍ ଏବଂ ପଞ୍ଚାୟତଗୁଡିକରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା କରାଇଛନ୍ତି, ଏଣୁ ମୋତେ ଇ-ଅଫିସ୍ କାର୍ଯ୍ୟକାରୀ କରିବା ପାଇଁ କୌଣସି ଅସୁବିଧା ହେବନାହିଁ ।**

ଏହାର ଚାରୋଟି ମୁଖ୍ୟ ସୁବିଧା ହେଲା ୧) ଦପ୍ତରର କୌଣସି ଫାଇଲ ନଷ୍ଟ ହେବ ନାହିଁ । ୨) ଏହି ଫାଇଲ କାହା ପାଖରେ କେତେ ଦିନ ରହିଲା ତାହା ଅନାୟାସରେ ଜାଣିହେବ । ୩) ପ୍ରତ୍ୟେକ ଫାଇଲକାର୍ଯ୍ୟରେ ସ୍ୱଚ୍ଛତା ଆସିବା ସହ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହେବ । ୪) ଡିଜିଟାଲ ଫାଇଲ ହେତୁ ଏହାକୁ ରିଟ୍ରିଭ କରିହେବ । କୌଣସି କର୍ମଚାରୀ ଭୁଲ କରିବାକୁ ଜ୍ଞାତସାରରେ ଅଗ୍ରସର ହେବେ ନାହିଁ । ଏହାଦ୍ୱାରା ଦୁର୍ନୀତିକୁ ମଧ୍ୟ ରୋକାଯାଇପାରିବ । ପାରାଦୀପ ଏବଂ ଜଗତସିଂହପୁର ପୌରପାଳିକାର ପ୍ରଶାସକ ଭାବରେ ମୁଁ ନିର୍ଦ୍ଦେଶ ଦେଇଥିଲି ଯେ କୌଣସି କାର୍ଯ୍ୟର ବିଲ୍ କରିବା ପାଇଁ ଫାଇଲ ଆସିବାବେଳେ ସେଥିରେ ଉକ୍ତ କାର୍ଯ୍ୟର ଫଟୋ ମଧ୍ୟ ସଂଲଗ୍ନ ହୋଇ ଇ-ଅଫିସ୍‌ରେ ଆସିବ । ସଂଯୋଗବଶତଃ ଇ-ଅଫିସ୍, ମହାମାରୀ କୋଭିଡ୍ ସମୟରେ ଯଥେଷ୍ଟ ଉପକାରୀ ହୋଇପାରିଲା ଏବଂ କୌଣସି ଦିନ ମଧ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇ ନଥିଲା । କାରଣ ନିଜ ମୋବାଇଲ ଦ୍ୱାରା ଘରେ ରହି ଇ-ଅଫିସରେ ମଧ୍ୟ ଫାଇଲ କାର୍ଯ୍ୟ କରିହେବ । **ମୋର ଶେଷ ଲକ୍ଷ୍ୟ ଥିଲା ଏ. ଟି. ମ୍ ଭଳି ଗୋଟିଏ ଇ-ଅଫିସ୍ କିଓସ୍କ ଜିଲ୍ଲାପାଳଙ୍କ ଦପ୍ତରରେ ପ୍ରତିଷ୍ଠା କରିବା, ଯାହାଦ୍ୱାରା ଯେକୌଣସି ଲୋକ ନିଜେ ଟଚ୍ ସ୍କ୍ରିନ୍ ବଟନ୍ ଦ୍ୱାରା କମ୍ପ୍ୟୁଟରରେ ନିଜ ଫାଇଲର ଅଗ୍ରଗତି ନିଜେ ଜାଣିପାରିବ । କେଉଁ ଜାଗାରେ ଅସୁବିଧା ହେଉଛି ତାହା ସେ ନିଜେ ଜାଣିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିପାରିବ । ମୁଁ ଇ-ଅଫିସ୍ କିଓସ୍କ ମଧ୍ୟ ଜିଲ୍ଲାପାଳଙ୍କ ଦପ୍ତରରେ ତିଆରି କରି ଥିଲି । ଦୁର୍ଭାଗ୍ୟବଶତଃ ସେତେବେଳେ ମହାମାରୀ କୋଭିଡ୍ ଆସିଗଲା ଏବଂ ଆଉ ଟଚ ସ୍କ୍ରିନ୍ ଦ୍ୱାରା ଏପରି କରିବା ସମ୍ଭବ ହେଲା ନାହିଁ, ଯାହା ମୋତେ ଦୁଃଖ ଦେଇଥିଲା ।** ଏହି ଇ-ଅଫିସ୍ କିଓସ୍କ ଦ୍ୱାରା ଆମ ଜିଲ୍ଲାର ଲୋକମାନେ ନିଜେ ପ୍ରଶାସନିକ ବ୍ୟବସ୍ଥାର ପ୍ରତ୍ୟକ୍ଷ ସୁଫଳ ହାସଲ କରିବା ସହ ନିଜକୁ ମଧ୍ୟ ସଶକ୍ତ କରିପରିଥାନ୍ତେ ।

ପ୍ରଶାସନର ମୂଳ ଲକ୍ଷ୍ୟ ତ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା । ସେ ଯାହା ହେଉ ବର୍ଷକ ଭିତରେ ଏଭଳି ଏକ ବ୍ୟବସ୍ଥା ସମସ୍ତ ଅଧିକାରୀଙ୍କ ସହଯୋଗ ଏବଂ ଗୋଷ୍ଠୀଗତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇପାରିଲା, **ଇ-ଅଫିସ ଆଜି ଯାଏ ମଧ୍ୟ ତାର ସୁଫଳ ଦେଇଆସୁଛି । ୨୦୨୦ ମସିହାରେ ଏହା ପ୍ରଧାନମନ୍ତ୍ରୀଙ୍କ ଉତ୍କର୍ଷ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିଲା । ମୁଁ ଯେତେବେଳେ ଦିଲ୍ଲୀର ଉଚ୍ଚସ୍ତରୀୟ ଟିମ ସମ୍ମୁଖରେ ଏହାକୁ ଉପସ୍ଥାପନ କଲି ସେମାନେ ଅତ୍ୟନ୍ତ ଖୁସି ହେବା ସହ ସାଧୁବାଦ ଦେଇଥିଲେ ।** ଏଠାରେ କହିବାବହୁଲ୍ୟ ଯଦି ମହତ ଉଦ୍ଦେଶ୍ୟ, ସାଧୁ ଉଦ୍ୟମ ଓ ଲକ୍ଷ୍ୟ ପଥରେ ପହଞ୍ଚିବାର ନିରନ୍ତର ପ୍ରଚେଷ୍ଟା ଥାଏ, ତେବେ ନିଶ୍ଚୟ ସମାଜ ପାଇଁ ଏକ ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ଭିତ୍ତିଭୂମି ଗଢାଯାଇପାରିବ । **କାହିଁ କେତେ ବର୍ଷର ଔପନିବେଶୀୟ ନାଳିଫିତା ଓ ମାଟିଆ ମଲାଟ ନଥିକୁ ପରିବର୍ତ୍ତନ କରି ଇ-ଅଫିସ୍ ସମଗ୍ର ଜିଲ୍ଲାରେ ପ୍ରତିଷ୍ଠା କରିବାରେ ମୁଁ ଯେଉଁ ଆତ୍ମସନ୍ତୋଷ ଲାଭ କରିଥିଲି ତାହା ଭାଷାରେ ଅବର୍ଣ୍ଣନୀୟ । ପ୍ରତ୍ୟେକ ସପ୍ତାହରେ ମୁଁ ସମଗ୍ର ଜିଲ୍ଲା ଏମ୍. ଆଇ. ଏସ ରିପୋର୍ଟକୁ ନିଜେ ସମୀକ୍ଷା କରୁଥିଲି ।** ଯେଉଁ ଅଫିସରେ ଯାହା ପାଖରେ ଫାଇଲ ସପ୍ତାହରୁ ଅଧିକ ଅଛି, ତାହାକୁ ଆଉ ବିଳମ୍ବ ନକରି ତୁରନ୍ତ ସମାଧାନ କରିବା ପାଇଁ ତାଗିଦ କରୁଥିଲି । କୌଣସି ଅଧିକାରୀ ଦୁଇ, ତିନି ଦିନରୁ ଅଧିକ ଫାଇଲ ରଖୁନଥିଲେ । ଏହାର ସୁଫଳ ଜଗତସିଂହପୁରବାସୀ ପାଇପାରିଥିଲେ । **ମୋର ଦୃଢ ଧାରଣ ଯେ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସରକାରୀ ସ୍ତରରେ ଦୁର୍ନୀତିକୁ ଅନେକାଂଶରେ ରୋକାଯାଇ ପାରିବ । ଏଥିପାଇଁ ଆବଶ୍ୟକ ଦୃଢ ଇଚ୍ଛାଶକ୍ତି, ନିରନ୍ତର ପ୍ରଚେଷ୍ଟା ଓ ସକାରାତ୍ମକ ମାନସିକତା ।**

**ଲେଖକ କଥାଶିଳ୍ପୀ ତଥା ରାଜ୍ୟର ଅତିରିକ୍ତ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

# ଶୈଶବର ଇନ୍ଦ୍ରଧନୁ



ଦିଲ୍ଲୀପ ଶତପଥୀ

ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆସିଲେ ପିଲାଦିନେ ଡିମ୍ବିରୀ ଗଛର ଫଳରେ ପିଞ୍ଚ ଖେଞ୍ଚି କିମ୍ବା ନଡ଼ିଆ ଗୋଟମାରେ ଚକ ତିଆରି କରି ଗାଁ ଦାଣ୍ଡରେ ଗଡେଇ ଥାଉଁ ରଥ । ପରେ ବୟସ ବଢିଲେ ଏହି ଖେଳର ରଥ କୁନି ରଙ୍ଗ ବେରଙ୍ଗୀ ରଥରେ ପରିଣତ ହୁଏ । ହଁ, ଠାକୁର ବି ଶୋଭା ପାଆନ୍ତି ସେହି ରଥରେ । କେତେକାଂଶରେ ବଡ଼ମାନେ ବି ପ୍ରଶଂସା କରନ୍ତି ପିଲାଦିନର ଏହି ଭାବାତ୍ମକ ଖେଳକୁ । ପିଲାଦିନର ଖେଳକୁଦ, ସାଙ୍ଗସାଥି ମେଳ, ଛୋଟ ଛୋଟ ଦୁଷ୍ଟାମୀ, ମାଡ଼, ଆକଟ ବାପାଙ୍କ ରାଗ ଉପରେ ମା' ସ୍ନେହର ବାରି ଧାରା କିଛି ଶାଶ୍ୱତ ଅମୃତମୟ ସ୍ମୃତି ମନେ ପଡିଲେ ସ୍ମୃତିର ଆକାଶରେ ସହସ୍ର ଇନ୍ଦ୍ରଧନୁ ଉଇଁ ଉଠେ,ମନର ଆକାଶ ବର୍ଣ୍ଣାଳିମୟ ହୋଇଉଠେ ।

ସତୁରି ଦଶକର ପିଲା ମୁଁ, ପିଲାଦିନକୁ ଭରପୁର ଉପଭୋଗ କରିଛି । ବଡ଼ ପରିବାରରେ ବଢିଛି । ସମସ୍ତଙ୍କ ସ୍ନେହ ପାଇଛି ଓ ସମସ୍ତଙ୍କ ଠାରୁ ମାଡ଼ ଗାଳି ବି ଖାଇଛି । ପିଲାଦିନେ ପାଠ ପଢିବା ଯଦିଓ ପ୍ରାଥମିକତା ଥିଲା, ହେଲେ ପାଠ କେବଳ ବିଦ୍ୟାଳୟ ହତା ମଧ୍ୟରେ ସୀମିତ ଥିଲାଓ। ଘରେ ଖାଇବା, ଶୋଇବା ସମୟ ଛାଡିଦେଲେ ବାକି ସମୟ କେବଳ ଖେଳକୁଦ ବୁଲାବୁଲିରେ ବିତୁଥିଲା । ଖେଳର ଆକାର ପ୍ରକାର ସାଙ୍ଗମାନଙ୍କ ସଂଖ୍ୟା,ପରିବେଶ ପରିସ୍ଥିତି ଉପରେ ନିର୍ଭର କରୁଥିଲା । କିଛି ଖେଳ ପାଣିପାଗ ଋତୁ ଉପରେ ମଧ୍ୟ ନିର୍ଭର କରୁଥିଲା । ବିନା ବ୍ୟୟରେ ଖେଳର ମଜା ଏବେକାର ବ୍ୟୟ ବହୁଳ ଖେଳଖୁସି ଠାରୁ ଢେର ଉଚ୍ଚରେ ଥିଲା । ସାର୍ଟ କେବଳ ସ୍କୁଲ ଗଲାବେଳେ ପିନ୍ଧୁ ଥିଲୁ ନହେଲେ ଶୀତ ଆସିଲେ । କୁଆଡେ ଗଲେ ଆଇଲେ(ମାମୁଁ, ମାଉସୀ, ପିଉସୀ, ନାନୀ ଘରକୁ) କିମ୍ବା ପର୍ବପର୍ବାଣୀରେ ବୋଉ ଭଲ ସାର୍ଟ-ପେଣ୍ଟ ଦିଏ ପିନ୍ଧିବାକୁ । ଘରେ ବାହାରେ ସବୁ ଆଡେ କୋଳାହଳମୟ ଥିଲା । ସମସ୍ତଙ୍କ ହାତରେ ପ୍ରଚୁର ସମୟ ଥିଲା । ବଡ଼ମାନେ ଘରେ, ମହାକାଳ ଚାନ୍ଦିନୀ ଉପରେ, ଠାକୁରାଣୀ ଦାଣ୍ଡ କଦମ୍ବ ଗଛ ମୂଳେ ଲୁଡୁ, ତାସ, ପଶାପାଲି, ବାଘ-ଛେଳି ଇତ୍ୟାଦି କେତେ କଣ ଖେଳୁ ଥିଲୁ । ଆମେ ପିଲାମାନେ ତାଙ୍କରି ପାଖରେ ବସି ଦେଖି ପଚାରି ସବୁ ଶିଖି ଯାଉଥିଲୁ । ଗାଁ, ସାହିର କିଛି ବୟସ୍କ ଲୋକ ପିଲାମାନଙ୍କୁ ଏକାଠି କରି ଖେଳାଉ ଥିଲେ । ଚୋର-ପୁଲିସି, ଲୁଚକାଳି, ବୋହୂ ଚୋରି, କବାଡି, ଡାଳ ମାଙ୍କୁଡ଼ି, ଲୁଡୁ ଇତ୍ୟାଦି । ବଡ଼ ଭାଇମାନଙ୍କ ସାଙ୍ଗରେ କାଠପଟା ବ୍ୟାଟ, ସାଇକେଲ ଟ୍ୟୁବରେ ତିଆରି ବଲ୍, ପିଜୁଳି କାଠରେ ହକି ବାଡ଼ି କରି ପଡିଆରେ ଖେଳିବା ମଜା ନିଆରା ଥିଲା । ବିନା ପଇସାରେ ସବୁ ଖେଳ ବ୍ୟବସ୍ଥା ହୋଇ ଯାଉ ଥିଲା । ମୁଁ ଗଛ ଚଢା, ନଈ ପହଁରା, ସାଇକେଲ ଚଢା, ନଡ଼ିଆ ଛଡା, ନଡ଼ିଆ ପତ୍ର ରେ ପେଁକାଳି, ତାଳ ପତ୍ରରେ ଚଟେଇ, ପଙ୍ଖା ଠାରୁ ପେଟ୍ରୋମାକ୍ସ ଲାଇଟ ରେ ମେଣ୍ଟାଲ ବାନ୍ଧି ଫୁଙ୍କି ଫୁଙ୍କି ଆଲୋକିତ କରିବା ସବୁ ପିଲାବେଳେ ଗାଁ ରୁ ହିଁ ଶିଖିଛି । ରଜରେ ବାହି ମାରି ପଟା ଦୋଳି ଖେଳିବା, ଚକ୍ରୀ ଦୋଳିରେ ଟୋକେଇରେ ବସି ଘିରି ଘିରି ହେଇ ବୁଲିବା ଇତ୍ୟାଦିର ମଜା ଯିଏ ନେଇଛି ସିଏ ଜାଣିଛି । ବର୍ଷରେ ଅଧା ଦିନ ବିଭିନ୍ନ ପର୍ବପର୍ବାଣୀ ଯଥା-ଦୋଳଯାତ, ରଜ, ଗଣେଷ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା, କାର୍ତ୍ତିକେଶ୍ୱର ପୂଜା ଇତ୍ୟାଦି ଏବଂ ବାହା ପୁଆଣୀ, ପାଲା, ଯାତ୍ରାରେ ଯାଉଥିଲା । କେବଳ ଚତୁର୍ମାସ୍ୟା ଛାଡିଦେଲେ ଖାଲି ଆନନ୍ଦ ହିଁ ଆନନ୍ଦ ।

ଭୁବନେଶ୍ୱରରେ ମୋର ଜନ୍ମ ହୋଇଥିଲେ ହେଁ ମହାବିଦ୍ୟାଳୟ ଗଲା ପର୍ଯ୍ୟନ୍ତ ବର୍ଷରେ ଚାରିମାସ ମୋର ଆମ ଗାଁ ନ ହେଲେ ମାମୁଁଘର ଗାଁ ରେ କଟୁଥିଲା । ଆମ ଗାଁ ଅପେକ୍ଷା ମାମୁଁଘର ଗାଁ ରେ ମୋର ଅଖଣ୍ଡ କ୍ଷମତା ଥିଲା । ମୁଁ ସବୁଠାରୁ ବଡ଼ ନାତି ଥିଲି । ଅଜା, ଆଈ, ମାମୁଁ, ମାଇଁ, ମାଉସୀମାନଙ୍କ ସ୍ନେହ ଆଜିଯାଏଁ ସେମିତି ବଳବତ୍ତର ଅଛି । ଅବଶ୍ୟ ଅଜା, ଆଈ ଆଜି ନାହାନ୍ତି, ହେଲେ ପିଲାଦିନ ସ୍ମୃତି ଏବେବି ତାଜା ଅଛି । ସବୁଆଡେ ମୋର ସାଙ୍ଗ ହିଁ ସାଙ୍ଗ । ମୁଁ ଜାଣେନା ମୋତେ କାହିଁକି ସାଙ୍ଗମାନେ ଏତେ ଭଲ ପାଆନ୍ତି । ମୁଁ ସହଜରେ ମିଶିଯାଏ, ଭଲ କଥା କୁହେ, ସବୁ ବିଷୟରେ ନିଘା ଥାଏ,ପଚାରି ଦେଲେ ଆସୁ ନଆସୁ କହିଦିଏ ବିନା ସଂକୋଚରେ । ନାଟକ, କଳା, ସାହିତ୍ୟ, ସଙ୍ଗୀତ, ସିନେମା, ଡ୍ରାମା, ପାଲା, ଦାସକାଠିଆ ସବୁ ଦେଖେଁ । କିଛି ନ ମିଳିଲେ ପ୍ରଚୁର ବହି ପଢେ, ବହୁତ ଗପ କୁହେ । ପିଲାଦିନର ସହରୀ ଖେଳର ଅଭିଜ୍ଞତା ସମ୍ପୂର୍ଣ୍ଣ ଅଲଗା । ସହରରେ ସମସ୍ତେ ପେଣ୍ଟ,ସାର୍ଟ ପିନ୍ଧି ଖେଳିବାକୁ ଯାଆନ୍ତି । ଖେଳିବାର ନିର୍ଦ୍ଦିଷ୍ଟ ସମୟ ଥାଏ । ସ୍କୁଲରେ ସେଥିପାଇଁ ଖେଳ ଛୁଟି ହୁଏ । ଗାଁରେ ଯାହାକୁ ଖାଇବା ଛୁଟି କୁହାଯାଏ । ସ୍କୁଲ ଖେଳ ଛୁଟିରେ ପିଲାମାନେ ଖେଳନ୍ତି ନାହିଁ, ଖାଲି ମାଳ ମାଳ ହୋଇ ବୁଲନ୍ତି, ନହେଲେ ସାଇକେଲ ଡାଲାରେ ଧରି ଆସିଥିବା କିଛି ଖାଇବା ଜିନିଷ ଯେମିତି କମଳା, କରମଙ୍ଗା, ପିଜୁଳି, କାକୁଡି ଆଦି ଫଳ ନହେଲେ ଚୁଚୁମା, ବାରମଜା, ନଳୀ, ପାମ୍ପଡ, ନାନା ପ୍ରକାର ବିସ୍କୁଟ, ପାଉଁରୁଟିବାଲା ପାଖରେ ଭିଡ଼ ଜମାନ୍ତି । ହଁ ବରା, ଦହିବରା, ଘୁଗୁନି ବାଲା ବି ଆସନ୍ତି, ତାଙ୍କ ସାଙ୍ଗରେ ବମ୍ବେ ମିଠେଇବାଲା ନାନା ଆକୃତିରେ ମିଠେଇ ତିଆରି କରି ବିକ୍ରୟ କରନ୍ତି । ସୁନୁ ପାମ୍ପୁଡ଼ି ଏବଂ ଆଇମା' ପାଚିଲା ବାଳ ମିଠେଇ (cotton Candy) ମଧ୍ୟ ମିଳେ । ସେସବୁ ଖାଇଲେ କଣ ପେଟ ପୁରେ ! କିନ୍ତୁ ମନ ପୁରିଯାଏ । ଖେଳ ଛୁଟି ଖୁସିଟା ଶୀଘ୍ର ସରିଯାଏ । ହଁ,ସ୍କୁଲରେ ଖେଳ ହୁଏ କିନ୍ତୁ ଖେଳ ପିରିଅଡରେ । ସାର୍ ନିଜେ ପିଲାମାନଙ୍କୁ ଖେଳାନ୍ତି । ବ୍ୟାଟ-ବଲ, ଫୁଟବଲ ଦିଅନ୍ତି ଏବଂ ଖେଳ ଶିଖାନ୍ତି । ସ୍କୁଲ ବାହାରକୁ ଆସିଲେ ଅସଲ ଖେଳ ଆରମ୍ଭ ହୁଏ । ଦୁଇ ଜଣ ପିଲାଙ୍କ ବାକ୍ସ (ବହି ଖାତାରେ ପୂର୍ଣ୍ଣ ଥିବା) ଲଢେଇ ।

ବାକ୍ସ ଚେପା ହେଲେ ପଥରେ ଛେଚି ସାଇଜ କରି ଘରକୁ ଫେରିବା ହୁଏ । ସ୍କୁଲ ଫେରିବା ବାଟରେ ବରକୋଳି, ଜାମୁକୋଳି, କଣ୍ଟେଇ କୋଳି, ନଅରକୋଳି, କରମଙ୍ଗା, ପିଜୁଳି, କଇଁଆ ଗଛ ଚଢି ଫଳ ତୋଳିବା ଏକ ଅଭ୍ୟାସରେ ପଡି ଯାଇଥିଲା । ବେଳେବେଳେ ରାଜ ଭବନ ଭିତରେ ପଶି ପ୍ରଚୁର ଆମ୍ବ, ଲଙ୍କା ଆମ୍ବ ତୋଳି ଖାଉଥିଲୁ । ସାର୍ଟ-ପେଣ୍ଟ ଅବସ୍ଥା ଖରାପ କରି ଘରେ ଗାଳି ମାଡ଼ ଖାଇବା, ନିଜେ ସେସବୁ ସଫା କରିବାର ଅନୁଭୂତି ଏବେ ମନେ ପଡିଲେ ଯେ କେହି ଉଲ୍ଲସିତ ହୋଇଯିବ । ସ୍କୁଲରୁ ଫେରି ଘରେ କଣ ଟିକେ ପାଟିରେ ଦେଇ ପୁଣି ବାହାରି ଯାଉ ଖେଳିବାକୁ ମୋ ବୋଉ ଭାଷାରେ 'ଦାଣ୍ଡିଆ ମାରିବାକୁ' । ପକେଟରେ ପଶିଥାଏ କିଛି କାଚ ଗୁଲି (ବାଟି), ମାଟିରେ ଗାତ କରି, ଗାର ଟାଣି ନିର୍ଦ୍ଦିଷ୍ଟ ନିୟମରେ ଆମେ ଖେଳୁ, ହାଡ଼ ବାଟି ବା ପଥର ବାଟି ମଧ୍ୟ ଖେଳୁଁ । ସିଗାରେଟ ଖୋଳ ଚିରି ଟଙ୍କା ତିଆରି କରି ପାଧା ଟଙ୍କା ଖେଳୁ, ଢ଼େଗିରେ ମାରି ଯିଏ ଯେତେ ଟଙ୍କା ଜିତେ ସିଏ ନିଜକୁ ଅମ୍ବାନୀ ଠାରୁ କିଛି କମ୍ ମନେ କରେନାହଁ । ଗୁଚି-ତାଣ୍ଟୁ ଏକ ବଢିଆ ଖେଳ । କାଠିରେ ତିଆରି ଗୁଚି(ଛୋଟ)କୁ ତାଣ୍ଟୁ (ବଡ଼)ରେ ପିଟି ଦୂରକୁ ପଠେଇ ଦିଆଯାଏ । ଅପରପକ୍ଷ ସେଇଠାରୁ ମାପି ମାପି ଗର୍ତ୍ତ ପର୍ଯ୍ୟନ୍ତ ଆସେ । ବେଳେ ବେଳେ ଖାଲି ବାଡ଼ିରେ ମଧ୍ୟ ଘାସ ଗୋଡି ଗୋବର ଖେଳୁ । ବାଡ଼ି ଏହି ତିନୋଟି ପଦାର୍ଥ ସଂସ୍ପର୍ଶରେ ଥିଲେ, ତୁମେ ଅମର । ସାଇକେଲ ଟାୟାର ବାଡେଇ ବାଡେଇ ରାସ୍ତା ଉପରେ ଦଉଡ଼େଇଲେ ଯେଉଁ ଆନନ୍ଦ ମିଳେ, ତାହା ଅବର୍ଣ୍ଣନୀୟ । ଝିଅ ପିଲାମାନେ ମଧ୍ୟ ବିଭିନ୍ନ ପ୍ରକାର ଖେଳ ଖେଳନ୍ତି ପ୍ରାୟତଃ ମିଛି ମିଛିକା ହାଣ୍ଡି ଚୁଲିରେ ରୋଷଇ, କଣ୍ଢେଇ ବାହାଘର, ବାଲି ଗଦାରେ ଗୋଡ଼ ପୁରେଇ ଘର ତିଆରି, ଦାଣ୍ଡରେ ଗାର ଟାଣି ଖପରା କାତି ଡ଼ିଆଁ, କାଚ କଉଡ଼ି, ବାଘ ଛେଳି, ପୁଚି, ଦଉଡି ଡିଆଁ ଏମିତି ଅନେକ କିଛି ।

କେହି କଣ କେବେ ଭୁଲିପାରେ ନିଜ ପିଲାଦିନ ! ସେଇ ଅଭୁଲା ଦିନର ସୁମଧୁର ସ୍ମୃତି ପାସୋରିବା ସତରେ ବହୁତ କଷ୍ଟ । ନା ଚାଲି ଯାଇଥିବା ସମୟ ଫେରିବ ନା ସମୟକୁ ପଛକୁ ଘୁରେଇ ହବ । କେବଳ ଅବଶୋଷ ଲାଗେ ଏବେକାର ପିଲାମାନଙ୍କ ଶୈଶବକୁ ଦେଖି । ଖେଳ କେବଳ ପ୍ଲେ ସ୍କୁଲ ଭିତରେ ବନ୍ଧା । କିଛି ତଥାକଥିତ ଖେଳନା ଭିତରେ ସୀମିତ ଥିବା ଖେଳର ରୂପ ରେଖ ବଦଳି ଯାଇଛି । ସମସ୍ତ ଖେଳ ଖେଳାଳି, ବନ୍ଧୁ, ସାଙ୍ଗସାଥି ଆଜି ଯନ୍ତ୍ରରେ ବନ୍ଦୀ । ହାତରେ ମୋବାଇଲ, ଘରର ଚାରିକାନ୍ଥ ଖେଳ ପଡିଆର ସୀମାରେଖା,ତନ୍ମଧ୍ୟରେ ଦିଗହରା ଶୈଶବ । ଛୋଟ ପିଲାଟିର ସ୍ୱପ୍ନ ଦେଖିବାର ଅଧିକାର ଛଡାଇ ନେଇଛନ୍ତି ପିତାମାତା, ଅବିଭାବକ ଓ ପରିବାର । ବାପାମାଆଙ୍କ ଅସୁମାରୀ ସ୍ୱପ୍ନକୁ ସାକାର କରିବା ପଥରେ ଆଜିର ପିଲାମାନେ ଧାବିତ । ସୁନେଲି ଭବିଷ୍ୟତ ଗଢିବାର ଆଶା ଚାପରେ ପରିଣତ ହୋଇଛି । ପାଠର ଚାପ, ବହି ବସ୍ତାନିର ଚାପ, ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟର ଚାପରେ ବିଚରା ପିଲାମାନଙ୍କର ଶୈଶବ, ଖେଳକୁଦ, ହସ ଖୁସି କୋଉଠି ହଜିଗଲାଣି । ଆଗକୁ ବଢିବା, ପ୍ରଥମ ହେବା ଏବଂ ଅକୃତକାର୍ଯ୍ୟର ସ୍ୱାଦ ନ ଚାଖିବା ରୁଗ୍ଣ ମାନସିକତାରେ ପରିଣତ ହୋଇଛି । ପିଲାଦିନର ଧୂଳିଘର ଧୂଳିସାତ୍ ହୋଇଛି । ମନ ଇଛା ହସିବା ଖେଳିବାର ସ୍ୱାଧୀନତା ଛଡେଇ ନେଇଛି ସମୟ । ଯନ୍ତ୍ରର ମନ୍ତ୍ରରେ ସମସ୍ତେ ଅଭିମନ୍ତ୍ରିତ । ମୁଁ ପିଲାଦିନ କଥା କହିଲାବେଳେ ବା ଲେଖିଲାବେଳେ ଯେପରି ପୁଲକିତ ହୋଇଛି, ଯେଉଁ ମଧୁର ଅନୁଭବର ସ୍ପର୍ଶ ପାଇଛି, ଆଜିର ପିଲାମାନେ ସେପରି ପାଇବେ ତ ! ଶୈଶବର ଇନ୍ଦ୍ରଧନୁ ଆଜି ରଙ୍ଗହୀନ, ବର୍ଣ୍ଣହୀନ କାହିଁକି ? ଚିନ୍ତନର ବିଷୟ, ସମୟ ଗଡିଯିବା ପୂର୍ବରୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସମାଜର ବଡ଼ ପଣ୍ଡା ମାନେ ଏହି ପ୍ରସଙ୍ଗରେ ଆଲୋଚନା କରିବା ଦରକାର ।

**ମାତୃପିତୃ କୃପା, ୫୦୮, ନୂଆସାହି, ନୂଆପଲ୍ଲୀ, ଭୁବନେଶ୍ୱର, ମୋ- ୯୪୩୭୧୭୫୭୬୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୁଳାଧିପତିଙ୍କ...

ପମ୍ପଡ ସଂରକ୍ଷଣ ପ୍ରକଳ୍ପ (ପିଏସ୍‌ପି) ନୀତିକୁ ଅନୁମୋଦନ କରାଯାଇଛି । ସେହିଭଳି ଓଡ଼ିଶା ରାଜସ୍ୱ ସେବା (ନିଯୁକ୍ତି ନିୟମାବଳୀ) ୨୦୧୧ର ସଂଶୋଧନ ହୋଇଛି ।ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କେଜିବିବି ଟାଇପ୍ ଆଇଭି ବାଳିକା ଛାତ୍ରାବାସ ବ୍ୟତୀତ ଅନ୍ୟ ଛାତ୍ରାବାସରେ ଅନ୍ତେବାସୀଙ୍କ ପାଇଁ ମାଗଣା ସୁବିଧା ପ୍ରଦାନ କରାଯିବ । ରହୁଥିବା ଛାତ୍ରଙ୍କ ପାଇଁ ମାସିକ ୨୦୦୦ ଟଙ୍କା ଅବଦାନ ଛାଡ କରିବା ପ୍ରସ୍ତାବ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସେହିଭଳି ଜରୁରୀକାଳିନ ପ୍ରସମନ ସହାୟତା ବ୍ୟବସ୍ଥା ଡାଏଲ-୧୧୨ ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୨୨୬୦.୭୯ କୋଟି ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ ହୋଇଛି । ଓଡ଼ିଶା ରାଜ୍ୟ ବିଧି ଆୟୋଗର ସଭାଧ୍ୟକ୍ଷ ପୂର୍ବରୁ ସେବାରତ ଥିବା ସମୟରେ ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ଭତ୍ତା ଓ ସେବାର ଅନ୍ୟ ସର୍ତ୍ତାବଳୀ ପ୍ରତି ସେ ହକ୍‌ଦାର ହେବେ । ତାଙ୍କ ନିଯୁକ୍ତି ପରେ ତାଙ୍କର ଅସୁବିଧା ହେବ ବୋଲି ବଦଳାଯିବ ନାହିଁ । ଓଡ଼ିଶା କାରଖାନା ବାଷ୍ପିତ ନୀରକ୍ଷଣ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ୧୯୮୪ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ମୟୁରଭଞ୍ଜ ପୋଲିସ ଜିଲ୍ଲାକୁ ବିଭକ୍ତ କରାଯାଇ ରାଇରଙ୍ଗପୁରରେ ଏକ ନୂଆ ପୋଲିସ ଜିଲ୍ଲା ଗଠନ କରାଯିବ । ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ଦୁଇଟି ପୋଲିସ ସବ୍‌ଡିଭିଜନ ରହିବ । ଏଥିରେ ୧୪ ଥାନା ଅନ୍ତର୍ଭୁକ୍ତ ହେବ । ଓଡ଼ିଶା ଆୟୁଷ ସହାୟକ ସଂଶୋଧନ ନିୟମ ୨୦୨୫ ପ୍ରଣୟନ କରାଯାଇଛି । ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ବରିଷ୍ଠ ଆୟୁଷ ସହାୟକ ପଦବୀ ଓ ୧୨ଟି ମୁଖ୍ୟ ଆୟୁଷ ସହାୟକ ପଦବୀ ସୃଷ୍ଟି କରାଯାଇଛି । ସମୃଦ୍ଧ ସହର ଯୋଜନା ଲାଗି ୪୮୭୯.୩୦ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ କରାଯାଇଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲାଗି ଏହା ରଖାଯାଇଛି । ସହର ପରିକଳ୍ପନା ଯୋଜନା ସହର ପରିକଳ୍ପନା ସହ ସହରଗୁଡ଼ିକୁ ବିକାଶ କେନ୍ଦ୍ର ଭାବେ ଗଢ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆଇଏଫ୍‌ଏମ୍‌ଏସ୍ ୩.୦ ପ୍ରକଳ୍ପ ଲାଗି ଟିସିଏସ୍ ଦାଖଲ କରିଥିବା ଏକକ ବିଲ୍‌କୁ ଗ୍ରହଣ କରାଯାଇଛି । ୨୯୦.୬୬ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଓଡ଼ିଶା ସେମି କଣ୍ଡକଟର ଉତ୍ପାଦନ ଏବଂ ଫ୍ୟାବଲେସ୍ ନୀତି ୨୦୨୩ର ଦ୍ୱିତୀୟ ସଂଶୋଧନ ହୋଇଛି । ଏହି ସଂଶୋଧନ ଓଡ଼ିଶା ଶିଳ୍ପ ସୁବିଧା ଆଇନ୍ ଏବଂ ଆଇପିଆର୍ ୨୦୨୨ ସହ ସମନ୍ୱୟ ରଖି ନିୟାମକ ଏବଂ ଶାସନ ବ୍ୟବସ୍ଥାକୁ ସୁଗମ କରିଥାଏ । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସର୍ଭେକ୍ଷଣ କମିଟି ନୀତି କାର୍ଯ୍ୟାନ୍ୱୟନ ଏବଂ ଯଥାଶୀଘ୍ର ଅନୁମୋଦନ ତଦାରଖ କରିବେ ।

## ବିଜେଡିର...

ଧସ୍ତାଧସ୍ତି ହେବାସହ ମୁହାଁମୁହିଁ ହୋଇଥିଲେ। ବ୍ୟାରିକେଡ୍ ଭାଙ୍ଗିବା ଉଦ୍ୟମ ବେଳେ ପୋଲିସ ପାଣିମାଡ, ଟିୟର ଗ୍ୟାସ୍, ରବର ବୁଲେଟ୍ ଆଦି ପ୍ରୟୋଗ କରିଛି। ପୋଲିସର କାର୍ଯ୍ୟାନୁଷ୍ଠାନରେ ଦଳର ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡାଇ, ସୁଲତା ଦେଓ, ଛବି ମାହାଲି, ନୀଳମାଧବ ମହାନ୍ତି, ସଙ୍କେତ ରାୟଙ୍କ ସମେତ ଅନେକ ବିଜେଡି କର୍ମୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନକୁ ବିଜେଡି ପକ୍ଷରୁ ନିନ୍ଦା କରାଯିବା ସହ ସରକାରଙ୍କ ନିର୍ଦ୍ଦେଶରେ ଏଭଳି ଆକ୍ରମଣ କରାଯାଇଛି ବୋଲି ଅଭିଯୋଗ କରାଯାଇଛି । ତେବେ ପୋଲିସର ଚାପ ପକାଇ ବିଜେଡିର ସ୍ୱରକୁ ଚପାଇ ଦିଆଯାଇପାରିବ ନାହିଁ । ନ୍ୟାୟ ପାଇଁ ଆଗକୁ ଜୋରଦାର ଲଢ଼େଇ ହେବ ବୋଲି ସେମାନେ କହିଛନ୍ତି। ତେବେ ଆହତ ହୋଇଥିବା ନେତା ଓ କର୍ମୀଙ୍କ ସହିତ ବିଜେଡି ସଭାପତି ନବୀନ ପଟ୍ଟନାୟକ କଥା ହୋଇଛନ୍ତି।

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି ସହ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଏବଂ ମୃତକଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଆଜି ବିଜେଡି ଲୋକସେବା ଭବନ ଘେରାଉ ଡାକରା ଦେଇଥିଲା। ମହାତ୍ମା ଗାନ୍ଧୀ ମାର୍ଗରେ ଏକଜୁଟ ହୋଇଥିବା ହଜାର ହଜାର ବିଜେଡି କର୍ମୀ ଲୋକସେବା ଭବନ ଆଡକୁ ଅଗ୍ରସର ହେଉଥିବାବେଳେ ତାଙ୍କୁ ପୋଲିସ ଅଟକାଇଥିଲା। ବ୍ୟାରିକେଡ୍ ଭାଙ୍ଗିବା ଉଦ୍ୟମ ବେଳେ ପୋଲିସ ପକ୍ଷରୁ ଲୋକଙ୍କୁ ଘଉଡାଇବା ପାଇଁ ପାଣି ମାଡ, ଟିୟର ଗ୍ୟାସ, ରବର ବୁଲେଟ୍ ମାଡ କରାଯାଇଥିଲା। ଅନେକ ବିଜେଡି ନେତାଙ୍କୁ ପୋଲିସ ଗିରଫ କରିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଛି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ଏ ସରକାର ଏବେ ଛାଇକୁ ଡରୁଛି। ଭାରତ-ପାକିସ୍ତାନ ଯୁଦ୍ଧ ଭଳି ବଡ ବ୍ୟାରିକେଡ୍ କରି ଲୋକଙ୍କୁ ଅଟକା ଯାଉଛି। ପୋଲିସ ଏବେ ବିଜେପି ସରକାରଙ୍କ କଥାରେ କାର୍ଯ୍ୟ କରୁଛି। ତେବେ ଏଭଳି ଉଦ୍ୟମ ଆନ୍ଦୋଳନକୁ ଚପାଇ ପାରିବ ନାହିଁ। ବିଜେଡିର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତି ରଞ୍ଜନ ଘଡାଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଦେହରେ ରବର ବୁଲେଟ ବାଜିଛି । ଦଳର ଉପସଭାପତି ପ୍ରତାପ ଜେନା କହିଛନ୍ତି ଯେ ଏ ଘଟଣା ସରକାରଙ୍କ ବିଫଳତାକୁ ଦର୍ଶାଉଛି। ଲୋକସେବା ଭବନ ଘେରାଉ ବେଳେ ଦଳର ସକ୍ରିୟ କର୍ମୀ ଓ ନେତାଙ୍କ ଉପରେ ପୋଲିସ ବଳ ପ୍ରୟୋଗ କରିଛି। ମହିଳା ନେତ୍ରୀଙ୍କ ପ୍ରତି ଅସଦାଚରଣ ଓ ଦୁର୍ବ୍ୟବହାର କରିବା ସହ ପୁରୁଷ ପୋଲିସ ସେମାନଙ୍କୁ ଟଣାଓଟରା କରିଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଚପାଇ ଦେବାପାଇଁ ପୋଲିସ ଅତ୍ୟଧିକ ବଳ ପ୍ରୟୋଗ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## କଂଗ୍ରେସର...

ଶାସନ ଭୁଶୁଡି ପଡିଛି। ବିଜେଡି ବିକ୍ଷୋଭ ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ମିଳିତ ବିରୋଧୀ ଦଳ ନିନ୍ଦା କରିଛି। ଲାଠି, ଗୁଳି, ପାଣିମାଡ ଓ ଟିୟରଗ୍ୟାସ୍ ଚାଳନାରେ ଶାସନ ଚାଲେନାହିଁ ବୋଲି ଏମାନେ କହିଛନ୍ତି। ଆନ୍ଦୋଳନ ପରିପ୍ରେକ୍ଷୀରେ ଆସନ୍ତାକାଲି ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ୧୨ ଘଣ୍ଟା ଲାଗି ବନ୍ଦ ରହିବ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ସୁରକ୍ଷା ଦୃଷ୍ଟିରୁ ସକାଳ ୬ଟାରୁ ଅପରାହ୍ନ ୪ଟା ଯାଏ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ପ୍ରାୟ ୩ଟି ଡିପୋ ସହ ୩ ହଜାରରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଅପରାହ୍ନ ୪ଟା ପରେ ପେଟ୍ରୋଲ ପମ୍ପ ଖୋଲିବ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ବିଧାୟ ଦଳର ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି, ସିପିଆଇ ସମ୍ପାଦକ ଆଶିସ୍ କାନୁନଗୋ, ସିପିଏମ୍ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇଏମଏଲର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନସିପି ସଭାପତି ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସୌମ୍ୟାଶ୍ରୀଙ୍କୁ...

ସକାଳ ସମୟରେ ବନ୍ଦ ପାଳନକାରୀମାନେ ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ବସ ଓ ଟ୍ରେନ ଚଳାଚଳକୁ ବନ୍ଦ କରିଥିଲେ । ବାଲେଶ୍ୱର ଷ୍ଟେସନ ଓ ଜିଲ୍ଲାର ଅନ୍ୟାନ୍ୟ ଷ୍ଟେସନରେ କେତେକ ଟ୍ରେନକୁ ଅଟକା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ସେହିସବୁ ଟ୍ରେନ୍ ଗୁଡ଼ିକ ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା । ଏହି ବନ୍ଦ ପାଳନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରଅଧ୍ୟକ୍ଷା ସବିତା ସାହୁ, ସଦରବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଛାତ୍ରବିଜେଡ଼ି ନେତା ସିମନ ଦାସ ମହାପାତ୍ରଙ୍କ ସମେତ ସୂର୍ଯ୍ୟକାନ୍ତ କର, ରଞ୍ଜିତା ମହାପାତ୍ର, ଅସୀତ ଦାସ, ଶାନ୍ତନୁ ଦାସ, ସୁବୋଧ ମହାନ୍ତି, ସେକ୍ ଅନସାର,ସେକ୍ ଜାକିର, କବିତା ମୁର୍ମୁଙ୍କ ସମେତ ବିଜୁ ଜନତା ଦଳର ବହୁ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ ।

# ୨ ଘରୋଇ ସ୍କୁଲକୁ ବନ୍ଦ ପାଇଁ ବିଇଓଙ୍କ ନୋଟିସ

ଭଣ୍ଡାରିପୋଖରୀ,(ସବ୍ୟୁ): :ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ କୋରକୋରା ଶିକ୍ଷାଭାରତୀ ବିଦ୍ୟାମନ୍ଦିର ଓ ଷୋଳମପୁର ଶ୍ରୀଗଣେଷ ଶିଶୁ ବିଦ୍ୟାମନ୍ଦିରକୁ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ଠାରୁ ନାମ ଲେଖାଇବାକୁ ବାରଣ କରିବା ବନ୍ଦ ନୋଟିସ ଦେଇଥିବା ଜଣାଯାଇଛି । ଅଦ୍ୟ ୧୬ ତାରିଖରେ ପ୍ରକାଶିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୮୬୨ ଅନୁଯାୟୀ ଏହି ଆଦେଶ ଜାରି କରାଯାଇଛି । ଏହି ବିଦ୍ୟାଳୟ ଦ୍ୱୟକୁ ସରକାରୀ ସ୍ୱୀକୃତୀ ପ୍ରମାଣପତ୍ର ମିଳିନଥିବା ଯୋଗୁଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟ ବନ୍ଦ ଘୋଷଣାପତ୍ର ତୁରନ୍ତ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

# ଦିବାଲୋକରେ ବିସ୍କୁଟ୍ ବ୍ୟବସାୟୀଙ୍କ ନିକଟରୁ ଲୁଟ

ସୋର,(ସବ୍ୟୁ): ।ବୁଧବାର ଦିନ ଦ୍ୱିପ୍ରହରେ ଉତ୍ତରେଶ୍ୱରରୁ ଜଣେ ବିସ୍କୁଟ ବ୍ୟବସାୟୀଙ୍କ ଗାଡିରୁ ୪୨ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସୋର ଥାନା କୁଡେଇ ଗ୍ରାମର ତିମିର ତପନ ଦାସ ବିସ୍କଫାର୍ମ ବିସ୍କୁଟ କମ୍ପାନୀର ଡିଲର ଭାବେ ସୋରର ବିଭିନ୍ନ ଦୋକାନକୁ ବିସ୍କୁଟ ଯୋଗାନ୍ତି । ଆଜି ମଧ୍ୟାହ୍ନରେ ଉତ୍ତରେଶ୍ୱର କସମୋ ବଜାର ନିକଟରେ ଏକ ଦୋକନରେ ବିସ୍କୁଟ ପେଟି ଦେଉଥିବା ବେଳେ ଦୁଇଜଣ ଯୁବକ ଏକ ପଲସର ବାଇକରେ ଆସି ତାଙ୍କ ଗାଡି ଆଗରେ ଥିବା ବ୍ୟାଗରୁ ୪୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏନେଇ ତପନ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ବିଜେଡିର ସୋର ବନ୍ଦ ସଫଳ

ସୋର,(ସବ୍ୟୁ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ବୁଧବାର ଜିଲ୍ଲା ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାର ପ୍ରଭାବ ସୋରରେ ଦେଖିବାକୁ ମିଳିଛି । ସୋର ବିଜେଡି ପକ୍ଷରୁ ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ସକାଳେ ୧୬ନଂ ଜାତୀୟ ରାଜପଥ ଉତ୍ତରେଶ୍ୱର ଠାରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଫଳରେ ଜରୁରୀ କାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଗାଡି ରାଜପଥରେ ଅଟକି ରହିଥିବାରୁ ଶହ ଶହ ଟ୍ରକ ଓ ଗାଡି ରାସ୍ତାରେ ଛିଡା ହେବା ସହ ରାସ୍ତା ଜାମ ହୋଇଥିବା ଦେଖିବାକୁ ମିଳିଛି ।ପରେ ବିଜେଡି କର୍ମୀମାନେ ରେଳଷ୍ଟେସନରେ ବିକ୍ଷୋଭ କରିଥିଲେ ।ସକାଳ ୬ ଟାରୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା ।ତେବେ ଏହି ବନ୍ଦ ସୋରରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା । ତେବେ ଆଜି ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଥିବା ବେଳେ ଆସନ୍ତା କାଲି କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି ।ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଧଡ଼ାଙ୍କ ସମେତ ବିଜେଡିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଅବକାରୀ ଚଢ଼ାଉ : ଦୁଇ ଗିରଫ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ଅଭିରାକୁଣ୍ଡ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ଅଭିରାକୁଣ୍ଡ ଜଙ୍ଗଲରେ ଗଢି ଉଠିଥିବା ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୨୬୦୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୨୭୦ ଲିଟର ଦେଶୀମଦ ଜବତ କରିଥିଲେ । ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସେହିପରି ଏହି ଟିମ୍ ଚକରାଇପୁର ଗ୍ରାମରେ ଚଢ଼ାଉ କରି ଶାନ୍ତିଲତା ନାୟକ ନିକଟରୁ ୨୦ ଲିଟର ଏବଂ ସୁନାରୀ ଗ୍ରାମର ଲତା ମାଝୀ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ ।ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ ।

# ତହସିଲ ପକ୍ଷରୁ ଚଢ଼ାଉ: ୨୫ ଟ୍ରିପ୍ ପଥର ଜବତ

ସୋର,(ସବ୍ୟୁ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନ ବନ୍ଦ ଥିବା ବେଳେ ପ୍ରତିଦିନ ଶହଶହ ଟ୍ରିପ ପଥର ଚୋରା ଚାଲାଣ ହେଉଛି । ଦିନ ଦ୍ୱିପ୍ରହରରେ ଏହି ପଥର ଚୋରୀ ହେଉଥିବା ବେଳେ ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ମାତ୍ର କିଛିଦିନର ବ୍ୟବଧାନ ପରେ ଆଜି ଅପରାହ୍ନରେ ସୋର ତିହସିଲଦାର ଦୈତାରୀ ମଲ୍ଲିକ ବ୍ଲାଷ୍ଟିଂ ହେଉଥିବାର ଖବର ପାଇ ବନ୍ଦ ଖାଦାନରେ ଅଚାନକ ଚଢ଼ାଉ କରିଥିଲେ । ଏହି ସମୟରେ ୫୫ ନମ୍ବର କ୍ୱାରୀରୁ ୨୫ ଟ୍ରକରୁ ଅଧିକ ପଥର ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ । ଚଢ଼ାଉ ହେଉଥିବା ଜାଣିପାରି ଅନ୍ୟ ଚୋରା ଖାଦାନରୁ ମାଫିଆ ମାନେ ଚମ୍ପଟ ମାରିଥିଲେ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହିତ ଏଠାରେ ପୂର୍ବରୁ ବସିଥିବା ପୁଲିସ କ୍ୟାମ୍ପକୁ ପୁନଶ୍ଚ ବସାଇବାକୁ ସାଧାରଣରେ ଦାବି ହୋଇଛି ।


DIRECTORATE OF PUBLIC HEALTH
DEPARTMENT OF HEALTH &
FAMILY WELFARE GOVERNMENT OF ODISHA
No. 4107/PH-MISC-35/2025 Dt. 14.07.2025

TENDER NOTICE

E-235 : Sealed tenders are invited from the interested reputed Registered Travel Agencies / Tour Operators for providing 1 No. (one) of Swift Dezire Petrol Vehicle (New version) having rgistered in his/her name/Agency name,on monthly hiring basis in conformity to the terms & conditions of the tender for the purpose of official use in the Directorate of Public Health,Odisha Health & Family Welfare Department Odisha.The details of term & conditions of tender, general information,quoted price & documents will be made available in the office of the Directorate of Public Health,Odisha berween 11 AM to 5 PM in any working day or Can be downloaded from the web site of Govt, in Health & Family Welfare Department www.odisha.gov.in/health portal.

- Date of sale of Tender paper- 17.07.2025
- Last date recept of Tender- 24.07.2025
- Date of Opening of Tender- 29.07.2025
- Adress for Correspondence- Directorate of Public Health,Odisha Heads of Department Building, U n i t-V, Bhubaneswa r. Pi n-751001

The tender will be opened on scheduled date & time in the office chamber of the undersigned in the presence of supplier of their authorized reperesentives, In the event of the date being declared as holiday for Govt, of Odisha,the due date of submission of bids & opening of bids will be next working day. Any tender received after the due date & time will be rejected & returned to the sender unopened.The tender will be received through Regd. Post / Couriers Service / Speed Post only.The Authority reserves the right to reject any or all the tenders received without assigning any reason thereof.

OIPR : 10001/11/0074/2526

Sd/- Director of Public Health, Odisha



ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone : - (06811) 263965
EPBX : - (06811) 263920
FAX : - (06811) 263552
Email : - ori-dganjam@nic.in

CAD-1118 Notice No. 7428 / ZP(DPRC), Dated : 15.07.25

TENDER NOTICE FOR SELECTION OF SERVICE PROVIDER FOR PROVIDING OF CATERING SERVICES

Sealed Tenders are invited by Zilla Parishad, Ganjam, Chatrapur from reputed Firms/Agencies as per tender specification for "providing of Catering Services" at District Panchayat Resource Center (DPRC), Chatrapur. The detailed tender document may be downloaded from the district website www.ganiam.odisha.Gov.in.

Interested bidders may submit their sealed tender documents in the prescribed format mentioning **"Providing of Catering Services at District Panchayat Resource Center (DPRC), Chatrapur"** on the cover of the envelope to the **Zilla Parishad, Ganjam, Chatrapur by 29/07/2025 up to 3 P.M through Speed Post/ Registered Post only**. Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Providing of Catering Services at District Panchayat Resource Center (DPRC), Chatrapur" on the cover of the envelope**. The Technical Bid will be opened on the **same day at 4 P.M.** in presence of the bidders or their authorized representatives. The date and time of opening of the Financial Bids will be intimated to the shortlisted bidders later.
Tenders received after due date and time will not be accepted. **Zilla Parishad, Ganjam, Chatrapur** shall not be responsible for postal delay or similar reasons. No Tenders sent through an electronic mail or any other mode shall be accepted. Any corrigendum/addendum, if any, will be uploaded in the above-mentioned website only. **Zilla Parishad, Ganjam, Chatrapur** reserves the right to accept or reject any or all tender without assigning any reason thereof. For any queries you may contact at or reach to

**Cell: 9438243384**
**Address: Zilla Parishad, Ganjam District**
**E mail: drdaganjam@gmail.com**

Sd/- CDO-cum-EO, Zilla Parishad-cum-Principal, DPRC,Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARIDHAD, GANJAM, CHATRAPUR
Phone : - (06811) 263965
EPBX : - (06811) 263920
FAX : - (06811) 263552
Email : - ori-dganjam@nic.in

Notice No. 7430 / ZP(DPRC), Dated : 15.07.25

TENDER NOTICE FOR SELECTION OF AGENCY FOR SUPPLY OF TRAINING KIT AND TRAINING STATIONERIES FOR VARIOUS TRAINING PROGRAMME CONDUCTED BY DPRC, GANJAM

Sealed Tenders are invited by **Zilla Parishad, Ganjam, Chatrapur** from reputed Firms/Agencies as per tender specification for **"providing of Training stationeries" at District Panchayat Resource Center (DPRC), Chatrapur**. The detailed tender document may be downloaded from the district website www.ganjam.odisha.Gov.in.

Interested bidders may submit their sealed tender documents in the prescribed format mentioning **"Providing of Training stationaries at District Panchayat Resource Center (DPRC), Chatrapur"** on the cover of the envelope to the **Zilla Parishad, Ganjam, Chatrapur by 29/07/2025 up to 3 P.M through Speed Post/ Registered Post only**. Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Providing of Training stationeries at District Panchayat Resource Center (DPRC), Chatrapur" on the cover of the envelope**. The Technical Bid will be opened on the **same day at 4 P.M.** in presence of the bidders or their authorized representatives. The date and time of opening of the Financial Bids will be intimated to the shortlisted bidders later.Tenders received after due date and time will not be accepted. **Zilla Parishad, Ganjam, Chatrapur** shall not be responsible for postal delay or similar reasons. No Tenders sent through an electronic mail or any other mode shall be accepted. Any corrigendum/addendum, if any, will be uploaded in the above-mentioned website only.

**Zilla Parishad, Ganjam, Chatrapur** reserves the right to accept or reject any or all tender without assigning any reason thereof. For any queries you may contact at or reach to **Cell: 9438243384**
**Address: Zilla Parishad, Ganjam District**
**E mail: drdaganjam@gmail.com**

OIPR : 19372/11/0010/2526

Sd/- CDO-cum-EO, Zilla Parishad-cum-Principal, DPRC,Ganjam



AFFIDAVIT

By virtue of an affidavit sworn before Notary Public, BHUBANESWAR, Dated. 04.07.2025 I, SOUMYA RANJAN SAHOO, Address : SCIENCE PARK BASTI, ACHARYA VIHAR, BHUBANESWAR 751013 declare that I have changed my name from SOMAYRANJAN SAHOO to SOUMYA RANJAN SAHOO. Henceforth, I shall be known as SOMAYRANJAN SAHOO for all purposes.

SOUMYA RANJAN SAHOO

AFFIDAVIT

I, Sudhira Behera, S/o-Trilochan Behera, resident of At: Simuliapatna, PS: Chandaka, Bhubaneswar- 754005, Dist.: Khordha, Odisha declare by this Affidavit No. 1356, dtd.09/07/2025 that now onwards I shall be known as **SUDHIR BEHERA** for all future purposes.

AFFIDAVIT

I Mahendra Kumar Bhagabat Sahoo, S/o: Bhagabat Sahoo, Plot No. 10, 1st Floor, Phase-2, Lane-3, Bhagabat Sandhan GGP Canal Road, Bhubaneswar, GGP Colony, PO: GGP Colony, Dist.: Khurda, Odisha-751025 declare by this affidavit no. 22880, dated: 15.07.2025, that now onwards I shall be known as **Mahendra Kumar Sahoo** for all future purposes.



ମାନ୍ୟବର ବିଚାରପତି, ପାରିବାରିକ ଅଦାଲତ, କନ୍ଧମାଳ, ଫୁଲବାଣୀ
(ସି.ପି.ସି. ଅର୍ଡର ନଂ ୫ ରୁଲ ୨୦ ଅନୁଯାୟୀ ନୋଟିସ)
ସି.ପି. ନଂ ୫୭/୨୦୨୪
ସନ୍ଦିପ କୁମାରସାହୁ .................................. ବାଦୀ
ବନାମ
ଅନିତା ସାହୁ ..................................ପ୍ରତିବାଦୀ

ପ୍ରତି

ଅନିତା ସାହୁ, ବୟସ ୨୫ ବର୍ଷ ସ୍ୱାମୀ ସନ୍ଦିପ କୁମାର ସାହୁ, ପିତା ଗୋପାଳ ସାହୁ ମୁଖ୍ୟ ବଜାର ସଙ୍କରାଖୋଲ ପୋଷ୍ଟ ସଙ୍କରାଖୋଲ, ଥାନା-ତିକାବାଲି, ଜିଲ୍ଲା-କନ୍ଧମାଳ । ଏତଦ୍ୱାରା ନୋଟିସ ମାଧ୍ୟମରେ ଆପଣ ଅପରପକ୍ଷଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ବାଦୀଙ୍କ ସହ ଆପଣ ବିବାହ କରାପରେ ତାଙ୍କୁ ଛାଡି କେଉଁଆଡେ ଚାଲିଯାଇଅଛନ୍ତି । ସେଥିପାଇଁ ବାଦୀ ହିନ୍ଦୁ ବିବାହ ଅଧିନିୟମ ଧାରା ୯ ଅନୁସାରେ ତାଙ୍କର ବୈବାହିକ ଜୀବନରେ ପୁନର୍ବାର ଯୋଡ଼ ଦେଇ ବୈବାହିକ ସମ୍ପର୍କର ପୁନରାରମ୍ଭ କରିବା ପାଇଁ ଉପରୋକ୍ତ ଅଦାଲତରେ ମୋକଦ୍ଦମା ଦାଖଲ କରିଛନ୍ତି । କିନ୍ତୁ ଅଦାଲତ ଆପଣଙ୍କୁ ବିଭିନ୍ନ ମାଧ୍ୟମରେ ନୋଟିସ ପଠାଇଲେ ମଧ୍ୟ ଆପଣ ଜାଣିଶୁଣି ଗ୍ରହଣ କରୁନାହାନ୍ତି ଏବଂ ଅଦାଲତରେ ହାଜର ହେଉନାହାନ୍ତି କିମ୍ବା କୌଣସି ପ୍ରକାର ପଦକ୍ଷେପ ନେଉନାହାନ୍ତି । ଏଣୁ ଏତଦ୍ୱାରା ଆପଣଙ୍କୁ ଏହି ନୋଟିସ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି ଯେ, ଆପଣ ଆସନ୍ତା ତା. ୧୯.୭.୨୦୨୫ ରିଖରେ ଦିବା ୧୦.୩୦ ମିନିଟ ସମୟରେ ମାନ୍ୟବର ଅଦାଲତରେ ହାଜର ହୋଇ ବାଦୀ କରିଥିବା ମୋକଦ୍ଦମାର ଲିଖିତ ଉତ୍ତର ଦେବେ କିମ୍ବା ନିଜର ପକ୍ଷ ରଖିବା ସହ ମୋକଦ୍ଦମା ବିଚାରରେ ଯୋଗଦାନ କରିବେ । ଏଥିରେ ଖିଲାପ କଲେ ମୋକଦ୍ଦମାକୁ ଏକ ତରଫା ବିଚାର କରି ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆମର ସ୍ୱାକ୍ଷର ଏବଂ ଅଦାଲତରେ ମୋହର କ୍ରମେ ୨୧.୬.୨୦୨୫ ଦିଆଗଲା ।

ସ୍ୱା/- ମାନ୍ୟବର ବିଚାରପତି
ପାରିବାରିକ ଅଦାଲତ, ଫୁଲବାଣୀ, କନ୍ଧମାଳ



ବିଜ୍ଞାପନ

ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, କଟକ
ଓ.ଏ ନମ୍ବର ୧୧/୨୦୨୪ (ଧା ୪୧ରା)
ଶ୍ରୀ କିଶୋର ଚନ୍ଦ୍ର ଦାସ ଓଗେର .................................. ବାଦୀ
ବନାମ
ହିନ୍ଦୁ ସର୍ବସାଧାରଣ ଓଗେର ..................................ପ୍ରତିବାଦୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ, କଟକ ସହର ବକ୍ସୀ ବାହିରେ ବିଜେ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ଠାକୁର ଏକ ସର୍ବସାଧାରଣ ଠାକୁର ଓ ବାଦୀମାନେ ଠାକୁରଙ୍କ ଧର୍ମୀରସି ନାସୀ ଏବଂ ଠାକୁରଙ୍କ ନାମେ ଥିବା ତପସିଲଭୁକ୍ତ ସମ୍ପତ୍ତିକୁ ସେବା ପୂଜା କରିଆସୁଥିବା ହେତୁ ବାଦୀମାନେ ସେହି ସମ୍ପତ୍ତିକୁ ଭୋଗ ଦଖଲ କରିବାକାଲି ହକଦାର ବୋଲି ଦାବିକରି ଶ୍ରୀ କିଶୋର ଚନ୍ଦ୍ର ଦାସ ଓଗେର ଆସ ଅଦାଲତରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ଧାରା ୪୧ ଅନୁଯାୟୀ ଏକ ମକଦ୍ଦମା ଆରମ୍ଭ କରି ଅଛନ୍ତି । ଉକ୍ତ ମକଦ୍ଦମାରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ଶ୍ରୀଧର ଭାଉତ, ପିତା-ସୁରେନ୍ଦ୍ର ଭାଉତ ଓ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନ, ପିତା- ସ୍ୱର୍ଗତ ମଦନ ପ୍ରଧାନ ଉଭୟ ସା-ବଙ୍ଗାଳି ସାହି, ଥାନା-ପୁରୀଘାଟ, ଜିଲ୍ଲା- କଟକଙ୍କୁ ଅପର ପକ୍ଷଭୁକ୍ତ କରାଯାଇଛି । ଏହି ଦାବୀ ଓ ପ୍ରତିନିଧିତ୍ୱ ସମ୍ପର୍କରେ କାହାର କିଛି ଆପତ୍ତି ଥିଲେ ସେ ଆସ ଅଦାଲତରେ ଆସନ୍ତା ତା. ୨୬.୦୮.୨୦୨୫ ରିଖ ଦିବା ୧୦.୩୦ ଘଣ୍ଟା ଦ୍ୱାରା ନିଜେ କିମ୍ବା ଓକିଲଙ୍କ ଦ୍ୱାରା ହାଜର ହୋଇ ତାଙ୍କ ଆପତ୍ତି ଜଣାଇବେ । ତାରିଖ ପରେ କୌଣସି ଆପତ୍ତି ଶୁଣାଯିବ ନାହିଁ ।

ତପସିଲଭୁକ୍ତ ସମ୍ପତ୍ତିର ବିବରଣୀ

ମୌଜା–କଟକ ସହର, ୟୁନିଟ ନମ୍ବର ୩୫ ହାଜିର ମଙ୍ଗଳା, ଥାନା–ପୁରୀଘାଟ, ତହସିଲ–କଟକ ସଦର, ଜିଲ୍ଲା–କଟକ, ଖାତା ନମ୍ବର–୮୯, ପ୍ଲଟ ନଂ. ୬୧୩, ଏ ୦.୦୪୬ ଡିସିମିଲ, ପ୍ଲଟ ନମ୍ବର–୬୧୨, ଏ ୦.୦୧୦ ଡିସିମିଲ, ପ୍ଲଟ ନମ୍ବର–୬୧୮, ଏ ୦.୦୭୨ ଡିସିମିଲ, ପ୍ଲଟ ନମ୍ବର – ୬୧୯, ଏ ୦.୦୩୨ ଡିସିମିଲ, ମୋଟ – ଏ. ୦.୧୬୦ ଡି । ଖାତା ନଂ. ୧୨୪୩, ପ୍ଲଟ ନଂ. ୬୦୭, ଏ. ୦.୦୧୨ ଡି, ପ୍ଲଟ ନଂ. ୬୦୮, ଏ. ୦.୦୦୫ଡି, ପ୍ଲଟ ନଂ. ୬୦୯/୧୮୨୪, ଏ. ୦.୦୦୫ଡି, ପ୍ଲଟ ନଂ. ୬୧୪, ଏ. ୦.୦୦୨ଡି, ପ୍ଲଟ ନଂ. ୬୧୫, ଏ. ୦.୦୦୮ଡି, ପ୍ଲଟ ନଂ. ୬୦୫, ଏ. ୦.୦୧୬ ଡି, ପ୍ଲଟ ନଂ. ୬୦, ଏ.୦.୦୦୪ଡି ମୋଟ ଏ ୦.୦୫୫ ଡିସିମିଲ ।

ସ୍ୱା- ଶ୍ରୀ ପ୍ରକାଶ କୁମାର କର ଓ.କେ.ଏସ୍ (୧)
ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୨୮୫୭/ଭୁ.ଉ.କ., ଭୁବନେଶ୍ୱର ତା.୦୭.୦୭.୨୦୨୫ ରିଖ
KHL - 27/89
CAD- 1124

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଖୋର୍ଦ୍ଧା ହାଉସିଂ ସ୍କିମ୍, ମୌଜା– ଜଗାରସିଂ, ଖୋର୍ଦ୍ଧା ଅନ୍ତର୍ଗତ EWS ଗୃହ ନଂ–51 କୁ ଶ୍ରୀ ଚନ୍ଦ୍ରଶେଖର ସାହୁ, ପିତା-ଜଗନ୍ନାଥ ସାହୁ, ଗ୍ରାମ/ପୋଷ୍ଟ-ଇଟାମାଟି, ଥାନା-ଜିଲ୍ଲା-ନୟାଗଡ଼, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ଶ୍ରୀ ଚନ୍ଦ୍ରଶେଖର ସାହୁ ଗତ ତା. ୨୫.୧୨.୨୦୨୧ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate issue No. 319/2021 dated 13.01.2022

Legal heir certificate Misc. Case No. E-LHC/2022/66369 dated. 10.08.2022 ଅନୁଯାୟୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କର ଉତ୍ତରାଧିକାରୀ (୧) ସେବତୀ ସାହୁ (ସ୍ତ୍ରୀ), (୨) ଶ୍ରୀ ରାଜେନ୍ଦ୍ର କୁମାର ସାହୁ (ପୁତ୍ର), (୩) ବ୍ରଜେନ୍ଦ୍ର କୁମାର ସାହୁ (ପୁତ୍ର) ଓ (୪) ଜୟଶ୍ରୀ ସାମଲ (ବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀସୂତ୍ରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13033/11/0331/2526



NOTICE INVITING TENDER

Office of District Manager
Odisha State Civil Supplies Corporation Ltd. (OSCSC)
KALAHANDI

CAD-1130

TENDER No. 1984, 1985, 1986,1987, 1988, 1989, 1990,1991, 1992, 1993, 1994, 1995,1996, 1997,

Dated: 14.07.2025

Cost of Tender Document:- Rs.5900/- Inclusive of GST for each RRC to Unit (Block/ULB) combination of the district.
Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 16.07.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 18.07.2025 at. 11.00 AM, in the office of the CCSO-cum- District Manager, OSCSC Ltd., Kalahandi, Bhawanipatna |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www tendersodisha.gov.in Up to 05.00 PM of dt 30.07.2025 |
| 4 | Date, time and venue for opening of Technical Bid by the Tender Committee | On dt 31.07.2025 at 11.00 AM , in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 31.07.2025 at 11.00 AM , in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd. :- District Manager :-9438200045 Accounts Head:- 9853772700 (ii) State Procurement Cell :-0674-2530998 18003456765 |

N.B :
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

OIPR : 07068/11/0006/2526

Sd/- District Manager
OSCSC Ltd., Kalahandi



ସାଧାରଣ ସୂଚନା

ଏତଦ୍ୱାରା ସାଧାରଣ ସୂଚନା ଦିଆଯାଉଛି ଯେ, ମୁଁ ଶ୍ରୀ ପ୍ରକାଶ କୁମାର ଚୌଧୁରୀ, HEERA VENTURES ନାମକ ସଂଯୁକ୍ତ ଉଦ୍ୟମର ପୂର୍ବତନ ଅଂଶୀଦାର, ଯାହାର କାର୍ଯ୍ୟାଳୟ Flat No-501, Shanti Niwas, Cuttack Road, Bomikhal, Dist-Khurda, Bhubaneswar, Odisha ଠାରେ ଅଛି, ମୁଁ 29 ଜାନୁଆରୀ 2025 ରୁ ସଂଯୁକ୍ତ ଉଦ୍ୟମରୁ ପଦତ୍ୟାଗ କରିଛି । ଉପରୋକ୍ତ ତାରିଖରୁ HEERA VENTURES ନାମରେ କୃତ କୌଣସି କାର୍ଯ୍ୟ, ନେଣଦେଣ କିମ୍ବା କାରୋବାର ପାଇଁ ମୁଁ ଆଉସବୁ ଦାୟୀ ରହିବି ନାହିଁ । ଯେକୌଣସି ବ୍ୟକ୍ତି HEERA VENTURES ସହ କାରବାର କରୁଛନ୍ତି କିମ୍ବା କୌଣସି ଦାବି କିମ୍ବା ବକେୟା ରଖୁଛନ୍ତି, ସେମାନେ ଉପରୋକ୍ତ ସୂଚନାକୁ ଗ୍ରହଣ କରିବେ ।

ସାଦରେ,
ଶ୍ରୀ ପ୍ରକାଶ କୁମାର ଚୌଧୁରୀ
ତାରିଖ : 12 ଜୁଲାଇ 2025
ସ୍ଥାନ : ଭୁବନେଶ୍ୱର



ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ. ୦୧-ଟେଣ୍ଡର-ଇଏଇ-ସିଓଏନ-ସିକେପି-୨୫-୨୬, ତାରିଖ ୧୫.୦୭.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (କନଷ୍ଟ୍ରକସନ), ଦ.ପୂ. ରେଳପଥ, ରାଉରକେଲା-୭୬୯୦୧୩ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : "ରାଞ୍ଚି ଡିଭିଜନର ହାତୀଆ ବଣ୍ଡାମୁଣ୍ଡା ସେକ୍ସନ ମଧ୍ୟରେ ଦୋହରା କାର୍ଯ୍ୟ ସହାଶେ କନଭୋଆ (ସମେତ) – ପାର୍ବତୁନିଆ (ସମେତ) ମଧ୍ୟରେ ୨୫କେଭି ଓଏଚଇ ର ସପ୍ଲାଏ, ଇରେକସନ, ଟେଷ୍ଟିଂ ଓ କମିଶନିଂ ପାଇଁ ଲେଫ୍ଓଭର ୱାର୍କ" । ଅଟକଳ ମୂଲ୍ୟ : ଟ. ୫,୨୮,୭୮,୮୮୩/–, ବିଡ୍ ସିକ୍ୟୁରିଟି : ଟ. ୪,୧୪,୪୦୦/–, ସମାପ୍ତି ସମୟ : ୧୨ (ବାର) ମାସ । ନିର୍ଦ୍ଧାରିତ ତାରିଖ : ୧୮.୦୮.୨୦୨୫ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ତଥ୍ୟ/ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡର ଦାତାମାନେ ୱେବସାଇଟ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । କୌଣସି କ୍ଷେତ୍ରରେ ଏହି ଆଇଟମ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in କୁ ଦେଖିପାରିବେ । (PR-402)


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୁରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ତୃଣମୂଳସ୍ତରରେ କ୍ରୀଡାର ବିକାଶ ପାଇଁ
# ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍ଆର୍ ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ସିଏସଆର ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି । ଭାରତରେ ରୱାଣ୍ଡା ଗଣରାଜ୍ୟର ହାଇକମିଶନର ଜ୍ୟାକଲିନ୍ ମୁକାଙ୍ଗିରା ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱାଦଶ ସିଏସଆର ସମ୍ମିଳନୀରେ ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର) ପ୍ରଶାନ୍ତ ହୋତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ ।



ଉଶୁ, ତୀରନ୍ଦାଜୀ, ଫୁଟବଲ୍, କ୍ରିକେଟ୍, କବାଡି, ହକି, ଖୋ ଖୋ ଏବଂ ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ଅବଦାନ ନିମନ୍ତେ ଜିନ୍ଦଲ ଫାଉଣ୍ଡେସନକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

କ୍ରୀଡା ଭିତ୍ତିଭୂମିର ସାମଗ୍ରିକ ବିକାଶ ଏବଂ ତୃଣମୂଳସ୍ତରର ପ୍ରତିଭାକୁ ଖୋଜିବା ସହିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ କ୍ରୀଡ଼ାବିତମାନଙ୍କୁ ବୃତ୍ତିଗତ କ୍ରୀଡା ତାଲିମ, ପୁଷ୍ଟିସାର ଖାଦ୍ୟ ସହାୟତା ଏବଂ ପରାମର୍ଶ ପ୍ରଦାନ କରାଯାଉଛି । ଏହି ପୁରସ୍କାର ପାଇଁ ଜୁରିଙ୍କୁ ଧନ୍ୟବାଦ ଜଣାଇ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଯୁବକଙ୍କୁ ନିଜ କ୍ରୀଡା କୌଶଳ ଦେଖାଇବାର ସୁଯୋଗ ମିଳିବା ଉଚିତ । କ୍ରୀଡା କେବଳ ଶାରୀରିକ ଉତ୍କର୍ଷତା ପାଇଁ ଏକ ପ୍ଲାଟଫର୍ମ ନୁହେଁ, ଏହା ସଶକ୍ତିକରଣ, ଶୃଙ୍ଖଳା ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ । ସମାଜିକ ଓ ପାରିବାରିକ ପରିସ୍ଥିତିବାହାରକୁ ଯାଇ ସ୍ୱପ୍ନ ଦେଖୁଥିବା ଗ୍ରାମୀଣ ଭାରତର ଯୁବପିଢ଼ିଙ୍କ ପ୍ରତି ଆମେ ଏହି ପୁରସ୍କାରକୁ ଉତ୍ସର୍ଗ କରୁଛୁ । ଏହି ପୁରସ୍କାର ଗ୍ରହଣ କରି, ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର) ପ୍ରଶାନ୍ତ ହୋତା କହିଛନ୍ତି, ଜିନ୍ଦଲ ଫାଉଣ୍ଡେସନ, ଏହାର ଆଦର୍ଶ ନବୀନ ଜିନ୍ଦଲ ଜୀଙ୍କ ଦୃଷ୍ଟିକୋଣରେ ଅନୁପ୍ରାଣିତ ହୋଇ ଏବଂ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ପ୍ରେରଣାଦାୟକ ନେତୃତ୍ୱରେ, ଅଲିମ୍ପିକ୍ସରେ ପଦକ ଜିତିବା ଲକ୍ଷ୍ୟରେ ଭବିଷ୍ୟତ ପାଇଁ କ୍ରୀଡ଼ାବିତଙ୍କୁ ପ୍ରସ୍ତୁତ କରୁଛି ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ) : ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ୧ ଘଣ୍ଟାର ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଟ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଛାତ୍ରୀ ଜଣକୁ ସୁରକ୍ଷା ଦେବାର ଅକ୍ଷମ ଏବଂ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବାକୁ ଶ୍ରୀ ପାତ୍ର ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି




ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧି ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନୀତ କରାଯାଇଛି। ଅର୍ଥାତ ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ମୋହନ ସରକାର ବିଶେଷ କରି ଓଡ଼ିଶାର ମହିଳା ଓ ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହାନ୍ତି। ବର୍ଷକ ଭିତରେ ମହିଳା ଅତ୍ୟାଚର ଓ ଅନିୟନ୍ତ୍ରିତ ହୋଇପଡ଼ିଛି। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରାଯାଇଛି।

କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମ୍‌ଜାଦ୍, ମନୋଜ ବିଶ୍ୱାଳ, ନିହାର ବେହେରା, ମହମ୍ମଦ ଗୁଲଫାମ୍, କେଦାର ଦଳେଇ, ମହମ୍ମଦ ପରଭେଜ, ଲିପିକା ପାତ୍ର, ଲିପ୍‌ସା ନାୟକ, ଆଶୁତୋଷ ମହାନ୍ତି, ବାବୁ ଜେନା, ବଟକୃଷ୍ଣ ରାଉତରାୟ, ଶ୍ରୀୟା ମହାନ୍ତି, ସ୍ୱସ୍ତିକ ପ୍ରିୟଦର୍ଶନୀ ପ୍ରମୁଖ ସାମିଲ ଥିଲେ ।

# ପୁରୀ ଜିଲ୍ଲାରେ ହଇଜା ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି: ଜିଲ୍ଲାପାଳ

ପୁରୀ,(ସବ୍ୟୁ): ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରତିଦିନ ହଇଜା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ବିଶେଷ କରି ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଝାଡା ବାନ୍ତିରେ ଜଣଙ୍କ ମୃତ୍ୟୁ ହେବା ସହ ପ୍ରତିଦିନ ୧୫ ରୁ ୨୦ ଜଣ ଝାଡା ବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । କଣାସ ବ୍ଲକରେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଓଭର ହେଡ୍ ଟ୍ୟାଙ୍କକୁ କ୍ଲୋରିଫିକେଶନ ସହ ବାଇ ପାସ ଉତ୍ସ କୌଣସି ପରିସ୍ଥିତିରେ ବ୍ୟବହାର ହେବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଆକ୍ରାନ୍ତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଯାଉଛି । ହଇଜା ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି । ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସହ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି । ଆସନ୍ତା ଏକ ସପ୍ତାହ ପରେ ପୁର୍ନବାର ସ୍ଥିତିର ସମୀକ୍ଷା କରାଯିବ । ବିଶେଷ କରି ଟ୍ୟାଙ୍କର ମାଧ୍ୟମରେ ପାଣି କେଉଁ ସୂତ୍ରରୁ ଆସିଛି ତା ଉପରେ ମଧ୍ୟ ନଜର ରଖାଯାଇଛି । ଦୟା ନଦୀ ଜଳ ପ୍ରଦୂଷିତ ହୋଇଛି । ଏତେ ବଡ ନଦୀକୁ ଏକ ସମୟରେ ବିଶୋଧନ କରିବା ସମ୍ଭବପର ନୁହେଁ । ନଦୀର ଯେଉଁ ଯେଉଁ ଉତ୍ସରୁ ପାଣି ବ୍ୟବହାର ହେଉଛି ତା ଉପରେ ମଧ୍ୟ ନଜର ରଖାଯାଇଛି । ସେହିପରି ଅନେକ ବ୍ୟକ୍ତି ବାହାରେ ମଳ ତ୍ୟାଗ କରୁଥିବା ସୁଚନା ମିଳିଛି । ଏଭଳି ନ କରିବା ପାଇଁ । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା କହିଛନ୍ତି ଜିଲ୍ଲାପାଳ ।

## ପୁରୀ ଦଳାଚକଟା ଘଟଣା
# ଚତୁର୍ଥ ପର୍ଯ୍ୟାୟରେ ସାକ୍ଷ୍ୟଗ୍ରହଣ ଶେଷ

ପୁରୀ,(ସବ୍ୟୁ): ରଥଯାତ୍ରା ସମୟରେ ପୁରୀ ଗୁଣ୍ଡିଚା ମନ୍ଦିର ରଥ ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ତିନି ଜଣଙ୍କ ମୃତ୍ୟୁ ପରେ ଏହାକୁ ନେଇ ପ୍ରସାଶନିକ ତଦନ୍ତ ଜାରି ରହିଛି । ଦଳାଚକଟା ଘଟଣାରେ ବୁଧବାର ପୁରୀ ସର୍କିଟ ହାଉସ ଠାରେ ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନିକଟରେ ଆଜି ୪୨ ଜଣ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏବଂ ଦଳାଚକଟା ଦିନ କାର୍ଯ୍ୟରତ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଛି । ସେପଟେ ଗତକାଲି ଜିଲ୍ଲା ପ୍ରଶାସନର ୪୦ ଜଣ ସରକାରୀ କର୍ମଚାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ପୂର୍ବରୁ ପୁରୀରେ ୪୮ ଜଣ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ସାକ୍ଷ୍ୟ ପ୍ରଦାନ କରିଥିଲେ । ସେହିପରି ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଠାରେ ୧୭ ଜଣଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ତେବେ ଆଗକୁ ଏହି ତଦନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି । ତଦନ୍ତ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ହିଁ ଯାହା କହି ହେବ ବୋଲି ସେ କହିଛନ୍ତି ।

## ଆରୋମା ମ୍ୟାଜିକ୍ ଆଇକନିକ୍ ରେଞ୍ଜର
# ଏସେନ୍‌ସିଆଲ ଅଏଲର ପୁନଃ ଶୁଭାରମ୍ଭ



ଭୁବନେଶ୍ୱର,(ସବ୍ୟୁ): ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ କୋଚର ଆରୋମା ମ୍ୟାଜିକ୍ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି । ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି । ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତ୍ତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ । ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ,' କହିଛନ୍ତି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ତଥା ଭାରତରେ ଆରୋମାଥେରାପିର ଅଗ୍ରଣୀ ଡ. ବ୍ଲୋସୋମ କୋଚର। ଗଛର ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ । ନିଶ୍ୱାସ ପ୍ରଶ୍ୱାସରେ ଥିବା ସୁଗନ୍ଧ ଲିମ୍ବିକ୍ ସିଷ୍ଟମକୁ ଉତ୍ସାହିତ କରିଥାଏ – ଭାବନା ଏବଂ ସ୍ମୃତିର ଘର – ଯେତେବେଳେ କି ସାମୟିକ ପ୍ରୟୋଗ ଧୀରେ ଧୀରେ ଶାରୀରିକ ଆରାମ ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରେ । ପ୍ରତ୍ୟେକ ବୁନ୍ଦା ପୃଥିବୀ ସହିତ ଆମର ଗଭୀର ସମ୍ପର୍କ ଏବଂ ଏହାର ବୁଦ୍ଧିକୁ ସ୍ୱାଭାବିକ ଭାବରେ ମନେ ପକାଇଦିଏ । ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଞ୍ଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ।

## କଳାହାଣ୍ଡି ଏବଂ ରାୟଗଡ଼ାର ୨୧ଟି ଗ୍ରାମକୁ
# ଆଲୋକିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର,(ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୨୧ଟିଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟଲାଇଟ କରିଛି । ଏହି ଷ୍ଟ୍ରିଟ୍ ଲାଇଟ୍ ପୂର୍ବରୁ ଆଲୋକିତ ନଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ ଭାବରେ କାର୍ଯ୍ୟକରେ । ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ୫,୦୦୦ରୁ ଅଧିକବାସିନ୍ଦାଙ୍କୁ ର୍ନିଭରଯୋଗ୍ୟ, ଶକ୍ତି–ଦକ୍ଷ ଆଲୋକ ପ୍ରଦାନ କରିବ । ଏହାବଜାର, ଗ୍ରାମପ୍ରବେଶପଥ, ବସ୍‌ଷ୍ଟାଣ୍ଡ, ସମ୍ପ୍ରଦାୟକେନ୍ଦ୍ର, ସ୍କୁଲ ଏବଂ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରି ଅଞ୍ଚଳରେ ୧୫୦ଟି ସୌର ଚାଳିତ ଷ୍ଟ୍ରିଟ୍‌ଲାଇଟ୍ କରିବା ପାଇଁ ପ୍ରତିଶୃତିବଦ୍ଧ ।



ଗ୍ରାମୀଣ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟ ଗୁଡ଼ିକୁ ଉନ୍ନତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ମିଶନ ସହିତ ସମନ୍ୱୟ ରଖିବା ସହିତ, ଏହା ମିଳିତ ଜାତିସଂଘର ସ୍ଥାୟୀ ବିକାଶଲକ୍ଷ୍ୟ, ବିଶେଷକରି ୭, ୧୧, ଏବଂ ୧୩ ପ୍ରତିକମ୍ପାନୀର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରିଥାଏ । ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳ ଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି । କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟୀତ୍ୱ ଏବଂ ଅନ୍ତର୍ଭୁକ୍ତି ମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ । କାଶୀପୁର ବ୍ଲକର ସୁଙ୍ଗେର ଗ୍ରାମପଞ୍ଚାୟତର ସରପଞ୍ଚ ଜଗନ୍ନାଥନା ଏକନାୟବ କହିଛନ୍ତି, ବେଦାନ୍ତର ସୌର–ଆଲୋକୀକରଣ ପଦକ୍ଷେପ କେବଳ ଆମଗାଁକୁ ଆଲୋକିତ କରିନାହିଁ ବରଂ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିଛି । ଆମେ ବର୍ତ୍ତମାନ ବିଦ୍ୟୁତ୍‌ଯୋଗାଣର ଏକ ନିର୍ଭର ଯୋଗ୍ୟ ଉତ୍ସ ପାଇଛୁ । ଆମ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିବାରେ କମ୍ପାନୀର ପ୍ରୟାସକୁ ଗ୍ରାମବାସୀ ପ୍ରକୃତରେ ପ୍ରଶଂସା କରନ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ନେଇ ରଣନୈତିକ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିବଦ୍ଧ । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାର ମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ସାମାଜିକ ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ ।

## ଏସ୍‌ସିବିରେ ଜ୍ୟୋତି ପ୍ରକାଶଙ୍କୁ
# ଭେଟିଲେ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା

କଟକ,(ସବ୍ୟୁ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଆତ୍ମଦାହ ଉଦ୍ୟମ କରିବା ବେଳେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଛାତ୍ର ଜ୍ୟୋତି ପ୍ରକାଶକୁ ଅଖିଳ ଭାରତୀୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଧାୟିକା ସୋଫିଆ ଫିରଦୋସ ତାଙ୍କୁ ଏସସିବି ମେଡିକାଲରେ ଭେଟିଛନ୍ତି । ଜ୍ୟୋତିଙ୍କ ବାପା ଓ ମାଙ୍କୁ ଭେଟି ପୁଅର ସାହସିକତା ପାଇଁ ତାଙ୍କୁ ସାଧୁବାଦ ଜଣାଇବା ସହିତ ପୁଅର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ ଅଲକା ଲାମ୍ବା ସିଏଲପି ଲିଡର କାଡାମ ଏବଂ ବିଧାୟିକା ସୋଫିଆ । ଜ୍ୟୋତି ପ୍ରକାଶଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ଜେ କାମେଶ୍ୱର ରାଓ , ବଟକୃଷ୍ଣ ସାହୁ, କଂଗ୍ରେସ ନେତା ନିକୁଞ୍ଜ ପସାୟତ ପ୍ରମୁଖ ଉପସ୍ଥିତ ଥିଲେ ।



# ଓଏନ୍‌ଜିସି ପକ୍ଷରୁ ପୁରୀ ଜିଲ୍ଲାରେ ଏକ ମେଗା ପ୍ରକଳ୍ପ ପାଇଁ ଆଗ୍ରହ

ପୁରୀ,(ସବ୍ୟୁ): ଭାରତ ରାଷ୍ଟ୍ରାୟତ ଉଦ୍ୟୋଗ ଅଏଲ ଏଣ୍ଡ ନ୍ୟାଚୁରାଲ ଗ୍ୟାସ ବା ଓଏନଜିସି ପକ୍ଷରୁ ପୁରୀ ଜିଲ୍ଲାରେ ଏକ ମେଗା ପ୍ରକଳ୍ପ ପାଇଁ ଆଗ୍ରହ ପ୍ରକାଶ କରାଯାଇଛି । ଓଏନଜିସିର ଏକ ବରିଷ୍ଠ ଟିମ୍ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ପ୍ରକଳ୍ପ ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନା କରିଛନ୍ତି । ବିଶେଷ କରି ପୁରୀ ସମୁଦ୍ର କୂଳିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପବନ ଚାଳିତ ଶକ୍ତି ଉତ୍ପାଦନ ପାଇଁ ସୁଯୋଗ ରହିଛି ।

# ଭୁବନେଶ୍ୱର ଲାଇଫ୍ ହୋଟେଲ୍‌ରେ ପାରସୀ ଖାଦ୍ୟ ଉତ୍ସବ

ଭୁବନେଶ୍ୱର,(ସବ୍ୟୁ): ଗ୍ରାହକଙ୍କ ଚାହିଦା ଓ ଅନୁରୋଧକୁ ଧ୍ୟାନରେ ରଖି ଭୁବନେଶ୍ୱର ଭୁବନେଶ୍ୱର ଲାଇଫ୍ ହୋଟେଲ୍‌ରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି । ପାରସୀ ଖାଦ୍ୟ ଉତ୍ସବ ଯାହା ୧୧ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହା ହେଉଛି ଏକ ସ୍ୱାଦ ଯାତ୍ରା – ଯେଉଁଥିରେ ଗ୍ରାହକମାନେ ପାରସୀ ଖାଦ୍ୟର ଐତିହ୍ୟ, ପରିଚୟ ରୁଚି ଏବଂ ଆତ୍ମାର ସ୍ୱାଦ ପାଇଥିଲେ । ଏହି ଉତ୍ସବ ଥିଲା ଖାସ ଆକର୍ଷଣ ହେଉଛି ବିଖ୍ୟାତ ସେଫ୍ ଡାଉଗ୍‌ଡୋ ରାଗିନା,ଯିଏ ପାରସୀ ଖାଦ୍ୟକୁ ଦେଇଛନ୍ତି ତାଙ୍କର ବିଶେଷ ସ୍ପର୍ଶ। ଚିକେନ୍ କୋକୋନଟ୍ କାରିର କ୍ରିମି ମଧୁରତା, ମଟନ୍ ଧନ୍ସାକ୍ ସହିତ ମଟନ୍ ମିକ୍ସ କବାବ୍, ଅଥବା ଚିକେନ୍ ଧନ୍ସାକ୍ ସହିତ କବାବ୍ – ପ୍ରତ୍ୟେକ ଡିସ୍ ଅଦ୍ଭୁତ ମିଶ୍ରଣ ଅତୁଟ ରୁଚିର ଦାବି କରେ । ତିକ୍ତା–ଟମାଟୋ ରସ ଭରିତ ପ୍ରନ୍ସ ପାଟିଓ ଓ ଫିଶ୍ ପାଟିଓ, ସେପରି ଜାରଦାଲୁ ମା ଚିକେନ୍ ଓ ଜାରଦାଲୁ ମା ଗୋଷ୍ତ ଯେଉଁଠାରେ ମସୁରି ମାଂସ ଏବଂ କଜୁରୀର ମିଶ୍ରଣ ହୃଦୟକୁ ଛୁଇଯାଏ । ପାରସୀ ଖାଦ୍ୟ ହେଉଛି ପାରସିଆ ମୂଳ ଓ ଭାରତୀୟ ଆତ୍ମାର ଏକ ସୁନ୍ଦର ମିଶ୍ରଣ – ପ୍ରତ୍ୟେକ ଖାଦ୍ୟ ରେ ଅଛି ଏକ କାହାଣୀ, ଏକ ଅନୁଭୂତି ।

# ବାଲେଶ୍ୱର ପୀଡିତ ଜ୍ୟୋତି ପ୍ରକାଶକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

କଟକ, (ସବ୍ୟୁ): ବୁଧବାର ଦିନ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ,ବିଧାୟକ ସୋଭିକ୍ ବିଶ୍ୱାଳ, ପ୍ରଫୁଲ୍ଲ ସିଂ , ରଞ୍ଜନ ବିଶ୍ୱାଳ ଆଦି ବାଲେଶ୍ୱର ଏଫ୍ ମ୍ କଲେଜ ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ଆହତ ହୋଇ ଏ.ସି.ବି ମେଡିକାଲ ବର୍ଣ୍ଣୟୁନିଟ୍‌ରେ ଚିକିତ୍ସିତ ହେଉଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ତାଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ।



# ଅତ୍ୟାବଶ୍ୟକ ଓ ଜରୁରୀ ସେବାକୁ ବାଦ୍ ଦେଲେ ସବୁ ଅନୁଷ୍ଠାନ ବନ୍ଦ ରହିବ: କଂଗ୍ରେସ

ପୁରୀ,(ସବ୍ୟୁ): ବୁଧବାର ଅତ୍ୟାବଶ୍ୟକ ଓ ଜରୁରୀ ସେବାକୁ ବାଦ୍ ଦେଲେ ସବୁ ଅନୁଷ୍ଠାନ ବନ୍ଦ ରହିବ ବୋଲି କହିଛି କଂଗ୍ରେସ । ବାଲେଶ୍ୱର ଫକିର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପ୍ରତିବାଦ ସ୍ୱରୂପ କଂଗ୍ରେସ ତରଫରୁ ୧୭ ତାରିଖ ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ଯାଏଁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣା ନେଇ ପ୍ରଦେଶ କଂଗ୍ରେସ କମିଟି ଓ ବାମପନ୍ଥୀ ଦଳର ମିଳିତ ଡାକରା କ୍ରମେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାର ନ୍ୟାୟିକ ତଦନ୍ତ ସହ ବାଲେଶ୍ୱର ସାଂସଦ ,ବିଧାୟକ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଛି ଦଳ । କଲେଜ ଓ ବିଶ୍ୱବିଦ୍ୟାଳୟରେ ଥିବା ଆଣ୍ଟି ରାଗିଂ ଓ ସେକ୍ସୁଆଲ ହାରାସମେଣ୍ଟ କମିଟି ଠିକ୍ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ଆଣିଛି ଦଳ । କେବଳ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାର ନୁହେଁ ବରଂ ରାଜ୍ୟରେ ନାରୀ ନିର୍ଯାତନା ,ଦୁଷ୍କର୍ମ ଓ ଯୌନ ହିଂସା ଘଟଣା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛିଛ ଏହାର ପ୍ରତିବାଦ ସହ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବୁଧବାର ଅପରାହ୍ନରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭିଆଇପି ରୋଡ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଂଯୋଜକ ରାଜେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଅଖ ଚକ ସଂପୂର୍ଣ୍ଣ ବନ୍ଦ ରହିବା ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ବନ୍ଦ କରାଯିବ ।

## ଚକ୍ଷୁ ଯତ୍ନରେ ରୂପାନ୍ତରଣ ଆଣୁଛି
# ଆଦିତ୍ୟ ଆଲୁମିନିୟମର ପ୍ରୋଜେକ୍ଟ ଭିଜନ ସେଣ୍ଟର

ଭୁବନେଶ୍ୱର,(ସବ୍ୟୁ): ଆଦିତ ବିର୍ଲା ଗ୍ରୁପର ଆଦିତ୍ୟ ଆଲୁମିନିୟମ, ଭିଜନ ଇଣ୍ଡିଆ ଫାଉଣ୍ଡେସନ ସହଯୋଗୀତାରେ ତାହାର ପ୍ରମୁଖ ପ୍ରୋଜେକ୍ଟ ଭିଜନ ସେଣ୍ଟର ଜରିଆରେ ଗଭୀର ପ୍ରଭାବ ପକାଇଛି । ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ବ୍ଲକର ୯୪,୦୦୦ରୁ ଅଧିକ ବାସିନ୍ଦା ଚକ୍ଷୁ ଯତ୍ନ ସେବା ପାଇସାରିଛନ୍ତି । ୨୦୨୦ରେ ଏହା ଆରମ୍ଭ ହେବା ଦିନଠାରୁ ଏହି ସେର ୮୧ଟି ଗ୍ରାମକୁ ସେବା ଯୋଗାଇବାରେ ପ୍ରଥମ ଏବଂ ଏକମାତ୍ର ଚକ୍ଷୁ ଯତ୍ନ ସୁବିଧା କେନ୍ଦ୍ର ଭାବରେ ଉଭା ହୋଇଛି। ପୂର୍ବରୁ ମୌଳିକ ଚକ୍ଷୁଯତ୍ନ ସମ୍ପର୍କିତ ସେବାରୁ ବଞ୍ଚିତ ହୋଇ ଆସିଥିବା ଅଞ୍ଚଳରେ ଏହି ପ୍ରୟାସ ଆଉ ପାଦେ ଅଗ୍ରସର ହୋଇଛି । ସ୍ଥାନୀୟ ଅପଟୋମେଟ୍ରିଷ୍ଟ ଏବଂ ସମ୍ବଲପୁରରେ ଅବସ୍ଥିତ ତ୍ରିଲୋଚନ ନେତ୍ରାଳୟର ଡାକ୍ତରମାନଙ୍କ ସହିତ ରିମୋଟ ଭିଡିଓ ପରାମର୍ଶର ଏକ ସ୍ମାର୍ଟ ସମ୍ମିଶ୍ରଣ




ଜରିଆରେ ଏହି କେନ୍ଦ୍ର ପରିଚାଳିତ ହେଉଛି, ଏହି କେନ୍ଦ୍ର ସୁଲଭ ଏବଂ ସହଜ ପ୍ରାଥମିକ ଚକ୍ଷୁ ଯତ୍ନ ସେବା ଯୋଗାଇ ଦେଉଛି । କେବଳ ଗୋଟିଏ ତ୍ରୟମାସିକରେ ଏଠାରେ ୬୩୫ରୁ ଅଧିକ ରୋଗୀଙ୍କର ଚିକିତ୍ସା କରାଯାଇଛି ଏବଂ 'ଅନ୍ଧତ୍ୱ ମୁକ୍ତ ସମ୍ବଲପୁର' ଅଭିଯାନ ଅଧୀନରେ ୭୦ଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ଦୃଷ୍ଟିଶକ୍ତି ଫେରାଇ ଅଣାଯାଇପାରିଛି ଏବଂ ସେମାନଙ୍କର ଭବିଷତ ସୁରକ୍ଷିତ କରାଯାଇଛି। ଏହା ଅନ୍ଧାର ମଧ୍ୟରେ ଆଲୋକ ଏବଂ ଆଶା ଆଣିଦେଉଛି ।

କମ୍ ଦୃଷ୍ଟିଶକ୍ତି କାରଣରୁ ନାନା ସମସାର ସମ୍ମୁଖୀନ ହେଉଥିବା ବୟସ୍କ ଗ୍ରାମବାସୀଙ୍କ ଠାରୁ ନେଇ ଯୁବ ଛାତ୍ର ଛାତ୍ରୀଙ୍କ ପର୍ଯନ୍ତ, ଏହି କେନ୍ଦ୍ର ସାପ୍ତାହିକ ଭିତ୍ତିରେ ଜନସାଧାରଣଙ୍କ ପାଇଁ ପହଞ୍ଚଯୋଗ ସ୍ଥାନରେ ଶିବିର ଆୟୋଜନ, ଘରକୁ ଘର ଯାଇ ଯାଞ୍ଚ ଏବଂ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କର ନିରଳସ ପ୍ରୟାସ ଜରିଆରେ ଏହି କେନ୍ଦ୍ର ନିଜର ସେବା ଯୋଗାଇ ଦେଉଛି ।

ଭ୍ରାମମାଣ ଚକ୍ଷୁ ଚିକିତ୍ସା ୟୁନିଟ ଏବଂ ଉତ୍ସର୍ଗୀକୃତ ଗ୍ରାମସ୍ତରର ସ୍ୱେଚ୍ଛାସେବୀଙ୍କ ଜରିଆରେ ଏହି ସେବା ୧୦୮ଟି ଗ୍ରାମକୁ ସମ୍ପ୍ରସାରିତ କରିବା ଯୋଜନା ରହିଥିବାବେଳେ ଆଦିତ ଆଲୁମିନିୟମ ଉକ୍ତ ଅଞ୍ଚଳରୁ ନିରାକରଣଯୋଗ ଅନ୍ଧତ୍ୱ ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କରିବା ଲକ୍ଷ ରଖିଛି । ଆଲୁମିନିୟମ କହିଥିଲେ । ଦୃଷ୍ଟିଶକ୍ତି ଫେରାଇ ଆଣିବା ଅର୍ଥ ଜୀବିକା ଉପାର୍ଜନ, ଶିକ୍ଷା ଅର୍ଜନ ଏବଂ ଜୀବନ ଫେରାଇ ଆଣିବା, ବୋଲି ସେ କହିଥିଲେ ।

# ପିଏମ ଧନଧାନ୍ୟ କୃଷି ଯୋଜନାକୁ ମଞ୍ଜୁରୀ

## ୧୦୦ଟି ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ହେବ ତ୍ୱରାନ୍ୱିତ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛି । ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ । ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ପ୍ରଥମ ଥର ପାଇଁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ।

ଏହି ଯୋଜନାର ଲକ୍ଷ୍ୟ ହେଉଛି କୃଷି ଉତ୍ପାଦକତା ବୃଦ୍ଧି କରିବା, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଗ୍ରହଣୀୟତା ବୃଦ୍ଧି କରିବା, ପଞ୍ଚାୟତ ଓ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବାଢ଼ାଇବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା । ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ ''ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'' ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବା । ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।

ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ କମ୍ ଋଣ ବଣ୍ଟନର ତିନୋଟି ପ୍ରମୁଖ ସୂଚକ ଆଧାରରେ ୧୦୦ଟି ଜିଲ୍ଲାକୁ ଚିହ୍ନଟ କରାଯିବ । ମୋଟ୍ ଫସଲ କ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ହୋଲ୍ଡିଂର ଅଂଶକୁ ଆଧାର କରି ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲା ସଂଖ୍ୟା ନିର୍ଦ୍ଧାରଣ କରାଯିବ । ତଥାପି, ପ୍ରତ୍ୟେକ ରାଜ୍ୟରୁ ଅତି କମରେ ଗୋଟିଏ ଜିଲ୍ଲା ଚୟନ କରାଯିବ ।

ଯୋଜନାକୁ ଲାଗୁ କରିବା ପାଇଁ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ କମିଟି ଗଠନ କରାଯିବ । ଏହି କମିଟିଗୁଡ଼ିକ ପ୍ରଭାବୀ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ତଦାରଖ ପ୍ରତି ଧ୍ୟାନ ଦେବେ । ଜିଲ୍ଲା ଧନ ଧାନ୍ୟ କମିଟି ଦ୍ୱାରା ଗୋଟିଏ ଜିଲ୍ଲା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଯୋଜନା ଚୂଡ଼ାନ୍ତ କରାଯିବ । ଏଥିରେ ପ୍ରଗତିଶୀଳ ଚାଷୀମାନେ ମଧ୍ୟ ସଦସ୍ୟ ରହିବେ । ଜିଲ୍ଲା ଯୋଜନାଗୁଡ଼ିକ ଫସଲ ବିବିଧତା, ଜଳ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାରଣ ଭଳି ଜାତୀୟ ଲକ୍ଷ୍ୟ ସହ ସଂଯୁକ୍ତ ହେବ । ପ୍ରତ୍ୟେକ ଧନ-ଧାନ୍ୟ ଜିଲ୍ଲାରେ ପ୍ରତି ମାସରେ ଏକ ଡ୍ୟାସବୋର୍ଡ ମାଧ୍ୟମରେ ୧୧୭ଟି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ ଉପରେ ଯୋଜନାର ଅଗ୍ରଗତି ତଦାରଖ କରାଯିବ । ନୀତି ଆୟୋଗ ମଧ୍ୟ ଜିଲ୍ଲା ଯୋଜନାଗୁଡ଼ିକର ସମୀକ୍ଷା ଏବଂ ମାର୍ଗଦର୍ଶନ କରିବ । ଏହାବ୍ୟତୀତ ପ୍ରତ୍ୟେକ ଜିଲ୍ଲା ପାଇଁ ନିଯୁକ୍ତ କେନ୍ଦ୍ରୀୟ ନୋଡାଲ ଅଧିକାରୀମାନେ ମଧ୍ୟ ନିୟମିତ ଭାବରେ ଯୋଜନାର ସମୀକ୍ଷା କରିବେ ।ଏହି ୧୦୦ଟି ଜିଲ୍ଲାରେ ଲକ୍ଷ୍ୟ ଆଧାରିତ ଫଳାଫଳରେ ଉନ୍ନତି ହେବା ସହିତ, ଦେଶର ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକାଙ୍କ ତୁଳନାରେ ସାମଗ୍ରିକ ହାରାହାରି ପ୍ରଦର୍ଶନରେ ମଧ୍ୟ ସୁଧାର ଆସିବ । ଏହି ଯୋଜନା ଫଳରେ ଅଧିକ ଉତ୍ପାଦକତା, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ସହିତ ସ୍ଥାନୀୟ ଜୀବିକା ସୃଷ୍ଟି ହେବ । ଘରୋଇ ଉତ୍ପାଦନ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ହାସଲ ହୋଇପାରିବ । ଏହି ୧୦୦ଟି ଜିଲ୍ଲାର ସୂଚକାଙ୍କରେ ଉନ୍ନତି ହେବା ସହିତ, ଜାତୀୟ ସୂଚକାଙ୍କଗୁଡ଼ିକ ସ୍ୱୟଂଚାଳିତ ଭାବରେ ଏକ ଊର୍ଦ୍ଧ୍ୱଗାମୀ ଗତିପଥରେ ଅଗ୍ରସର ହେବ ।

# ପୁରୁଣା ଯୁଦ୍ଧାସ୍ତ୍ର ଆଉ ଚଳିବନି:ସିଡିଏସ



ଚିଫ ଅଫ ଡିଫେନ୍ସ ଷ୍ଟାଫ ବା ୩ ସେନାର ମୁଖ୍ୟ ଜେନେରାଲ ଅନୀଲ ଚୌହାନ ବୁଧବାର କହିଛନ୍ତି ଯେ ପୁରୁଣା ଯୁଗର ଯୁଦ୍ଧାସ୍ତ୍ରରେ ଭାରତ କେବେ ହେଲେ ଆଧୁନିକ ଯୁଗର ଯୁଦ୍ଧ ଜିତି ପାରିବ ନାହିଁ । ସେ ଭବିଷ୍ୟତ ଟେକ୍ନୋଲୋଜିକୁ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବା ସହ ସ୍ୱଦେଶୀ ଯୁଦ୍ଧାସ୍ତ୍ର ଉପରେ ଫୋକସ କରିଛନ୍ତ । ଏହାବାଦ ସିଡିଏସ୍ ଜେନେରାଲ ଚୌହାନ ଭାରତୀୟ ସେନାର ଅପରେସନ ସିନ୍ଦୂର ସମ୍ପର୍କରେ ନୂଆ ତଥ୍ୟ ଦେଇଛନ୍ତି । ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନା କେମିତି ପାକିସ୍ତାନ ବ୍ୟବହାର କରିଥିବା ଡ୍ରୋନ ଓ ଅନ୍ୟ ଯୁଦ୍ଧାସ୍ତ୍ରକୁ ବିନା କ୍ଷତିରେ ନଷ୍ଟ କରି ଦେଇଥିଲା, ସେବିଷୟରେ ସମସ୍ତଙ୍କୁ ଅଗତ କରାଯାଇଛି ।ନୂଆଦିଲ୍ଲୀରେ ଆୟୋଜିତ ପ୍ରତିରକ୍ଷା ୱାର୍କଶପରେ ଜେନେରାଲ ଚୌହାନ କହିଛନ୍ତି, ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ମେ' ୧୦ରେ ଯୁଦ୍ଧାସ୍ତ୍ର ନଥିବା ଏକାଧିକ ଡ୍ରୋନ ଓ ଘୂର୍ଣ୍ଣନ ଅବସ୍ଥାରେ ଥିବା ଯୁଦ୍ଧାସ୍ତ୍ରର ବ୍ୟବହାର କରିଥିଲା । ଏଗୁଡ଼ିକ ଭାରତର କୌଣସି ସାମରିକ କିମ୍ବା ବେସାମରିକ ଭିତ୍ତିଭୂମିରେ କ୍ଷୟକ୍ଷତି କରିପାରି ନାହିଁ । ପାକିସ୍ତାନ ବ୍ୟବହାର କରିଥିବା ଡ୍ରୋନ ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ରକୁ ବିଭିନ୍ନ ଉପାୟରେ ନିଷ୍କ୍ରିୟ କରାଯାଇଥିଲା । କିଛି ଡ୍ରୋନ ଅକ୍ଷତ ଅବସ୍ଥାରେ ମଧ୍ୟ ଉଦ୍ଧାର ହୋଇଥିଲା ।ଅପରେସନ ସିନ୍ଦୂର ବେଳେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୁଣିଥରେ ଦୋହରାଇଛନ୍ତି ଜେନେରାଲ ଚୌହାନ । ସେ ସ୍ୱଦେଶୀ ଯୁଦ୍ଧାସ୍ତ୍ର ଉପରେ ଫୋକସ କରିବାକୁ ଆହ୍ୱାନ ଦେଇଛନ୍ତି ।ଏଥିସହ ଆଧୁନିକ ଯୁଗର ଯୁଦ୍ଧକୁ କେହି କେହି କେବେ ହେଲେ ଗତକାଲିର ଯୁଦ୍ଧାସ୍ତ୍ର ଦ୍ୱାରା ଜିତି ପାରିବ ନାହିଁ ବୋଲି ସେ କହିଛନ୍ତି ।

# ଦିଲ୍ଲୀର ୧୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ: ବୁଧବାର ଦିଲ୍ଲୀର ୫ଟି ସ୍କୁଲକୁ ବୋମା ମାଡ଼ ନେଇ ଧମକ ମିଳିଛି । ଲଗାତାର ତିନି ଦିନ ଧରି ଜାତୀୟ ରାଜଧାନୀର ଶିକ୍ଷାନୁଷ୍ଠାନ ଗୁଡିକୁ ଧମକ ମିଳିଛି । ଗତ ୩ ଦିନରେ ୧୦ ଟି ସ୍କୁଲକୁ ଏଭଳି ଧମକ ମିଳିବା ପରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀର ସେଣ୍ଟ ଥୋମାସ, ବସନ୍ତ ଭେଲି, ମଦର ଇଣ୍ଟରନ୍ୟାସନାଲ, ରିଚମୋଣ୍ଡ ଗ୍ଲୋବାଲ ଏବଂ ସର୍ଦ୍ଦାର ପଟେଲ ସ୍କୁଲକୁ ବୋମା ଧମକ ମିଳିଛି । ଧମକ ମିଳିବା ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବାହାର କରିବା ସହ ସାରା ରାତି ସ୍କୁଲ ଷ୍ଟାଫ ବିଦ୍ୟାଳୟ ପରିସର ଭିତରେ ଜଗି ରହିଛନ୍ତି । ବୋମା ଧମକ ମିଳିଥିବା ସ୍କୁଲଗୁଡିକରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ ସ୍କ୍ୱାଡ୍, ସାଇବର ଏକ୍ସପର୍ଟ ଟିମ୍ ସହ ଦିଲ୍ଲୀ ପୁଲିସ ସ୍କୁଲଗୁଡିକରେ ଯାଞ୍ଚ କରିଛନ୍ତି । ଘଟଣାର ତଦନ୍ତ ଚାଲଇଥିବାରେ ସ୍କୁଲ କର୍ତ୍ତୃପକ୍ଷ ଘଟଣା ଉପରେ ନଜର ରଖିଛନ୍ତି । ପିଲାଙ୍କ ମଧ୍ୟରେ ଭୟ ବଢୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି ।

# ଭାରତ, ଚୀନକୁ ଟାର୍ଗେଟ କଲେ ନାଟୋ ମହାସଚିବ



ନୂଆଦିଲ୍ଲୀ: ୟୁକ୍ରେନ ଉପରେ ଋଷର ଆକ୍ରମଣକୁ ନେଇ ପାଶ୍ଚାତ୍ୟ ଦେଶ ଏବଂ ଋଷ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି ।ଏହାରି ଭିତରେ ନାଟୋର ମହାସଚିବ ମାର୍କ ରୁଟେ ଏକ କଡ଼ା ଚେତାବନୀ ଦେଇଛନ୍ତି, ଯାହାର ସିଧାସଳଖ ସଙ୍କେତ ଭାରତ ଏବଂ ଚୀନ ଭଳି ଦେଶ ପାଇଁ ପଡିଛି । । ମାର୍କ ରୁଟେ କହିଛନ୍ତି ଯେ ଯେଉଁ ଦେଶଗୁଡ଼ିକ ଋଷ ସହିତ ସମ୍ପର୍କ ରଖିବେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ । ୱାଶିଂଟନରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାର୍କ ରୁଟେ ଚେତାବନୀ କାହିଁକି ଦେଇଛନ୍ତି ସେ କଥା କହିଥିଲେ । ତାଙ୍କର ଏହି ବୟାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିଥିବା ଋଷ ଉପରେ ଅର୍ଥନୈତିକ ଏବଂ କୂଟନୈତିକ ଚାପ ବଢ଼ାଇବା ।ମାର୍କ ରୁଟେ ସ୍ପଷ୍ଟ ଭାବରେ ଚୀନକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ଚୀନ ଏକ ପଟେ ନିଜକୁ ନିରପେକ୍ଷ ଦର୍ଶାଇ ପାଶ୍ଚାତ୍ୟ ଦେଶମାନଙ୍କ ସହ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରୁଛି, ଅନ୍ୟପଟେ ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଯୋଗାଉଛି । ଚୀନ ଋଷକୁ ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜି ଯୋଗାଉଛି, ଯାହା ଋଷକୁ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧ ବିମାନ ତିଆରି କରିବାରେ ସାହାଯ୍ୟ କରୁଛି । ନାଟୋ ଏହାକୁ ୟୁରୋପୀୟ ସୁରକ୍ଷା ପାଇଁ ଏକ ବଡ଼ ବିପଦ ବୋଲି ମନେ କରୁଛି । ନାଟୋ ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ଚୀନ ଏକାସାଙ୍ଗରେ ଦୁଇଟି ନୀତି ଆପଣାଇ ପାରିବ ନାହିଁ । ଯଦି ସେ ପାଶ୍ଚାତ୍ୟ ଦେଶ ସହ ଭଲ ସମ୍ପର୍କ ଚାହୁଁଛି, ତେବେ ତାକୁ ଋଷକୁ ସାମରିକ ସହାୟତା ଦେବା ବନ୍ଦ କରିବାକୁ ପଡ଼ିବ ।ଯଦିଓ ମାର୍କ ରୁଟେ ମୁଖ୍ୟତଃ ଚୀନକୁ ଟାର୍ଗେଟ କରିଥିଲେ, ତାଙ୍କର ଏହି ବୟାନ ଭାରତ ଭଳି ଦେଶମାନଙ୍କ ପାଇଁ ମଧ୍ୟ ଏକ ପରୋକ୍ଷ ଚେତାବନୀ । ଭାରତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଋଷଠାରୁ ବିପୁଳ ପରିମାଣର ଶସ୍ତା ଅଶୋଧିତ ତୈଳ କିଣି ଆସୁଛି, ଯାହା ଋଷର ଅର୍ଥନୀତିକୁ ସହାୟତା ଦେଉଛି ।

# ସିଧା ପ୍ରସାରଣ ବେଳେ ଟିଭି ଚ୍ୟାନେଲ ଉପରେ ଇସ୍ରାଏଲର ବୋମା ମାଡ଼



ତେଲଆଭିମ୍ : ସିରିୟା ଉପରେ ବୋମା ମାଡ଼ ଆରମ୍ଭ କରି ଦେଇଛି ଇସ୍ରାଏଲ। ସିରିୟା ସରକାରଙ୍କ ଅଧୀନରେ ପରିଚାଳିତ ଟିଭି ଚ୍ୟାନେଲ ବିଲଡିଂ ଉପରେ ଇସ୍ରାଏଲ କରିଥିବା ବୋମା ମାଡ଼ର ଭୟଙ୍କର ଦୃଶ୍ୟ ପୂରା ବିଶ୍ୱ ଦେଖିଛି। ଟିଭି ଚ୍ୟାନେଲର ଜଣେ ମହିଳା ଆଙ୍କର ନ୍ୟୁଜ ଉପସ୍ଥାପନ କରୁଥିବା ବେଳେ ଇସ୍ରାଏଲ ବୋମା ମାଡ଼ କରିଛି। ଏଥିଯୋଗୁ ଆଙ୍କର ଜଣଙ୍କ ଲାଇଭରୁ ଉଠି ଜୀବନ ବିକଳରେ ଦୌଡ଼ିଛନ୍ତି। କେନ୍ଦ୍ରୀୟ ଡାମାସକସରେ ଇସ୍ରାଏଲ କରିଥିବା ଏୟାରଷ୍ଟ୍ରାଇକର ଭିଡିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ସୋଶାଲ ମିଡିଆରେ ତେଲ ଅଭିଭ ଆକ୍ରମଣ କରିଥିବା କଥାକୁ ସ୍ୱୀକାର କରିଛନ୍ତିଛ ସେ କହିଛନ୍ତି, ଡାମାସକସରେ ସତର୍କ ସୂଚନା ଜାରି କରିବା ସମୟ ଶେଷ ହୋଇଛି। ଏବେ ଯନ୍ତ୍ରଣା ଦାୟକ ଝଟକା ସବୁ ଆସିବଛ ଇସ୍ରାଏଲ ସେନା ଏଣିକି ବେଶ ଶକ୍ତିଶାଳୀ ଢଙ୍ଗରେ ସିରିୟାର ସୁୱେଇଡାରେ ଅପରେସନ ଜାରି ରଖିବ।ସୁୱେଇଡାରେ ଚାଲିଥିବା ସାଂପ୍ରଦାୟିକ ସଂଘର୍ଷରେ ଇସ୍ରାଏଲ ହସ୍ତକ୍ଷେପ କରିବା ଆରମ୍ଭ କରିଛି। ଆରବ ସଂଖ୍ୟାଲଘୁଙ୍କ ପାଇଁ ଇସ୍ରାଏଲ ଓକିଲାତି କରୁଛି। ସୁୱେଇଡାରେ ସଂଖ୍ୟାଲଘୁ ଡ୍ରୁଜେ ସଂପ୍ରଦାୟ ଓ ଅନ୍ୟ ସଶସ୍ତ୍ର ବଳ ମଧ୍ୟରେ ସଂଘର୍ଷ ଚାଲିଛି। ଇସ୍ରାଏଲ ସେନା ଏବେ ଡ୍ରୁଜେ ସଂପ୍ରଦାୟ ପାଇଁ ବାହାରି ସିରିୟାର ରାଜଧାନୀ ଡାମାସକସରେ ଏୟାର ଷ୍ଟ୍ରାଇକ କରୁଛି। ପ୍ରତିରକ୍ଷା ମନ୍ତ୍ରୀ କାଟଜ କହିଛନ୍ତି, ଇସ୍ରାଏଲ ଡିଫିନ୍ସ ଫୋର୍ସ ବା ଆଇଡିଏଫ ସିରିୟାରେ ରହୁଥିବା ଡ୍ରୁଜେ ସଂପ୍ରଦାୟର ଲୋକଙ୍କ ସୁରକ୍ଷା କରିବ ବୋଲି ଇସ୍ରାଏଲରେ ରହୁଥିବା ଡ୍ରୁଜେ ସଂପ୍ରଦାୟର ଲୋକ ଆଶା ରଖିଛନ୍ତିଛ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ ମୁଁ ପ୍ରତିରକ୍ଷା ମନ୍ତ୍ରୀ ଭାବେ ପ୍ରତିଶ୍ରୁତି ଦେଉଛୁ ଯେ ଆମେ ଏହି ଆଶାକୁ କେବେ ହେଲେ ନିରାଶରେ ବଦଳିବାକୁ ଦେବୁ ନାହିଁ। ଆମେ ଡ୍ରୁଜେ ସଂପ୍ରଦାୟର ସୁରକ୍ଷା କରିବୁ।ଏହାପରେ ସେ ଏୟାର ଷ୍ଟ୍ରାଇକର ଭିଡିଓକୁ ଶେୟାର କରିଛନ୍ତି। ଏୟାର ଷ୍ଟ୍ରାଇକରେ ସିରିୟା ଟିଭି ଚ୍ୟାନେଲର ଆଙ୍କର କେମିତି ଦୌଡୁଛନ୍ତି, ତା'ର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି।

# ପହଲଗାମ ହମଲା : ଖୁସିରେ ଗୁଳି ଫୁଟାଇଥିଲେ ଆତଙ୍କୀ



ନୂଆଦିଲ୍ଲୀ: ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ୨୮ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା ।।ମୃତକଙ୍କ ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟର ପର୍ଯ୍ୟଟକଙ୍କ ସମେତ କିଛି ସ୍ଥାନୀୟ ନାଗରିକ ସାମିଲ ଥିଲେ ।ପହଲଗାମରେ ଆତଙ୍କବାଦୀ ଆକ୍ରମଣ କରିଥିବା ନେଇ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ନାମକ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ)କୁ ସାକ୍ଷୀ ଦେଇ କହିଛନ୍ତି, ' ଆକ୍ରମଣ ପରେ ତିନି ଜଣ ପାକିସ୍ତାନୀ ଆତଙ୍କବାଦୀ ଖୁସିରେ ଆକାଶରେ ଚାରି ରାଉଣ୍ଡ ଗୁଳି ଚଳାଇଥିଲେ । ଜମ୍ମୁ ଏବଂ କାଶ୍ମୀର ପୁଲିସ ଏବଂ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ସହାୟତାରେ ଏନଆଇଏ ଏହି ସାକ୍ଷୀଙ୍କୁ ପାଇଥିଲା । ଆକ୍ରମଣ ପରେ ଏହି ବ୍ୟକ୍ତି ଘଟଣାସ୍ଥଳ ନିକଟରେ ଥିଲେ ଏବଂ ଆତଙ୍କବାଦୀମାନଙ୍କ ସହିତ ମୁହାଁମୁହିଁ ବି ହୋଇଥିଲେ ।

ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି, ଆତଙ୍କବାଦୀମାନେ ଉକ୍ତ ବ୍ୟକ୍ତିଙ୍କୁ ଅଟକାଇ କଲମା ପାଠ କରିବାକୁ କହିଥିଲେ । ସେ ସ୍ଥାନୀୟ କାଶ୍ମୀରୀ ଉଚ୍ଚାରଣରେ କଲମା ପାଠ କରିଥିଲେ, ଯାହା ଫଳରେ ଆତଙ୍କବାଦୀମାନେ ତାଙ୍କୁ ସନ୍ଦେହ ନକରି ଛାଡ଼ି ଦେଇଥିଲେ । ଏହା ପରେ ତୁରନ୍ତ ସେମାନେ ଆକାଶରେ ଚାରି ରାଉଣ୍ଡ ଗୁଳି ଚଳାଇଲେ । ସାକ୍ଷୀଙ୍କ ବୟାନ ଆଧାରରେ ଏନଆଇଏ ଘଟଣାସ୍ଥଳରୁ ଚାରୋଟି ଖାଲି କାର୍ଟ୍ରିଜ୍ ଜବତ ମଧ୍ୟ କରିଛି ।

ସାକ୍ଷୀ ଏହା ମଧ୍ୟ କହିଛନ୍ତି ଯେ ସେ ପାହାଡ଼ି ଅଞ୍ଚଳରେ ପରଭେଜ ଅହମ୍ମଦ ଜୋଥାର ଏବଂ ବଶିର ଅହମ୍ମଦ ନାମକ ଦୁଇ ସ୍ଥାନୀୟ ଲୋକଙ୍କୁ ଆତଙ୍କବାଦୀଙ୍କ ସାମଗ୍ରୀ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଥିଲା । କିଛି ସମୟ ପରେ ଆତଙ୍କବାଦୀମାନେ ଉକ୍ତ ସାମଗ୍ରୀ ନେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ । ତଦନ୍ତରୁ ଜଣାପଡିଛି ଯେ ପରଭେଜ ଏବଂ ବଶିରଙ୍କୁ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବା ଅଭିଯୋଗରେ ପୂର୍ବରୁ ଗିରଫ କରାଯାଇଛି ।

# ଅପହରଣ ପରେ ମହିଳାଙ୍କୁ ଗଣଦୁଷ୍କର୍ମ

ପୂରା ଘଟଣା ଏପ୍ରିଲ ୨୪ ତାରିଖ ରାତିରେ ଆରମ୍ଭ ହୋଇଥିଲା। ମହିଳା ଜଣଙ୍କ ଘର ବାହାରେ ଛିଡ଼ା ହୋଇଥିବା ବେଳେ ୩ ଜଣ ବ୍ୟକ୍ତି ତାଙ୍କୁ ବଳପୂର୍ବକ ଗୋଟିଏ ବୋଲେରୋ ଗାଡ଼ିରେ ଉଠାଇ ନେଇଥିଲେ।ପୁଣି ଗୋଟିଏ ଲଜ୍ଜାଜନକ ଘଟଣାଛ ମହିଳାଙ୍କ ସହ ଘଟିଛି ସାଂଘାତିକ କାଣ୍ଡଛ ରାଜସ୍ଥାନର ଅଲୱାରରେ ଜଣେ ମହିଳାଙ୍କୁ ଅପହରଣ କରାଯିବା ପରେ ୭ ଜଣ ଲୋକ ଚଳନ୍ତା କାର ଭିତରେ ତାଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ତାଙ୍କୁ ୧୧ ଦିନ କାଳ ଗୋଟିଏ ସ୍ଥାନରେ ବନ୍ଦୀ ରଖି ଦେଇଛନ୍ତି ଅକଥନୀୟ ନିର୍ଯାତନା। ଶେଷରେ ମହିଳା ଜଣଙ୍କ ଅଚେତ ହୋଇ ପଡ଼ିବାରୁ ତାଙ୍କୁ ଦୁର୍ବୃତ୍ତମାନେ ରାସ୍ତା କଡ଼ରେ ଫିଙ୍ଗି ଫେରାର ହୋଇଯାଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ଜୁନ ୨ରେ ବାଗଡ଼ ତିରାୟା ପୁଲିସ୍ ଷ୍ଟେସନରେ ଗୋଟିଏ ଏଫଆଇଆର ରୁଜୁ ହୋଇଛି।ଅଭିଯୋଗ ଅନୁସାରେ, ପୂରା ଘଟଣା ଏପ୍ରିଲ ୨୪ ତାରିଖ ରାତିରେ ଆରମ୍ଭ ହୋଇଥିଲା। ମହିଳା ଜଣଙ୍କ ଘର ବାହାରେ ଛିଡ଼ା ହୋଇଥିବା ବେଳେ ୩ ଜଣ ବ୍ୟକ୍ତି ତାଙ୍କୁ ବଳପୂର୍ବକ ଗୋଟିଏ ବୋଲେରୋ ଗାଡ଼ିରେ ଉଠାଇ ନେଇଥିଲେ। ସେମାନେ ତାଙ୍କୁ ପାନିୟାଲା ରୋଡ ପାଖରେ ଥିବା ଗୋଟିଏ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ପୂର୍ବରୁ ଆଉ ୪ ଜଣ ଉପସ୍ଥିତ ରହିଥିଲେ। ସମସ୍ତେ ମହିଳାଙ୍କୁ ଗାଡ଼ି ଭିତରେ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ।ମହିଳା ଜଣଙ୍କ ବିରୋଧ କରିବା ସହ ସାହାଯ୍ୟ ପାଇଁ ଚିତ୍କାର କରିଥିଲେଛ ହେଲେ ଦୁର୍ବୃତ୍ତମାନେ ତାଙ୍କ ମୁହଁକୁ କପଡ଼ାରେ ବନ୍ଦ କରିଦେଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ୧୧ ଦିନ କାଳ ବନ୍ଦୀ ରଖିବା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ ଓ ବିଭିନ୍ନ ପ୍ରକାରର ନିର୍ଯାତନା ଦେଇ ଚାଲିଥିଲେ। ଅଭିଯୁକ୍ତମାନେ ମହିଳାଙ୍କ ଆପତ୍ତିଜନକ ଭିଡିଓ ରେକର୍ଡ କରିବା ସହ ଘଟଣା ସମ୍ପର୍କରେ ପ୍ରଘଟ କଲେ ଏହାକୁ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲେ।ପୀଡ଼ିତା ଜଣଙ୍କ କହିଛନ୍ତି, ଏପ୍ରିଲ ୨୪ ତାରିଖ ରାତିରେ ମୁଁ ହାଲୁକା ହେବାକୁ ଘରୁ ବାହାରିଥିଲି। ମୁଁ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ୩ ଜଣ ବ୍ୟକ୍ତି ବୋଲେରୋରେ ଆସିଥିଲେ ଓ ମୋତେ ଅପହରଣ କରି ନେଇଥିଲେ। ସେମାନେ ମୋତେ ଏମିତି ଏକ ସ୍ଥାନକୁ ନେଇ ଯାଇଥିଲେ ଯେଉଁଠାରେ ଆଉ ୪ ଜଣ ଗାଡ଼ିରେ ବସିଥିଲେ। ୭ ଜଣ ଯାକ ମିଶି ମୋତେ ଚଳନ୍ତା ଗାଡ଼ିରେ ଦୁଷ୍କର୍ମ କରିଥିଲେ। ମୁଁ ଚିତ୍କାର କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ମୁହଁରେ କପଡ଼ା ଦେଇ ବନ୍ଦ କରି ଦେଇଥିଲେ। ୨ ଜଣ ଅଭିଯୁକ୍ତ ମୋ ହାତ ଓ ଗୋଡ଼ ବାନ୍ଧି ପକାଇଥିଲେ।ସେମାନେ ମୋ ମୁଣ୍ଡରେ ବନ୍ଧୁକ ଲଗାଇ ଅପରାଧ ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ମାମଲା ରୁଜୁ ହେବା ପରେ ସେମାନେ ଧମକ ଦେବା ଆରମ୍ଭ କରିଛନ୍ତିଛ ସେମାନେ ମାମଲାକୁ ରଫାଦଫା କରିବାକୁ ୩ ଲକ୍ଷ ଟଙ୍କା ମଧ୍ୟ ଅଫର କରିଛନ୍ତି। ଯଦି ମୁଁ ଟଙ୍କା ନ ନେବି, ତା'ହେଲେ ସେମାନେ ମୋତେ ହତ୍ୟା କରିବାର ଧମକ ବି ଦେଇଛନ୍ତି।

# ଆତଙ୍କବାଦୀ ଶିବିରରେ ହାଫିଜ ସଇଦ୍

ଲାହୋର : ଭାରତର ଅପରେସନ ସିନ୍ଦୂରରେ ଧ୍ୱଂସ ପାଇଥିବା ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡିକ ଏବେ ଧୀରେ ଧୀରେ ଖୋଲିବା ଆରମ୍ଭ କରିଛନ୍ତି । କୁଖ୍ୟାତ ଆତଙ୍କବାଦୀ ତଥା ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ ସଇଦ୍ ପୁଣି ସକ୍ରିୟ ହୋଇଯାଇଛି । ସେ ଜେଲରେ ଥିବା ପାକିସ୍ତାନ କହୁଥିବାବେଳେ ସେ ଖୋଲା ଖୋଲି ବୁଲୁଛି ଓ ଲସ୍କର ଆତଙ୍କବାଦୀ ଶିବିରରେ ଆତଙ୍କବାଦୀମାନଙ୍କୁ ତାଲିମ ଦେଉଛ । ଏ ନେଇ ଏକ ଭିଡିଓ ଭାଇରାଲ ହୋଇଛିଛ । ଭିଡିଓରେ ଦେଖାଯାଉଛି ଯେ ହାଫିଜ୍ ସଇଦ୍ ଶହ ଶହ ଆତଙ୍କବାଦୀଙ୍କ ମଧ୍ୟରେ ଅଛି ଓ ସେମାନଙ୍କ ତାଲିମ କାର୍ଯ୍ୟର ନିରୀକ୍ଷଣ କରୁଛି । ଏଥିରେ ଲସ୍କର-ଏ-ତୋଇବା ଆତଙ୍କବାଦୀମାନେ ଛୋଟ ଛୋଟ ଗୋଷ୍ଠୀରେ ବିଭକ୍ତ ହୋଇ ତାଲିମ ନେଉଥିବାର ଦେଖାଯାଉଛି ।ଭିଡିଓରେ ଦେଖାଯାଉଛି ଯେ ହାଫିଜ୍ ସଇଦ୍ ଶହ ଶହ ଆତଙ୍କବାଦୀଙ୍କ ମଧ୍ୟରେ ଅଛି ଓ ସେମାନଙ୍କ ତାଲିମ କାର୍ଯ୍ୟର ନିରୀକ୍ଷଣ କରୁଛି ।ଏହି ତାଲିମ ଶିବିରରେ ଆତଙ୍କବାଦୀମାନଙ୍କୁ ପଛପଟୁ ହାତ ବାନ୍ଧି ପହଁରିବା ତାଲିମ ଦିଆଯାଉଛି । ଲସ୍କର ଆତଙ୍କବାଦୀମାନଙ୍କୁ ଖଣ୍ଡା ଲଢ଼ିବାଠାରୁ ଆରମ୍ଭ କରି ଜୁଡୋ-କରାଟେ ଏବଂ ଘୋଡା ଚାଳନ ପର୍ଯ୍ୟନ୍ତ ସବୁକିଛି ଶିଖାଯାଉଛି ।



# ମେଣ୍ଟ ହେଲେ ବି ସରକାର ଆମର: ଇପିଏସ


ଚେନ୍ନାଇ: ଆସନ୍ତାବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ରାଜ୍ୟରେ ନିଜର ବିସ୍ତାର କରିବାକୁ ଚେଷ୍ଟା କରୁଛ । ଏହା ଏଆଇଡିଏମକେ ସହିତ ଏକ ମେଣ୍ଟ ମଧ୍ୟ କରିଛି । ଏସବୁ ମଧ୍ୟରେ, ଏଆଇଡିଏମକେ ବିଜେପିକୁ ଚେତାବନୀ ଦେଇଛି । ପାର୍ଟି ନେତା କେ. ପଲାନିସ୍ୱାମୀ କହିଛନ୍ତି ଯେ ରାଜ୍ୟରେ ମେଣ୍ଟ ଜିତିବ କିନ୍ତୁ ସରକାର ଏଆଇଡିଏମକେ ଦ୍ୱାରା ଗଠନ ହେବ ।

ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ କଳ୍ପନାଜଳ୍ପନା କରାଯାଉଛି ଯେ ଏଆଇଡିଏମକେ ଏବଂ ବିଜେପି ମଧ୍ୟରେ କ୍ଷମତା ବଣ୍ଟନ ନେଇ ଆଲୋଚନା ଚାଲିଛି । ତଥାପି, କ୍ଷମତାକୁ ଆସିବା ପାଇଁ, ମେଣ୍ଟକୁ ଡ଼ିଏମକେ ଏବଂ କଂଗ୍ରେସ ଯୋଡ଼ିକୁ ପରାସ୍ତ କରିବାକୁ ପଡିବଛ ପଲାନିସ୍ୱାମୀ ଇପିଏସ ଭାବରେ ମଧ୍ୟ ଜଣାଶୁଣା । ସେ କହିଛନ୍ତି, ଆମର ମେଣ୍ଟ ଜିତିବ, କିନ୍ତୁ ଏଆଇଡିଏମକେ ନିଜସ୍ୱ ସରକାର ଗଠନ କରିବ । ଏହି ମେଣ୍ଟର ନେତୃତ୍ୱ ଏଆଇଡିଏମକେ ନେଉଛି, ଏହା ମୋର ନିଷ୍ପତ୍ତି । ମୁଁ ମୁଖ୍ୟମନ୍ତ୍ରୀ ହେବି । ବିଜେପି ସ୍ପଷ୍ଟ କରିଛି। ଆପଣ ଆଉ କ'ଣ ଚାହୁଁଛନ୍ତି?ଏହା ବ୍ୟତୀତ, ସେ ବିଜେପି ସହିତ କନ୍ଦଳର ରିପୋର୍ଟକୁ ଖାରଜ କରିଛନ୍ତି ।ସେ କହିଛନ୍ତି, ମିଡିଆ ଚାଞ୍ଚଲ୍ୟକର ଖବର ଚାହୁଁଛି କିନ୍ତୁ ଆମ ମେଣ୍ଟରେ କୌଣସି ଫାଟ ନାହିଁ । ଏଆଇଡିଏମକେ ବହୁମତ ପାଇ ସରକାର ଗଠନ କରିବଛପୂର୍ବରୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗତ ସପ୍ତାହରେ ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିଥିଲେ । ଏହି ସମୟରେ ସେ ବିଜେପି ସହିତ ମେଣ୍ଟକୁ ଏକ ସ୍ୱାଭାବିକ ମେଣ୍ଟ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ରାଜ୍ୟବାସୀଙ୍କ ପାଇଁ ଭଲ ହେବଛ ତଥାପି, ପଲାନିସ୍ୱାମୀଙ୍କ ଏହି ମନ୍ତବ୍ୟ ଏପ୍ରିଲ ମାସରେ ସେ ଦେଇଥିବା ମନ୍ତବ୍ୟ ସହିତ ମେଳ ଖାଉନାହିଁଛ ସେତେବେଳେ ଇପିଏସ କହିଥିଲେ ଯେ ତାମିଲ ଭୋଟର ବିଜେପିକୁ ମେଣ୍ଟରେ ଥିଲେ ମଧ୍ୟ ଗ୍ରହଣ କରିବେ ନାହିଁ ।

# ଇଗ୍ନୋରେ ନାମଲେଖା ଅବଧି ୩୧ ଯାଏ ବଢ଼ିଲା

ନୂଆଦିଲ୍ଲୀ:ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଜୁଲାଇ-୨୦୨୫ ଶିକ୍ଷା ଅଧିବେଶନ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ଆସନ୍ତା ୩୧ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସ୍ନାତକ ପାଠ୍ୟକ୍ରମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ । ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ www.ignou.ac.in ଏବଂ ଏହି ଲିଙ୍କ http//ignouadmission.samarth.edu.in ଅନୁସରଣ କରିପାରିବେ କିମ୍ବା ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ସହ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ । ସମସ୍ତ ପ୍ରକାର ସୂଚନା ପାଇଁ ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ୩ କିମ୍ବଦନ୍ତୀଙ୍କୁ ଡାକିଲା ଇଣ୍ଡିଜ ବୋର୍ଡ



କିଂଗଷ୍ଟନ, ୧୬।୭ (ଏଜେନ୍ସି) : ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ୨୭ ରନରେ ଅଲଆଉଟ୍ ହେବା ୱେଷ୍ଟଇଣ୍ଡିଜ କ୍ରିକେଟ୍‌ରେ ଚହଳ ପକାଇଛି । ବିଶ୍ୱ କ୍ରିକେଟ୍ ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର । ଇଣ୍ଡିଜ କ୍ରିକେଟ୍ ବୋର୍ଡ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି । ୱେଷ୍ଟଇଣ୍ଡିଜ କ୍ରିକେଟ୍‌ର ୩ ମହାନ ଖେଳାଳି କ୍ଲାଇଭ ଲଏଡ, ଭିଭିଆନ ରିଚାର୍ଡ୍ସ ଓ ବ୍ରାଏନ ଲାରାଙ୍କୁ ବୋର୍ଡ ଡକାଇଛି । ସେମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପରେ ବୋର୍ଡ ତାର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବ । ବୋର୍ଡ ଅଧ୍ୟକ୍ଷ କିଶୋର ଶୈଲେ କହିଛନ୍ତି ଏହା ଏକ ଔପଚାରିକ ପଦକ୍ଷେପ ନୁହେଁ । ଇଣ୍ଡିଜ କ୍ରିକେଟ୍‌ର ଉନ୍ନତି ପାଇଁ ଆମେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଶିବନାରିନ୍ ଚନ୍ଦ୍ରପଲ, ହେନ୍ସ ଓ ଇଆନ୍ ବ୍ରେଡସେ ମଧ୍ୟ ଉପସ୍ଥିତ ଥିଲେ । ଇଣ୍ଡିଜ୍ କ୍ରିକେଟରଙ୍କ ବୋଲିଂ ସମସ୍ୟା ଖରାପ ନାହିଁ । ଭଲ ବ୍ୟାଟର ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ଦୁଇ ଥର ଦିନିକିଆ ଓ ଟି-୨୦ ବିଶ୍ୱ କପ୍ ଜିତିଥିବା ଦଳର ସଂଘର୍ଷ ପ୍ରଶଂସକମାନେ ସହଜରେ ଗ୍ରହଣ କରିପାରୁନାହାଁନ୍ତି ।

## ଚତୁର୍ଥ ଟେଷ୍ଟ

# ନାଏରଙ୍କ ସ୍ଥାନରେ ଖେଳିବେ ସାଇ ସୁଦର୍ଶନ !

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରି କରୁଣ ନାଏର ଜାତୀୟ ଦଳକୁ ଫେରିଥିଲେ । ୮ ବର୍ଷ ପରେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ସୁଯୋଗ ମିଳିଛି । ଏ ପର୍ଯ୍ୟନ୍ତ ସେ ୩ ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । କିନ୍ତୁ ସେଭଳି ଭଲ ପ୍ରଦର୍ଶନ କରିପାରିନାହାଁନ୍ତି । ଲର୍ଡ୍ସ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ଧୈର୍ଯ୍ୟ ସହକାରେ ଖେଳିବା ପରିବର୍ତ୍ତେ ଦାୟିତ୍ୱହୀନ ଭାବେ ଖେଳି ଆଉଟ ହୋଇଥିଲେ । କୋଚ ଗମ୍ଭୀର ଏ ନେଇ ଅସନ୍ତୁଷ୍ଟ ଅଛନ୍ତି । ରିପୋର୍ଟ ମୁତାବକ ମାଞ୍ଚେଷ୍ଟର ଟେଷ୍ଟରେ କରୁଣ ନାଏରଙ୍କ ସ୍ଥାନରେ ସାଇ ସୁଦର୍ଶନକୁ ସୁଯୋଗ ମିଳିପାରେ । ଯଦି ଏହା ହୁଏ ତେବେ ନାଏରଙ୍କ ଟେଷ୍ଟ କ୍ୟାରିୟରର ଅନ୍ତ ଘଟିବ । ଡବ୍ଲ୍ୟୁ ଭି ରମଣଙ୍କ ପରି ଖେଳାଳିମାନେ ମଧ୍ୟ ସାଇଙ୍କୁ ସୁଯୋଗ ଦେବା ବୁଦ୍ଧିମାନର କାମ ବୋଲି କହିଛନ୍ତି । ନାଏର ୩ ଟି ଟେଷ୍ଟରେ ୨୧.୩୮ ହାରରେ ୧୩୧ ରନ୍ କରିଛନ୍ତି । ୪୦ ରନ୍ ତାଙ୍କର ସର୍ବାଧିକ ସ୍କୋର । ରମଣଙ୍କ ମତରେ ସାଇ ଓ ଅଭିମନ୍ୟୁଙ୍କ ପରି ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ମିଳିଲେ ସେମାନଙ୍କ ଦକ୍ଷତା ପରଖୀ ହେବ ।



## ୨୩ରୁ ଚତୁର୍ଥ ଟେଷ୍ଟ

ମାଞ୍ଚେଷ୍ଟର, ୧୬।୭ (ଏଜେନ୍ସି) : ଭାରତ ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ଜୁଲାଇ ୨୩ ରୁ ଆରମ୍ଭ ହେବ । ଏହି ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ଭାରତ -ଲର୍ଡ୍ସରେ ୨୨ ରନରେ ହାରିବା ପରେ ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରରେ ଜୁଲାଇ ୨୩ ରୁ ଖେଳାଯିବ । ଲର୍ଡ୍ସ ଟେଷ୍ଟର ୮ ଦିନ ବ୍ୟବଧାନ ପରେ ଚତୁର୍ଥ ମ୍ୟାଚ ଆରମ୍ଭ ହେବାକୁ ଯାଉଛି । ଏହି ମ୍ୟାଚ ୨୩ ରୁ ୨୭ ତାରିଖ ଯାଏ ଖେଳାଯିବ । ଭାରତର ସମୟ ଅପରାହ୍ନ ୩.୩୦ ରେ ମ୍ୟାଚ ଆରମ୍ଭ ହେବ । ମ୍ୟାଚ ଆରମ୍ଭର ଅଧ ଘଣ୍ଟାଏ ପୂର୍ବରୁ ଅର୍ଥାତ୍ ୩ ଟାରେ ଟସ ପଡିବ । ସୋନି ନେଟୱାର୍କରେ ମ୍ୟାଚର ସିଧାପ୍ରସାରଣ ଦେଖିବାକୁ ମିଳିବ । ମୋବାଇଲରେ ଜିଓ ହଟଷ୍ଟାରରେ ଲାଇଫ୍ ପ୍ରିମିମ୍ ଦେଖିହେବ । ମାଞ୍ଚେଷ୍ଟର ଚତୁର୍ଥ ଟେଷ୍ଟର ପ୍ରଥମ ଅଧିବେଶନ ୩.୩୦ରେ ଆରମ୍ଭ ହେବ । ୫.୩୦ରେ ଲଞ୍ଚ୍ ବ୍ରେକ୍ ୪୦ ମିନିଟର ହେବ । ଲଞ୍ଚ ପରେ ୬.୧୦ରେ ମ୍ୟାଚ ଆରମ୍ଭ ହେବ । ୮.୧୦ରେ ଟି ବ୍ରେକ୍ ହେବ । ପୁଣି ୮.୩୦ ରୁ ରାତି ୧୦ ଟା ୩୦ ପର୍ଯ୍ୟନ୍ତ ତୃତୀୟ ଅଧିବେଶନ ଖେଳାଯିବ । ପ୍ରଥମ ମ୍ୟାଚରେ ଭାରତ ୫ ୱିକେଟ୍‌ରେ ହାରିଥିଲା । ଦ୍ୱିତୀୟ ମ୍ୟାଚରେ ୩୩୬ ରନ୍‌ର ବଡ ବିଜୟ ଲାଭ କରିଥିଲା । ତୃତୀୟ ମ୍ୟାଚ ଲର୍ଡ୍ସରେ ଭାରତ ମାତ୍ର ୨୨ ରନ୍‌ରେ ହାରିଥିଲ । ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ଟିମ୍ ଇଣ୍ଡିଆ ଅବଶିଷ୍ଟ ଦୁଇଟି ମ୍ୟାଚକୁ ଜିତିବାକୁ ହେବ ।

# କାହିଁକି ଅଲଗା ହେଲେ ସାଇନା-କାଶ୍ୟପ ?



ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ୭ ବର୍ଷର ସମ୍ପର୍କ ହଠାତ୍ ନିମିଷକରେ ବଦଳିଗଲା । ସାରା ବିଶ୍ୱରେ ଦୁଇ ବ୍ୟାଡମିଣ୍ଟନ ତାରକାଙ୍କ ପ୍ରେମ ସମ୍ପର୍କ ଓ ପରେ ବିବାହ ବନ୍ଧନ ଚର୍ଚ୍ଚା ସୃଷ୍ଟି କରିଥିଲା । ତେବେ ହଠାତ୍ ଏପରି କଣ ହେଲା ଯେ, ଦୁହେଁ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ହେବାକୁନିଷ୍ପତ୍ତି ନେଲେ । ଏହା ପଛରେ ଅନେକ ଗୁଡିଏ କାରଣ ରହିଛି । ପ୍ରେମ ଓ ପରେ ବିବାହ, ଏ ଦୁଇଟି ଭିନ୍ନ ଦିଗ । ବିବାହ ବନ୍ଧନରେ ଶାନ୍ତି, ବିକାଶ ଓ ମନମିଶିବା ଦରକାର, ତେବେ ଯାଇ ବୈବାହିକ ଜୀବନ ଦୀର୍ଘ ସ୍ଥାୟୀ ହୋଇପାରିବ । ହେଲେ ୭ ବର୍ଷ ଭିତରେ ସାଇନା ନେହୱାଲ ଓ ପାରୁପଲି କାଶ୍ୟପଙ୍କ ଜୀବନ ଗାଡି କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ବିପରୀତ ମୁଖୀ ହୋଇଥିଲା । ଦୁହେଁ ବିଶ୍ୱ ସ୍ତରୀୟ ଷ୍ଟାର୍କ । କିନ୍ତୁ ଉଭୟଙ୍କ ଜୀବନଙ୍କ ଶାନ୍ତି ପରିବର୍ତ୍ତେ ସନ୍ଦେହ ବଢିଯାଇଥିଲା ।ଉଭୟଙ୍କୁ ଜୀବନ ଜୀଇଁବାର ସ୍ୱାଧିନତାରେ ବେଡି ପଡିଲା ଭଳି ଲାଗୁଥିଲା । ତେଣୁ ଅର୍ଥହୀନ ସମ୍ପର୍କକୁ ଆଗେଇବା ପରିବର୍ତ୍ତେ ଅଲଗା ହୋଇଯିବା ଉଚିତ ବୋଲି ସାଇନା ନେହୱାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଆମେ କିଛି ତଳେ ନିଷ୍ପତ୍ତି ନେଇଥିଲୁ ଅଲଗା ହେବା ପାଇଁ । ଏହା ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଛି । ସେ ମୋ ଜୀବନରେ କିମ୍ବା ମୁଁ ତାଙ୍କ ଜୀବନରେ ଦଖଲ ଦେବୁ ନାହିଁ । ଦୀର୍ଘ ୭ ବର୍ଷର ସ୍ମରଣୀୟ ଯାତ୍ରା ପାଇଁ ମୁଁ କୃତଜ୍ଞ । ତାଙ୍କୁ ଅଧିକ କିଛି କହିବାର ନାହିଁ । ତାଙ୍କୁ ଧନ୍ୟବାଦ ଦେବି ଆମ ଭିତରେ ଥିବା ବୁଝାବଣା ଏବଂ ୭ ବର୍ଷ ଭିତରେ ଘଟିଥିବା ବିବାଦକୁ ସେ ପରିପ୍ରକାଶ କରିବାକୁ ଦେଇନାହାଁନ୍ତି ।

୨୦୧୮ରେ ସାଇନା ନେହେୱାଲ ଓ ପାରୁପଲି କାଶ୍ୟପ ବିବାହ କରିଥିଲେ । ଗତ ସୋମବାର ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ସାଇନା ନେହେୱାଲ ଓ କାଶ୍ୟପ ଦୁହେଁ ଅଲଗା ହେବା ନେଇ ସୂଚନା ଦେଇଥିଲେ । ସାଇନା ଜଣେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ । ସେ ରବିବାର ବିଳମ୍ବିତ ରାତିରେ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରି ସେୟାର କରି ବିବାହ ବିଚ୍ଛେଦ ଦେଇଥିଲେ । ତାଙ୍କୁ ଶାନ୍ତି ଓ ସ୍ୱାଧିନତାର ସହ କାମ କରିବା ଦରକାର ବୋଲି ସାଇନା ଦର୍ଶାଇଥିଲେ । ସାଇନାଙ୍କ ଅଲଗା ହେବାର ପୋଷ୍ଟର ୬ ଘଣ୍ଟା ପୂର୍ବରୁ କାଶ୍ୟପ ନେଦରଲ୍ୟାଣ୍ଡସରେ ଏକ ଉତ୍ସବରେ ସାଙ୍ଗଙ୍କ ସହ ଯୋଗ ଦେଇଥିବାର ଏକ ଫଟୋ ସେୟାର କରିଥିଲେ । ଏଥିରେ ସେ ସାଙ୍ଗ ମାନଙ୍କ ସହ ବେଶ୍ ଖୁସି ମଜାରେ ଥିବା ଦେଖାଯାଇଥିଲା । ସେ କ୍ୟାପସନ୍‌ରେ ବେଷ୍ଟି ବୋଲି ଲେଖିଥିଲେ । ଏହାପରେ ସାଇନା ପ୍ରତିକ୍ରିୟାଶୀଳ ହୋଇ ଇନଷ୍ଟାଗ୍ରାମରେ କାଶ୍ୟପଙ୍କ ଠାରୁ ଅଲଗା ହୋଇଥିବା ସୂଚନା ଦେଇଥିଲେ ।

୨୦୨୪ ପାରୁପଲି କାଶ୍ୟପ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନରୁ ଅବସର ନେବା ପରେ କୋଚିଂରେ ମନୋନିବେଶ କରିଥିଲେ । ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ଭାରତର ପ୍ରଥମ ପୁରୁଷ ସଟଲର ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ । ୨୦୧୩ ରେ ସେ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ଷଷ୍ଠ ସ୍ଥାନ ଦଖଲ କରିଥିଲେ । ୨୦୧୪ ରେ କାଶ୍ୟପ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଫଳରେ ୩୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ସ୍ୱର୍ଣ୍ଣ ଜିତିବାର ଗୌରବ ଲାଭ କରିଥିଲେ ।

# ପାରା ବ୍ୟାଡମିଣ୍ଟନରେ ବିଭାସିନ୍ଧୁଙ୍କୁ ବ୍ରୋଞ୍ଜ



ଢେଙ୍କାନାଳ : ଢେଙ୍କାନାଳ ଆନ୍ତର୍ଜାତୀୟ ସ୍ତରରେ ପାରା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବ୍ରୋଞ୍ଜ ମେଡାଲ ପାଇଥିବା ବିଭାସିନ୍ଧୁ ବାରିକଙ୍କୁ ବୁଧବାର ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆନ୍ତର୍ଜାତୀୟ ସ୍ତରରେ ନିଜର କୃତୀତ୍ୱ ହାସଲ କରି ଢେଙ୍କାନାଳକୁ ଗୌରବାନ୍ୱିତ କରିଥିବା ବିଭାସିନ୍ଧୁ ବାରିକଙ୍କୁ ଜିଲ୍ଲାପାଳ ସୋମେଶ କୁ୍ମାର ଉପାଧ୍ୟାୟ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଭାସିନ୍ଧୁଙ୍କ ସହ ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ, ଢେଙ୍କାନାଳର ଆସିଷ୍ଟାଣ୍ଟ କୋଚ୍ ଆକାଶ ଦାଶ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଢେଙ୍କାନାଳ ରାମେଶ୍ୱରପୁରର ୧୭ ବର୍ଷ ବୟସ୍କ ବିଭାସିନ୍ଧୁ ବାରିକ ଭିନ୍ନକ୍ଷମ ହେଲେ ମଧ୍ୟ ନିଜର ନିଷ୍ଠା ଓ ପରିଶ୍ରମ ତାଙ୍କୁ ଆଜି ବ୍ୟାଡମିଣ୍ଟନ ଖେଳରେ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଛି। ନିକଟରେ ଉଗାଣ୍ଡାରେ ଆୟୋଜିତ ହୋଇଥିବା ଉଗାଣ୍ଡା ଆନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟସିପ-୨୦୨୫ ରେ ଅଂଶ ଗ୍ରହଣ କରି ମେନ୍ ଡବଲସ ସିନିୟର ଲେବନ ୩ଓ୪ କାଟାଗୋରୀରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ, ଢେଙ୍କାନାଳରେ କୋଚ ମଳୟ ପଟ୍ଟନାୟକଙ୍କ ତତ୍ୱାବଧାନରେ ପିଲାଟି ବେଳୁ ପ୍ରଶିକ୍ଷଣ ନେଉଥିବା ବିଭାସିନ୍ଧୁ ଗତ ୩ ବର୍ଷ ଧରି ଲଗାତାର ଜାତୀୟ ସ୍ତରରେ ଜାମସେଦପୁର ଓ ଲକ୍ଷ୍ନୌ ଆଦି ପାରା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଜିଲ୍ଲାକ୍ରୀଡା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସ୍ୱାଗତ କରିବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।

# ରୁଟ ବିଶ୍ୱର ୧ନଂ ବ୍ୟାଟର



ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ପୁଣି ଥରେ ବିଶ୍ୱର ୧ନଂ ଟେଷ୍ଟ ବ୍ୟାଟର ବନିଛନ୍ତି ଇଂଲଣ୍ଡର ଜୋ ରୁଟ୍ । ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗର ୧ ନଂ ସ୍ଥାନକୁ ରୁଟ ଫେରିଛନ୍ତି । କିଛି ସପ୍ତାହ ତଳେ ଇଂଲଣ୍ଡର ଯୁବ ବ୍ୟାଟର ହ୍ୟାରି ବ୍ରୁକ୍ ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗର ୧ନଂ ସ୍ଥାନରୁ ରୁଟଙ୍କୁ ହଟାଇଥିଲେ । ତାଙ୍କୁ ୨ ଟି ସ୍ଥାନ ତଳକୁ ହଟାଇ ରୁଟ ପୁଣି ୧ ନଂ ସ୍ଥାନ ଦଖଲ କରିନେଇଛନ୍ତି । ନ୍ୟୁଜିଲାଣ୍ଡର କେନ୍ ୱିଲିୟମ୍‌ସନ ୨ ନଂରେ ଅଛନ୍ତି । ଭାରତ ବିପକ୍ଷ ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ରୁଟ ୧୦୪ ରନ୍ ଇନିଂସ ଖେଳିଥିଲେ । ଦ୍ୱିତୀୟ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୪୦ ରନ ତାଙ୍କ ବ୍ୟାଟରୁ ବାହାରିଥିଲା । ରୁଟ ୮୮୮ ପଏଣ୍ଟ ସହ ର୍‍ୟାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚିଯାଇଛନ୍ତି । ସେ ୮୬୨ ପଏଣ୍ଟ ପାଇଥିବା ବ୍ରୁକଙ୍କୁ ତୃତୀୟ ସ୍ଥାନକୁ ଠେଲି ଦେଇଛନ୍ତି । ୩୪ ବର୍ଷୀୟ ରୁଟ ଏବେ ବୟସ୍କ ବ୍ୟାଟର ଭାବେ ର୍‍ୟାଙ୍କିଙ୍ଗର ୧ ନଂ ସ୍ଥାନରେ ରହିଛନ୍ତି । ୨୦୧୪ରେ ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୩୭ ବର୍ଷ ବୟସରେ ଟେଷ୍ଟ ର୍‍ୟାଙ୍କିଙ୍ଗର ୧ ନଂ ସ୍ଥାନ ଦଖଲ କରିଥିଲେ । ଲର୍ଡ୍ସରେ ରୁଟଙ୍କ ଶତକ କେବଳ ମ୍ୟାଚ ବିଜୟୀ ନଥିଲା ବରଂ ଏକାଧିକ କୀର୍ତ୍ତିମାନ ସୃଷ୍ଟି କରିଥିଲା । ଲର୍ଡ୍ସରେ ତାଙ୍କ ବ୍ୟାଟରୁ ଟେଷ୍ଟ କ୍ୟାରିୟର ୩୭ ତମ ଶତକ ବାହାରିଥିଲା । ଏହି ଶତକ ବଳରେ ସେ ରାହୁଲ ଦ୍ରାବିଡଙ୍କ ରେକର୍ଡକୁ ଅତିକ୍ରମ କରିଥିଲେ । ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲ କରିଥିବା ତାଲିକାର ପଞ୍ଚମ ସ୍ଥାନରେ ରୁଟ ଅଛନ୍ତି ।ଅଷ୍ଟ୍ରେଲିଆର ଷ୍ଟିଭେନ୍ସ ସ୍ମିଥ୍ ଚତୁର୍ଥ ସ୍ଥାନକୁ ଉଠିଥିବା ବେଳେ ଭାରତର ଯଶସ୍ୱୀ ଜୟସ୍ୱାଲ ପଞ୍ଚମ ସ୍ଥାନକୁ ଖସିଛନ୍ତି । ପନ୍ତ ଅଷ୍ଟମ ଓ ଶୁଭମନ୍ ଗିଲ୍ ନବମ ସ୍ଥାନକୁ ଖସିଛନ୍ତି ।

# ସାହାଣୀ କପ ଫୁଟବଲ : ଝାରସୁଗୁଡା, ଭଦ୍ରକ ବିଜୟୀ

ରାଜକନିକା, ୧୬।୭(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗ ରେ ରାଜକନିକା ଆର. ଏନ ହାଇସ୍କୁଲ ମିନି ଷ୍ଟାଡିଅମ ଠାରେ ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଏହି ଖେଳକୁ ଆନୁଷ୍ଠାନିକ ଭାବେ ଯୋଗଦେଇ ଉଦଘାଟନ କରିଥିଲେ ପ୍ରଥମ ମ୍ୟାଚ ଜଗତସିଂହପୁର ଜିଲ୍ଲା ଓ ଝାରସୁଗୁଡା ଜିଲ୍ଲା ମଧ୍ୟରେ ହୋଇଥିଲା ଏଥିରେ ଝାରସୁଗୁଡା ଜିଲ୍ଲା ୨-୧ ଗୋଲ ରେ ବିଜୟ ଲାଭ କରିଥିଲା ସେହିପରି ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ଜିଲ୍ଲା ଭଦ୍ରକ ଜିଲ୍ଲା କୁ ଭେଟିଥିଲା ଏଥିରେ ଭଦ୍ରକ ୨-୦ ଗୋଲରେ ବିଜୟ ଲାଭ କରିଥିଲା ତମାମ ଖେଳରେ ଅତିଥି ଭାବେ,କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ,କନିକା ତହସିଲଦାର ଭାନୁମତୀ ମାଝୀ,ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ,ରାଜକନିକା ଏସ.ଏନ କଲେଜ ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା, ଓଳାଭର କଲେଜ ଅଧ୍ୟକ୍ଷ ପ୍ରଫେସର ହଳଧର ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶେଖର ଚନ୍ଦ୍ର ବାରିକ,ସ୍‌ଓ୍ୱତନ୍ତ୍ର ଅତିଥି ଭାବେ ଫାଓ ର ଉପସଭାପତି ସହଦେ ରାଉତ ଓ ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ଏହି ଅବସରରେ ରାଜକନିକା ଆଥଲେଟିକ ଆସୋସିଏସନ ର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି ବୈକୁ= ନାଥ ପରିଡା ଓ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ,ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଇଂ ପ୍ରଶାନ୍ତ ବିଶ୍ୱାଳ, ଓ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ଏବଂ ମିଡ଼ିଆ ସମ୍ପାଦକ ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ଜ୍ୟୋତି ରଞ୍ଜନ ସ୍ୱାଇଁ, ଶଶୀକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ, ଗୋଲକ ବିହାରୀ ମଲ୍ଲିକ,ବେଣୁଧର ପରିଡା, ପ୍ରକାଶ ସେନାପତି, ଶରତ ମଲିକ, ବିଜୟ ଭୂୟାଁ, ଶରତ ଜେନା,ମିର୍ଜା ଇବ୍ରାହିମ ବେଗ,ଅକ୍ଷୟ ନାଥ, ସୌମ୍ୟକାନ୍ତ ନାୟକ ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ପ୍ରଥମ ଖେଳଟି ଦିବଂଗତ ଶିକ୍ଷାବିତ ଦାମୋଦର ରାଉତ ଙ୍କୁ ଉତ୍ସର୍ଗ କରାଯାଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ ଆଳି ର ରାଜା ସାହେବ ଓ ରାଣୀ ସାହେବା ସ୍ୱର୍ଗତ ଶରତ କୁମାର ଦେବ ଓ ସୁଶ୍ରୀ ଦେବୀଙ୍କୁ ଉତ୍ସର୍ଗ କରାଯାଇ ଥିଲା

## ସାହାଣୀ କପ ଫୁଟବଲ ଉଦ୍‌ଘାଟିତ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆଜି ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ଏବଂ ସମ୍ମାନଜନକ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଲିଗ କମ ଆଉଟ ପଦ୍ଧତିରେ ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଯାଜପୁର ଜିଲ୍ଲା ବିପକ୍ଷରେ ୪-୧ ଗୋଲରେ ଏକ ସହଜ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଆଜି ଅନୁଷ୍ଠିତ ସାହାଣୀ କପ ର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ତଥା ସଂଘର୍ଷପୂର୍ଣ୍ଣ ଖେଳରେ ଘରୋଇ କେନ୍ଦୁଝର ଦଳ ଅନୁଗୋଳ ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି ।

# ଦିବ୍ୟାଙ୍କ ବିବାହ ବିଚ୍ଛେଦ



ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ଅନ୍ତର୍ଜାତୀୟ ରେସଲର ଦିବ୍ୟା କକରନଙ୍କ ବିବାହ ବିଚ୍ଛେଦ ଘଟିଛି । ସେ ତାଙ୍କ ସ୍ୱାମୀଙ୍କ ଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇଛି । ସୋସିଆଲ ମିଡିଆରେ ପୋଷ୍ଟ କରି ଦିବ୍ୟା ଏ ସମ୍ପର୍କରେ ଜଣାଇଛନ୍ତି । ମୋ ଜୀବନର ଏକ କଠିନର ନିଷ୍ପତ୍ତି ଥିଲା । ଭାବନାତ୍ମକ ଭାବେ ଜଡିତ ହେବା ପରେ ଅଲଗା ହେବା କଷ୍ଟକର ବୋଲି ସେ କହିଛନ୍ତି । ଜୀବନରେ ବେଳେ ବେଳେ ଆମେ ଏଭଳି ପରିସ୍ଥିତିରେ ପହଞ୍ଚି ଯାଉ ଯାହା ପୂର୍ବରୁ କେବେ ଭାବି ନଥିବୁ । ମୋର ପ୍ରତ୍ୟୋକ ନିଷ୍ପତ୍ତିରେ ମା, ବାପା ଓ ପରିବାର ଲୋକଙ୍କ ସମର୍ଥନ ଥିବାରୁ ସେମାନଙ୍କ ପାଖରେ ଋଣି ବୋଲି ଦିବ୍ୟା କହିଛନ୍ତି । ୨୧ ଫେବୃଆରୀ ୨୦୨୩ରେ ସେ ମିରଠର ଜିମ୍ ଟ୍ରେନ୍‌ର ସଚିନ୍ ପ୍ରତାପ ସିଂଙ୍କୁ ବିବାହ କରିଥିଲେ । ଏହା ପୂର୍ବରୁ ଉଭୟ ପରସ୍ପରକୁ ଭଲ ପାଉଥିଲେ । ୨୦୨୪ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବାରୁ ରାଜ୍ୟ ସରକାର ତାଙ୍କୁ ତହସିଲଦାର ପଦରେ ନିଯୁକ୍ତି କରିଥିଲେ । ପୂର୍ବରୁ ସେ ରେଳବାଇରେ ଟିଟି ଭାବେ କାର୍ଯ୍ୟରତ ଥିଲେ । ୨୦୧୮ ଏସିଆନ୍ ଗେମ୍ସ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡାରେ ବୋଞ୍ଜ ପଦକ ଜିତିଥିଲେ । ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଅଂଶଗ୍ରହଣ ପାଇଁ ସୁଯୋଗ ପାଇନଥିଲେ । ୨୦୨୩ ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

ସୂଚନା

SCAN & PAY

ASHIRBAD PRAKASHAN PVT.LTD.

[illegible] ଇମେଲ୍:classifiedsamaya@gmail.com [illegible]

# ଦୁଇ ପଏଣ୍ଟ ହରାଇଲା ଇଂଲଣ୍ଡ



ଲଣ୍ଡନ, ୧୬।୭ (ଏଜେନ୍ସି) : ଲର୍ଡ୍ସ ଟେଷ୍ଟରେ ଭାରତକୁ ୨୨ ରନରେ ହରାଇଥିବା ଇଂଲଣ୍ଡକୁ ବଡ ଝଟକା ଲାଗିଛି । ବିଜୟ ସତ୍ତ୍ୱେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨ ପଏଣ୍ଟ ହରାଇଛି । ଆଇସିସି ପକ୍ଷରୁ ଇଂଲଣ୍ଡର ଦୁଇ ପଏଣ୍ଟ କାଟିଦିଆଯାଇଛି । କେବଳ ଦୁଇ ପଏଣ୍ଟ ନୁହେଁ ବରଂ ଦଳ ସବୁ ଖେଳାଳିଙ୍କ ମ୍ୟାଚ ବି ୧୦ ଶତକଡା କଟାଯାଇଛି । ଭାରତ ବିପକ୍ଷ ତୃତୀୟ ଟେଷ୍ଟ ପାଇଁ ଧୀମା ଓଭରରେଟ୍ ପାଇଁ ଇଂଲଣ୍ଡ ବିରୋଧରେ ଆଇସିସି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ବୁଧବାର ଆଇସିସି ପକ୍ଷରୁ ବିବୃତିରେ କୁହାଯାଇଛି ଇଂଲଣ୍ଡ ବିରୋଧ କାର୍ଯ୍ୟାନୁଷ୍ଠାନ ମ୍ୟାଚ ରେଫରି ରିଚାର୍ଡ ସନ୍‌ଙ୍କ ଅନୁମୋଦନ କ୍ରମେ ଗ୍ରହଣ କରାଯାଇଛି । ଧାର୍ଯ୍ୟ ସମୟ ମଧ୍ୟରେ ଇଂଲଣ୍ଡ ଦୁଇ ଓଭର କମ ବୋଲିଂ କରିଥିଲା । ଏଥି ପାଇଁ ଦଳ ବରୋଧରେ ଆଇସିସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇଂଲଣ୍ଡ ଦଣ୍ଡିତ ହୋଇଥିବାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ଇଂଲଣ୍ଡ ପଏଣ୍ଟ ସଂଖ୍ୟା ୨୨ କୁ ଖସି ଆସିଛି । ଦଣ୍ଡ ବିଧାନ ପୂର୍ବରୁ ଇଂଲଣ୍ଡର ପଏଣ୍ଟ ସଂଖ୍ୟା ୨୪ ରହିଥିଲା । ଦଳ ବିଜୟ ପ୍ରତିଶତ ମଧ୍ୟ ୬୧.୧୧ % କୁ ଖସିଛି । ଲର୍ଡ୍ସରେ ଭାରତକୁ ହରାଇବା ପରେ ଇଂଲଣ୍ଡ ଡବ୍ଲ୍ୟୁସିଟି ପଏଣ୍ଟର ୨ୟ ସ୍ଥାନରେ ରହିଥିଲା ।ଆଇସିସିର କାର୍ଯ୍ୟାନୁଷ୍ଠାନ ପରେ ଇଂଲଣ୍ଡ ତୃତୀୟ ସ୍ଥାନକୁ ଖସିଛି । ଶ୍ରୀଲଙ୍କା ଦ୍ୱିତୀୟ ସ୍ଥାନକୁ ଉଠିଛି । ଭାରତ ଚତୁର୍ଥ ସ୍ଥାନରେ ଥିବା ବେଳେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି